RNI No.ODIODI/2010/33031
୧୬ ବର୍ଷ | Volume-16
ISSUE -189 | ସଂଖ୍ୟା-୧୮୯
ଭୁବନେଶ୍ୱର, ଶନିବାର ୧୧ ଅକ୍ଟୋବର ୨୦୨୫
Bhubaneswar, Saturday 11 October, 2025
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN

# ମନ୍ଥନ

www.odishamanthan.com | RNI No. ORIORI/2010/33031

ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ମାରିଆ କୋରିନାଙ୍କୁ ନୋବେଲ ଶାନ୍ତି ପୁରସ୍କାର

ନୂଆଦିଲ୍ଲୀ, ୧୦।୧୦(ଏଜେନ୍ସି): ଅନେକ ପ୍ରଚାର କରିବା ସତ୍ତ୍ୱେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ନୋବେଲ ଶାନ୍ତି ପୁରସ୍କାର ମିଳିପାରିନାହିଁ। ଗତ କିଛି ମାସ ହେବ ଅନେକ ଦେଶ ମଧ୍ୟରେ ଯୁଦ୍ଧର ସମାପ୍ତି କରି ଶାନ୍ତି ଆଣିଥିବା ଦାବି କରିଆସୁଥିବା କହୁଥିଲେ ଟ୍ରମ୍ପ। ଏହା ସହ ସେ ହିଁ ନୋବେଲ ଶାନ୍ତି ପୁରସ୍କାର ପାଇବାକୁ ଯୋଗ୍ୟ ବୋଲି ଦାବି କରୁଥିଲେ ଟ୍ରମ୍ପ। ହେଲେ ଆଜି ତାଙ୍କର ସେ ସ୍ୱପ୍ନ ଭାଙ୍ଗିଯାଇଛି। ତାଙ୍କ ପରିବର୍ତ୍ତେ ନୋବେଲ କମିଟି ଭେନେଜୁଏଲାର ବିରୋଧୀ ନେତ୍ରୀ ମାରିଆ କୋରିନା ମାଚାଡୋଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରିଛି।

ଭେନେଜୁଏଲାରେ ଗଣତନ୍ତ୍ର ଏବଂ ମାନବାଧିକାରକୁ ପ୍ରୋତ୍ସାହିତ କରିବା ଏବଂ ଦେଶରେ ଏକଛତ୍ରବାଦୀ ଶାସନର ଅନ୍ତ ଘଟାଇବା ପାଇଁ ଏକ ଶାନ୍ତିପୂର୍ଣ୍ଣ ସଂଘର୍ଷର ନେତୃତ୍ୱ ନେଇଥିବାରୁ ମାରିଆ କୋରିନା ମାଚାଡୋଙ୍କୁ ୨୦୨୫ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଛି। ମାରିଆଙ୍କୁ ଭେନେଜୁଏଲାର 'ଆଇରନ୍ ଲେଡି' ବୋଲି କୁହାଯାଏ।ଘୋଷଣା କରିବା ସମୟରେ ନୋବେଲ କମିଟି କହିଛି ଯେ, 'ଭେନେଜୁଏଲାର ଲୋକଙ୍କ ପାଇଁ ଗଣତାନ୍ତ୍ରିକ ଅଧିକାରକୁ ପ୍ରୋତ୍ସାହିତ କରିବାରେ ମାଚାଡୋଙ୍କ ଅକ୍ଳାନ୍ତ ପରିଶ୍ରମ ପାଇଁ ତାଙ୍କୁ ଏହି ସ୍ୱୀକୃତି ଦେଉଛି।'

ବିଶ୍ୱ ଶାନ୍ତି, ମାନବାଧିକାର ଏବଂ ସଂଘର୍ଷ ବନ୍ଦ କରିବାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଉଥିବା ବ୍ୟକ୍ତି କିମ୍ବା ସଂଗଠନକୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯାଏ। ଏହି ବର୍ଷ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ନୋବେଲ ଶାନ୍ତି ପୁରସ୍କାର ପାଇଁ ଦୌଡ଼ରେ ଥିଲେ, କିନ୍ତୁ ସେ ଅଳ୍ପକେ ପୁରସ୍କାର ପାଇବାରୁ ବଞ୍ଚିତ ହୋଇଛନ୍ତି।

ନୋବେଲ ପୁରସ୍କାର ୱେବସାଇଟରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଶାସକ ଦଳର ବର୍ଦ୍ଧିତ ଚାପ ବିରୁଦ୍ଧରେ ମାରିଆ କୋରିନା ମାଚାଡୋ ଭେନେଜୁଏଲାରେ ଗଣତନ୍ତ୍ର ପାଇଁ ସଂଘର୍ଷର ନେତୃତ୍ୱ ନେଇଛନ୍ତି। ୧୯୯୨ରେ, ସେ କାରାକାସରେ ବାସହୀନ ପିଲାମାନଙ୍କ କଲ୍ୟାଣ ପାଇଁ କାମ କରୁଥିବା ଆଟେନିଆ ଫାଉଣ୍ଡେସନ ପ୍ରତିଷ୍ଠା କରିଥିଲେ।



ମାରିଆ କୋରିନା ଜଣେ ଭେନେଜୁଏଲାର ଇଞ୍ଜିନିୟର, ସାମାଜିକ କର୍ମୀ ଏବଂ ବିଶିଷ୍ଟ ରାଜନେତା। ସେ ଇଞ୍ଜିନିୟରିଂ ଏବଂ ଫାଇନାନ୍ସ ପାଠପଢ଼ା କରିଥିଲେ ଏବଂ ବ୍ୟବସାୟରେ ତାଙ୍କର କ୍ୟାରିଅର ଆରମ୍ଭ କରିଥିଲେ, କିନ୍ତୁ ଶୀଘ୍ର ତାଙ୍କ ଦେଶର ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିବା ପାଇଁ ସମାଜ ସେବା ଏବଂ ରାଜନୀତିକୁ ବାଛିଥିଲେ।ମାରିଆ କୋରିନା ମାଚାଡୋ ୧୯୯୨ ଆଟେନିଆ ଫାଉଣ୍ଡେଶନ ପ୍ରତିଷ୍ଠା କରିଥିଲେ। ଏହି ସଂଗଠନ କାରାକାସରେ ବାସହୀନ ଏବଂ ଅଭାବୀ ପିଲାମାନଙ୍କ ଶିକ୍ଷା ଏବଂ କଲ୍ୟାଣ ପାଇଁ କାମ କରେ। ଏହି ଫାଉଣ୍ଡେସନ ମାଧ୍ୟମରେ, ମାଚାଡୋ ସାମାଜିକ ସଂସ୍କାର କ୍ଷେତ୍ରରେ ନିଜର ଛାପ ସୃଷ୍ଟି କରିଛନ୍ତି। ୨୦୦୨ରେ, ସେ ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନ ପାଇଁ କାମ କରୁଥିବା ଏକ ସଂଗଠନ, ସୁମାଟେ ସହିତ ପ୍ରତିଷ୍ଠା କରିଥିଲେ। ଏହି ସଂଗଠନ ଭୋଟରମାନଙ୍କୁ ତାଲିମ ଦିଏ ଏବଂ ନିର୍ବାଚନ ପ୍ରକ୍ରିୟା ଉପରେ ନଜର ରଖେ। ୨୦୧୦ରେ ରେକର୍ଡ ସଂଖ୍ୟାଗରିଷ୍ଠତା ସହିତ ସେ ଭେନେଜୁଏଲା ଜାତୀୟ ପରିଷଦକୁ ନିର୍ବାଚିତ ହେବା ପରେ ତାଙ୍କର ଲୋକପ୍ରିୟତା ବୃଦ୍ଧି ପାଇଲା। ତଥାପି, ୨୦୧୪ରେ, ଗଣତନ୍ତ୍ର ଏବଂ ସ୍ୱାଧୀନତା ପାଇଁ ତାଙ୍କର ସମର୍ଥନ ପାଇଁ ସରକାର ତାଙ୍କୁ ପଦରୁ ହଟାଇ ଦେଇଥିଲେ। ଏହି ପଦକ୍ଷେପ ମାଚାଡୋଙ୍କୁ ଦେଶ ଏବଂ ସାରା ବିଶ୍ୱରେ ଗଣତନ୍ତ୍ରର ପ୍ରତୀକ କରିଥିଲା।ମାରିଆ କୋରିନା ମାଚାଡୋ ବିରୋଧୀ ଦଳ ଭେଣ୍ଟେ ଭେନେଜୁଏଲାର ଜଣେ ପ୍ରମୁଖ ନେତ୍ରୀ। ୨୦୧୭ରେ, ସେ ସୋଏ ଭେନେଜୁଏଲା ଗଠବନ୍ଧନ ଖୋଜିବାରେ ସାହାଯ୍ୟ କରିଥିଲେ, ଯାହାର ଲକ୍ଷ୍ୟ ସମସ୍ତ ଗଣତନ୍ତ୍ର ସମର୍ଥକ ଗୋଷ୍ଠୀଗୁଡ଼ିକୁ ଏକତ୍ର କରିବା ଏବଂ ରାଜନୈତିକ ପରିବର୍ତ୍ତନ ଦିଗରେ କାର୍ଯ୍ୟ କରିବା ଥିଲା।

ଏହି ଘୋଷଣା ପୂର୍ବରୁ ଟ୍ରମ୍ପ କହିଥିଲେ ଯେ, 'ମୁଁ ୮ଟି ଯୁଦ୍ଧ ବନ୍ଦ କରିଛି, ଯାହା ଏହା ପୂର୍ବରୁ କେବେ ହୋଇନାହିଁ। କିନ୍ତୁ ନୋବେଲ କମିଟିକୁ ଯାହା କରିବାର ଥିବ ସେ କରିବେ। ସେମାନେ ଯାହା କରନ୍ତି ତାହା ଠିକ୍। ମୁଁ କୌଣସି ପୁରସ୍କାର ପାଇଁ ଯୁଦ୍ଧ ବନ୍ଦ କରିନାହିଁ। ମୁଁ ଅନେକ ଜୀବନ ବଞ୍ଚାଇବାକୁ ଏଭଳି କରିଛି।' ଏହା ସହ ସେ ପୂର୍ବତନ ରାଷ୍ଟ୍ରପତି ବରାକ୍ ଓବାମାଙ୍କୁ ଦିଆଯାଇଥିବା ନୋବେଲ୍ ପୁରସ୍କାର ଉପରେ ନିଜର ପ୍ରତିକ୍ରିୟା ଦେଇଥିଲେ। 'ସେ କିଛି ନ କରିବା ସତ୍ତ୍ୱେ ବି ପୁରସ୍କାର ପାଇଛନ୍ତି। ସେ ନିର୍ବାଚିତ ହେବା ପରେ ନୋବେଲ କମିଟି ଓବାମାଙ୍କୁ କେବଳ ଆମ ଦେଶକୁ ନଷ୍ଟ କରିବା ପାଇଁ ପୁରସ୍କାର ଦେଇଦେଲେ। ଓବାମା ଜଣେ ଭଲ ରାଷ୍ଟ୍ରପତି ନଥିଲେ' ବୋଲି ସେ କହିଥିଲେ।

## ମହାକାଶକୁ ଯିବ ଓଡ଼ିଶାର "ବ୍ୟୋମମିତ୍ର"

ଭୁବନେଶ୍ୱର, ୧୦।୧୦ ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର (ଇସ୍ରୋ)ର "ଗଗନଯାନ" ମିଶନରେ ଓଡ଼ିଶା ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ମହାକାଶକୁ ଯିବ ଓଡ଼ିଶା ରୋବର୍ଟ "ବ୍ୟୋମମିତ୍ର"। "ଗଗନଯାନ" ମିଶନରେ "ବ୍ୟୋମମିତ୍ର" ସାମିଲ ହୋଇଛି। ଭୁବନେଶ୍ୱରସ୍ଥିତ ସେଣ୍ଟ୍ରାଲ ଟୁଲ୍ ରୁମ୍ ଏଣ୍ଡ୍ ଟ୍ରେନିଂ ସେଣ୍ଟର୍ (ସିଟିଟିସି) ଏହାକୁ ତିଆରି କରିଛି। ବ୍ୟୋମମିତ୍ରକୁ ଦୀର୍ଘ ୪ ମାସ ହେବ ସିଟିଟିସି ତିଆରି କରିଛି। 'ବ୍ୟୋମିତ୍ର' ଶବ୍ଦ ସଂସ୍କୃତ ଶବ୍ଦ 'ଶୂନ୍ୟ' ଏବଂ 'ବନ୍ଧୁ'ରୁ ଆସିଛି। ମହାକାଶ ପରିବେଶରେ ମାନବକାର୍ଯ୍ୟକୁ ଅନୁକରଣ କରିବା ପାଇଁ ଡିଜାଇନ୍ କରାଯାଇଛି। ଗଗନଯାନ ମିଶନରେ ମାନବ ମହାକାଶଚାରୀ ପଠାଯିବା ପୂର୍ବରୁ, ବ୍ୟୋମମିତ୍ରକୁ ଏକ ମାନବ ବିହୀନ ପରୀକ୍ଷାମୂଳକ ଭାବେ ମହାକାଶକୁ ପଠାଯିବ। ଏହି ମାନବୀୟ ପଦାର୍ଥ ମଡ୍ୟୁଲ୍ ପାରାମିଟରଗୁଡ଼ିକୁ ନିରୀକ୍ଷଣ କରିବା, ସତର୍କତା ଜାରି କରିବା ଏବଂ ଜୀବନ-ସହଯୋଗ କାର୍ଯ୍ୟ ସମ୍ପାଦନ କରିବା ପାଇଁ ପ୍ରୋଗ୍ରାମ କରାଯାଇଛି। ଯାହାକି ଇସ୍ରୋର ପରୀକ୍ଷା ପ୍ରଣାଳୀକୁ ସାହାଯ୍ୟ କରିବ ଏବଂ ସୂକ୍ଷ୍ମ ମହାକର୍ଷଣ କିପରି ଯାନକୁ ପ୍ରଭାବିତ କରେ ତାହା ମୂଲ୍ୟାଙ୍କନ କରିବ।

## ଅସନ୍ତୋଷ ପ୍ରକାଶ କଲା ହ୍ୱାଇଟ ହାଉସ

ୱାଶିଂଟନ, ୧୦।୧୦: ନୋବେଲ ଶାନ୍ତି ପୁରସ୍କାର ୨୦୨୫ ଭେନେଜୁଏଲାର ମୁଖ୍ୟ ବିରୋଧୀ ନେତ୍ରୀ ମାରିଆ କୋରିନା ମାଚାଡୋଙ୍କୁ ପ୍ରଦାନ କରାଯାଇଛି, ଯାହାକୁ ନେଇ ହ୍ୱାଇଟ ହାଉସ ନୋବେଲ କମିଟିଙ୍କୁ ତୀବ୍ର ସମାଲୋଚନା କରିଛି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଯିଏ ଆଠଟି ଯୁଦ୍ଧର ଅନ୍ତ ଘଟାଇଥିବା ଦାବି କରି ନୋବେଲ ଶାନ୍ତି ପୁରସ୍କାର ପାଇବାକୁ ଆଗ୍ରହୀ ଥିଲେ, ତାଙ୍କୁ ଏହି ପୁରସ୍କାରରୁ ବଞ୍ଚିତ କରାଯାଇଛି। ହ୍ୱାଇଟ ହାଉସ ଅଭିଯୋଗ କରିଛି ଯେ ନୋବେଲ କମିଟି ଶାନ୍ତି ଅପେକ୍ଷା ରାଜନୀତିକୁ ପ୍ରାଧାନ୍ୟ ଦେଇ ମାଚାଡୋଙ୍କୁ ଏହି ପ୍ରତିଷ୍ଠିତ ପୁରସ୍କାର ପ୍ରଦାନ କରିଛନ୍ତି। ଏହି ନିଷ୍ପତ୍ତି ଟ୍ରମ୍ପଙ୍କ ପାଇଁ ନିରାଶାଜନକ ହୋଇଥିବା ବେଳେ ଏହା ଆମେରିକାର ରାଜନୈତିକ ମହଲରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି।

## ଜାମ୍ମୁ କାଶ୍ମୀରକୁ ରାଜ୍ୟ ମାନ୍ୟତା, କେନ୍ଦ୍ରକୁ ୪ ସପ୍ତାହ

ନୂଆଦିଲ୍ଲୀ, ୧୦।୧୦: ଜାମ୍ମୁ କାଶ୍ମୀରକୁ କାହିଁକି ଦିଆଯିବନି ପୂର୍ଣ୍ଣ ରାଜ୍ୟ ମାନ୍ୟତା ଆବେଦନ ହୋଇଥିବା ମାମଲାର ଶୁଣାଣି କରି କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି ସୁପ୍ରିମକୋର୍ଟ। ୪ ସପ୍ତାହରେ ଜବାବ ତଲବ କରିବାକୁ ନୋଟିସ ଜାରି କରିଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ।



କେନ୍ଦ୍ର ଶାସିତ ଅଞ୍ଚଳକୁ ରାଜ୍ୟ ମାନ୍ୟତା ଦାବି କରୁଥିବା ଅନେକ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ କେନ୍ଦ୍ରକୁ ନୋଟିସ କରିଛନ୍ତି। ପ୍ରଧାନ ବିଚାରପତି ବି.ଆର ଗଭଇ ଏବଂ ମୁଖ୍ୟ ବିଚାରପତି ବିନୋଦ ଚନ୍ଦ୍ରନଙ୍କୁ ନେଇ ଗଠିତ ଖଣ୍ଡପୀଠ ଆବେଦନର ଶୁଣାଣି କରି ୪ ସପ୍ତାହରେ ଜବାବ ଦେବାକୁ ନୋଟିସ ଜାରି କରିଛନ୍ତି। ଆବେଦନକାରୀଙ୍କ ମଧ୍ୟରେ ଜହୁଲ ଅହମ୍ମଦ ଭଟ୍ଟ ଏବଂ ରାଜନୈତିକ-ସାମାଜିକ କର୍ମୀ ଅହମ୍ମଦ ମଲିକ ସାମିଲ ଅଛନ୍ତି। ଆବେଦନଗୁଡିକରେ ଦାବି କରାଯାଇଛି ଯେ, ଜାମ୍ମୁ କାଶ୍ମୀରକୁ ଶୀଘ୍ର ରାଜ୍ୟ ମାନ୍ୟତା ପ୍ରଦାନ କରାଯାଉ। ଆବେଦନକାରୀଙ୍କ ଓକିଲ ଡିସେମ୍ବର ୨୦୨୩ରେ ଧାରା ୩୭୦ ରଦ୍ଦକୁ ସମର୍ଥନ କରିଥିବା କୋର୍ଟଙ୍କ ନିଷ୍ପତ୍ତି ଉପରେ ଚର୍ଚ୍ଚା କରିଥିଲେ। ଅନ୍ୟପଟେ କେନ୍ଦ୍ର ସରକାରଙ୍କ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟା କହିଛନ୍ତି, ''ଜାମ୍ମୁ କାଶ୍ମୀରକୁ ରାଜ୍ୟ ମାନ୍ୟତା ସମ୍ପର୍କରେ ଆଲୋଚନା ଚାଲିଛି। ଏଥିପାଇଁ ସମୟ ଲାଗିବ। ଏହା ଏକ ଅନନ୍ୟ ପ୍ରସଙ୍ଗ ଏବଂ ବିସ୍ତୃତ ଆଲୋଚନା ଚାଲିଛି। ଅନେକ ଦିଗ ଉପରେ ବିଚାର କରିବାକୁ ପଡିବ। ତାହା ପରେ ହିଁ ନିଷ୍ପତ୍ତି ନିଆଯିବ।''

କହି ରଖୁଛି କି, ୨୦୨୩ ଡିସେମ୍ବର ୧୧ରେ ସୁପ୍ରିମକୋର୍ଟ ତାଙ୍କ ନିଷ୍ପତ୍ତିରେ ଏକମତରେ ଧାରା ୩୭୦କୁ ଜାରି ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ବେଞ୍ଚ ରାଜ୍ୟରେ ସେପ୍ଟେମ୍ବର ୨୦୨୪ ସୁଦ୍ଧା ନିର୍ବାଚନ ହେବା ଦରକାର ଏବଂ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଦେବାକୁ କହିଥିଲେ।

### ଆଇନଜୀବୀ ପୀତବାସ ହତ୍ୟା ମାମଲା

## ୫୦ ଜଣଙ୍କୁ ଜେରା, ଖୁବ୍‌ଶୀଘ୍ର ହଟିବ ପରଦା

ବ୍ରହ୍ମପୁର, ୧୦।୧୦: ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ପ୍ରାୟ ୫୦ ଜଣଙ୍କୁ ଜେରା କରାଯାଇଥିବା ବ୍ରହ୍ମପୁର ଏସ୍‌ପି ସୂଚନା ଦେଇଛନ୍ତି। ସନ୍ଦେହରେ ୫ରୁ ୬ ଜଣଙ୍କୁ ପଚରାଉଚରା କରାଯାଉଛି। ଏଥିସହ ପ୍ରତ୍ୟକ୍ଷଦର୍ଶୀ, ସହକର୍ମୀଙ୍କୁ ମିଶାଇ ଏଯାବତ୍ ୫୦ ଜଣଙ୍କୁ ଜେରା କରାଗଲାଣି। ଗୁଳିକୁ ବାଲିଷ୍ଟିକ୍ ଏକ୍ସପର୍ଟଙ୍କ ନିକଟକୁ ପଠାଯାଇଛି। ପୋଷ୍ଟମର୍ଟମ ରିପୋର୍ଟ ଖୁବ୍‌ଶୀଘ୍ର ଆସିଲେ ଅଧିକ ତଥ୍ୟ ଜଣାପଡ଼ିବ।

ସିସିଟିଭି ଦ୍ୱାରା ବହୁତ ସୁରାକ ମଧ୍ୟ ଆମକୁ ମିଳିଛି। ଘଟଣା ଦିନ ପୀତବାସଙ୍କ ଗତିବିଧି ସିସିଟିଭିରୁ ଜାଣିପାରିଛୁ। ଅଫିସରୁ କେଉଁ ସମୟରେ ବାହାରିଲେ, କେଉଁ ରାସ୍ତାରେ ଗଲେ ଜାଣିପାରିଛୁ। ସେହି ସମୟରେ ରାସ୍ତାରେ ଥିବା କିଛି ଲୋକଙ୍କୁ ଆମେ ସନ୍ଦେହ କରିଛୁ। କାହିଁକି ସେମାନେ ସେଠି ଥିଲେ, କ'ଣ କରୁଥିଲେ ବୋଲି ପଚରାଉଚରା କରୁଛୁ। ଦାମୀ ଗାଡ଼ିକୁ ନେଇ ସନ୍ଦେହ ହେବାରୁ ଡାକି ପଚରାଉଚରା କରୁଛୁ। ହତ୍ୟା ରହସ୍ୟ ଖୁବ୍‌ଶୀଘ୍ର ଉନ୍ମୋଚିତ ହେବ ବୋଲି ଆଶା କରୁଥିବା ଏସ୍‌ପି କହିଛନ୍ତି। ପୋଲିସ ୬ଟି ଟିମ ଗଠନ କରି ତଦନ୍ତ କରୁଥିବା କଥା କହୁଛି। ୬୦ରୁ ୭୦ ଫୁଟେଜ ସଂଗ୍ରହ କରିଛି। କିଏ କେଉଁ ଭଳି ଭାବେ ତଦନ୍ତ କରିବେ ତାହା ବି ସ୍ଥିର କରିଛି। କିନ୍ତୁ ଗୁରୁବାର ସନ୍ଧ୍ୟା ସୁଦ୍ଧା କୌଣସି ଅଗ୍ରଗତି ହେଉନଥିବାରୁ ଅପରାଧୀଙ୍କୁ ଖସାଇବାକୁ ଉଦ୍ୟମ ଚାଲିଥିବା ସନ୍ଦେହକୁ ସାଧାରଣରେ ଦୃଢ଼ୀଭୂତ କରିଛି। ସ୍ୱାମୀଙ୍କୁ ହରାଇ ପୀତବାସଙ୍କ ସ୍ତ୍ରୀ ନୀରବ ହୋଇଯାଇଥିବାବେଳେ ହତ୍ୟା ଘଟଣାକୁ ନେଇ ସେ କିଛି କହିପାରୁନାହାନ୍ତି। କେବଳ ତାଙ୍କର କେହି ଶତ୍ରୁ ନ ଥିବା କହୁଛନ୍ତି।

## ଭାରତରୁ ତାଲିବାନ ମନ୍ତ୍ରୀଙ୍କ ପାକିସ୍ତାନକୁ ଚେତାବନୀ

ନୂଆଦିଲ୍ଲୀ, ୧୦।୧୦: ତାଲିବାନ ବୈଦେଶିକ ମନ୍ତ୍ରୀ ଆମିର ଖାନ ମୁତ୍ତାକୀ ଶୁକ୍ରବାର ଭାରତ ଗସ୍ତରେ ଆସି ଆଫଗାନିସ୍ତାନ ମାଟି କୌଣସି ଦେଶ ବିରୋଧରେ ବ୍ୟବହାର ହେବାକୁ ଦିଆଯିବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଛନ୍ତି, ଯାହାକୁ ପାକିସ୍ତାନ ଉପରେ ଏକ ପରୋକ୍ଷ ଆକ୍ଷେପ ଭାବେ ଦେଖାଯାଉଛି। ତାଙ୍କ ପ୍ରଥମ ଭାରତ ଗସ୍ତରେ ମୁତ୍ତାକୀ ପାକିସ୍ତାନକୁ ଚେତାବନୀ ଦେଇ କହିଛନ୍ତି, "ଆଫଗାନଙ୍କ ସାହସର ପରୀକ୍ଷା କରନ୍ତୁ ନାହିଁ।" ପାକିସ୍ତାନ ସୀମାନ୍ତ ନିକଟରେ ତେହରିକ-ଏ-ତାଲିବାନ ପାକିସ୍ତାନ (ଟିଟିପି) କ୍ୟାମ୍ପକୁ ଟାର୍ଗେଟ କରି କାବୁଲରେ କ୍ରସ-ବର୍ଡର ଆକ୍ରମଣ କରିବା ପରେ ଏହି କଠୋର ଚେତାବନୀ ଦିଆଯାଇଛି।



ମୁତ୍ତାକୀ କହିଛନ୍ତି, "ପାକିସ୍ତାନର ଏହି କାର୍ଯ୍ୟ ଭୁଲ ଅଟେ। ୪୦ ବର୍ଷ ପରେ ଆଫଗାନିସ୍ତାନରେ ଶାନ୍ତି ଓ ପ୍ରଗତି ଆସିଛି। ଯଦି କେହି ଏହାର ପରୀକ୍ଷା କରିବାକୁ ଚାହୁଁଛନ୍ତି, ତେବେ ସେମାନେ ସୋଭିଏତ ୟୁନିଅନ, ଆମେରିକା ଓ ନାଟୋଙ୍କୁ ପଚାରନ୍ତୁ, ଯେଉଁମାନେ ଆଫଗାନିସ୍ତାନ ସହ ଖେଳ ଖେଳିବାର ପରିଣାମ ଜାଣିଛନ୍ତି।"

ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସରେ ମୁତ୍ତାକୀ ଭାରତୀୟ ବୈଦେଶିକ ମନ୍ତ୍ରୀ ଡ. ଏସ ଜୟଶଙ୍କରଙ୍କ ସହ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି। ଜୟଶଙ୍କର ଘୋଷଣା କରିଛନ୍ତି ଯେ ଭାରତ କାବୁଲରେ ନିଜର ଦୂତାବାସ ପୁନର୍ବାର ଖୋଲିବ। ସେ ଆଫଗାନିସ୍ତାନର ସାର୍ବଭୌମତ୍ୱ, ଆଞ୍ଚଳିକ ଅଖଣ୍ଡତା ଓ ସ୍ୱାଧୀନତା ପ୍ରତି ଭାରତର ସମର୍ଥନକୁ ପୁନର୍ବ୍ୟକ୍ତ କରିଛନ୍ତି।

ମୁତ୍ତାକୀ ଆଞ୍ଚଳିକ ସ୍ଥିରତା ପାଇଁ ଆଫଗାନିସ୍ତାନର ପ୍ରତିବଦ୍ଧତା ଉପରେ ଜୋର ଦେଇ କହିଛନ୍ତି, "ଆମେ ସୁରକ୍ଷା ସହଯୋଗ ଉପରେ ବିସ୍ତୃତ ଆଲୋଚନା କରିଛୁ। ଆଫଗାନ ଭୂମି କୌଣସି ଦେଶ ବିରୋଧରେ ବ୍ୟବହାର ହେବାକୁ ଦିଆଯିବ ନାହିଁ।" ସେ ଦ୍ୱିପାକ୍ଷିକ ବାଣିଜ୍ୟରେ ବାଧା ହଟାଇବା ପାଇଁ ଏକ ଯୁଗ୍ମ ବାଣିଜ୍ୟ କମିଟି ଗଠନ କରାଯିବ ବୋଲି ଘୋଷଣା କରିଛନ୍ତି।

ମୁତ୍ତାକୀ ପାକିସ୍ତାନର କ୍ରସ-ବର୍ଡର କାର୍ଯ୍ୟକୁ ନିନ୍ଦା କରି କହିଛନ୍ତି, "ଏହି ପଦ୍ଧତିରେ ସମସ୍ୟାର ସମାଧାନ ହେବ ନାହିଁ। ଆଫଗାନ ଜନତାଙ୍କ ଧୈର୍ଯ୍ୟ ଓ ସାହସର ପରୀକ୍ଷା କରାଯିବା ଉଚିତ ନୁହେଁ।" ସେ ବ୍ରିଟିଶ, ସୋଭିଏତ ଓ ଆମେରିକାଙ୍କ ଐତିହାସିକ ଶିକ୍ଷାକୁ ମନେ ରଖିବାକୁ ପରାମର୍ଶ ଦେଇଛନ୍ତି। ଜୟଶଙ୍କର କ୍ରସ-ବର୍ଡର ଆତଙ୍କବାଦର ସାଧାରଣ ଚ୍ୟାଲେଞ୍ଜ ଉପରେ ଆଲୋକପାତ କରି ଆତଙ୍କବାଦ ବିରୋଧରେ ମିଳିତ ପ୍ରୟାସର ଆବଶ୍ୟକତା ଉପରେ ଜୋର ଦେଇଛନ୍ତି। ସେ ଆଫଗାନିସ୍ତାନ ପାଇଁ ଛଅଟି ନୂଆ ପ୍ରକଳ୍ପ, ୨୦ଟି ଆମ୍ବୁଲାନ୍ସ, ଏମଆରଆଇ ଓ ସିଟି ସ୍କାନ ମେସିନ, ଟିକା, କର୍କଟ ଔଷଧ ଏବଂ ମାଦକ ପୁନର୍ବାସନ ସହାୟତା ଘୋଷଣା କରିଛନ୍ତି। ପ୍ରତୀକାତ୍ମକ ଭାବେ ସେ ମୁତ୍ତାକୀଙ୍କୁ ପାଞ୍ଚଟି ଆମ୍ବୁଲାନ୍ସ ହସ୍ତାନ୍ତର କରିଛନ୍ତି।

### ଡାହୁକ



ବିଶ୍ୱ ବ୍ୟାଙ୍କରୁ କରଜ ନେବାରେ
ନମ୍ବର ୱାନ୍ ଭାରତ
ଛପନ ଇଞ୍ଚିଆ ଛାତି ରଖି ଥିବା
ଲୋକଟା କେମିତି ମରଦ..?
ଗୁଲି ଗପ ମେଞ୍ଚେ ଜାଣିଚି
ସହଜେ ଗୋଦରା କୋଡିବ କଅଣ
କୋଡା ଜମି ତକ ମାଡୁଚି।
- ବିଧୁ

## ମହାକାଳପଡ଼ା ତହସିଲଦାର ଗିରଫ

ମହାକାଳପଡ଼ା, ୧୦/୧୦: ଆୟଠାରୁ ୧୯୦% ଅଧିକ ସମ୍ପତ୍ତି ଠୁଳ କରିବା ପଡ଼ିଲା ମହଙ୍ଗା। କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ତହସିଲଦାର ଶିବ ମଲ୍ଲିକଙ୍କୁ ବାନ୍ଧିଲା ଭିଜିଲାନ୍ସ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗୁରୁବାର ତାଙ୍କୁ ଗିରଫ କରାଯାଇଥିଲା। ଆଜି ଅର୍ଥାତ ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗୁରୁବାର ତହସିଲଦାରଙ୍କ ଘରେ ଭିଜିଲାନ୍ସ ରେଡ୍ ହୋଇଥିଲା। ରେଡ୍ ବେଳେ ବିପୁଳ ସମ୍ପତ୍ତି ଠାବ କରାଯାଇଥିଲା। ଚଢ଼ାଉ ବେଳେ ୪ କୋଠା, ୭ ପ୍ଲଟ୍, ୧୮ ଲକ୍ଷ ଜମା, ନଗଦ ୧.୫୫ ଲକ୍ଷ ଟଙ୍କା ଜବତ କରିଥିଲା ଭିଜିଲାନ୍ସ ଟିମ୍। ଯାହାକୁ ନେଇ ସେ ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ। ତେଣୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଥିଲା। ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।



## ଦିଲ୍ଲୀରୁ ଫେରିଲେ ନବୀନ

ଭୁବନେଶ୍ୱର, ୧୦।୧୦(ନି.ପ୍ର.): ନୂଆପଡ଼ା ଉପନିର୍ବାଚନ ପୂର୍ବରୁ ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୁକ୍ରବାର ଦିଲ୍ଲୀରୁ ଭୁବନେଶ୍ୱର ଫେରି ଆସିଛନ୍ତି। ନବୀନ ଭୁବନେଶ୍ୱର ଫେରିବା ପରେ ପ୍ରାର୍ଥୀ ଘୋଷଣା ନେଇ ଚର୍ଚ୍ଚା ଜୋର ଧରିଛି। ୨ ଲକ୍ଷ ୫୩ ହଜାର ୬୨୪ ଭୋଟର ବିଶିଷ୍ଟ ନୂଆପଡ଼ା ଆସନରେ ଆସନ୍ତା ନଭେମ୍ବର ୧୧ରେ ଉପନିର୍ବାଚନ ହେବ। କଂଗ୍ରେସ ପ୍ରାର୍ଥୀ ଘୋଷଣା କରିସାରିଥିବା ବେଳେ ବିଜେଡି ଏବଂ ଭାଜପା ପ୍ରାର୍ଥୀ ଘୋଷଣା କରି ନାହିଁ।ଅନ୍ୟପକ୍ଷେ ବିଜେଡି ସଭାପତି ନବୀନ ପଟ୍ଟନାୟକ ନଭେମ୍ବର ୧୧ରେ ଅନୁଷ୍ଠିତ ହେବାକୁ ଥିବା ନୂଆପଡ଼ା ବିଧାନସଭା ଉପନିର୍ବାଚନ ପ୍ରଚାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ତିନୋଟି ଗୁରୁତ୍ୱପୂର୍ଣ୍ଣ କମିଟି ଗଠନ କରିଛନ୍ତି। ଏହି କମିଟିଗୁଡ଼ିକରେ ପୂର୍ବତନ ମନ୍ତ୍ରୀ, ବର୍ତ୍ତମାନର ଓ ପୂର୍ବତନ ବିଧାୟକ, ଜଣେ ରାଜ୍ୟସଭା ସାଂସଦ ଏବଂ ସ୍ଥାନୀୟ ରାଜନୈତିକ ନେତାମାନଙ୍କୁ ସାମିଲ କରାଯାଇଛି।

## ଗାଜା ଉପରେ ଇସ୍ରାଏଲର ବୋମା ବର୍ଷା, ୩୦ ପାଲେଷ୍ଟାଇନ୍ ମୃତ

ନୂଆଦିଲ୍ଲୀ, ୧୦/୧୦(ନି.ପ୍ର.): ୨ ବର୍ଷ ହେଲା ଜାରି ଥିବା ପାଲେଷ୍ଟିନୀୟ ଆତଙ୍କୀ ଗୋଷ୍ଠୀ ହମାସ୍ ଏବଂ ଇସ୍ରାଏଲ ସଂଘର୍ଷରେ ପ୍ରଥମ ପର୍ଯ୍ୟାୟ ଯୁଦ୍ଧବିରତି ଲାଗି ଉଭୟ ପକ୍ଷ ରାଜି ହୋଇଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ୨୦ ସୂତ୍ରୀ ପ୍ରସ୍ତାବ ଅନୁଯାୟୀ ଯୁଦ୍ଧବିରତିର ପ୍ରଥମ ପର୍ଯ୍ୟାୟ ଲାଗୁ ହୋଇଥିବା ଜଣାଯାଇଛି। ହେଲେ ଡୋନାଲ୍ଡ ଟ୍ରମ୍ପଙ୍କ 'ଶାନ୍ତି ଚୁକ୍ତି' ଏକପ୍ରକାର ବିଫଳ ହୋଇଥିବା ଜଣାପଡିଛି। ଗାଜା ଉପରେ ପୁଣି ଇସ୍ରାଏଲ ବୋମା ବର୍ଷା କରିଛି। ଏଥିରେ ୩୦ ଜଣଙ୍କର ମୃତ୍ୟୁ ହୋଇଥିବା ଦାବି କରିଛି ପାଲେଷ୍ଟାଇନ୍। ଏହି ଆକ୍ରମଣ ସେବେ ହୋଇଛି ଯେବେ ଇସ୍ରାଏଲ କ୍ୟାବିନେଟ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ 'ଗାଜା ଶାନ୍ତି ପ୍ଲାନ' ଉପରେ ମତଦାନ ନେଇ ବୈଠକ ଚାଲିଥିଲା। ଯାହାର ଉଦ୍ଦେଶ୍ୟ ଥିଲା ଗାଜା ଯୁଦ୍ଧକୁ ସ୍ଥାୟୀ ରୂପରେ ସମାପ୍ତ କରିବା।ଆଇଡିଏଫ ବୟାନ- 'ହମାସ ଠିକଣାରେ ହମଲା'; ଗାଜା ନାଗରିକ ସୁରକ୍ଷା ଏଜେନ୍ସି ରିପୋର୍ଟ କରିଛି ଯେ, ଏପର୍ଯ୍ୟନ୍ତ ୪ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଅନେକ ଭଗ୍ନାବଶେଷ ତଳେ ଫସି ରହିଛନ୍ତି। ଅଲ୍-ଶିଫା ହସ୍ପିଟାଲ ନିର୍ଦ୍ଦେଶକ ମହମ୍ମଦ ଆବୁ ସଲମିୟା କହିଛନ୍ତି ଯେ, ବୁଧବାରଠୁ ୩୦ ଜଣ ପାଲେଷ୍ଟାଇନୀଙ୍କ ମୃତ୍ୟୁ ଘଟିଛି। ଆଇଡିଏଫ ବିବୃତ୍ତି ଅନୁଯାୟୀ, 'ଆମେ ହମାସର ସେ ଆତଙ୍କବାଦୀଙ୍କୁ ଟାର୍ଗେଟ କରିଥିଲୁ ଯେଉଁମାନେ ଇସ୍ରାଏଲୀ ସୈନ୍ୟଙ୍କ ନିକଟତର ଥିଲେ। ସେମାନଙ୍କ ପାଇଁ ବିପଦ ସୃଷ୍ଟି କରୁଥିଲେ।''ଏଏଫପି ଅନୁଯାୟୀ, ଗାଜାରେ ଯୁଦ୍ଧବିରାମ ପାଇଁ ପ୍ରାୟ ୨୦୦ ଆମେରିକୀୟ ସୈନ୍ୟଙ୍କ ଏକ ଦଳ ନିୟୋଜିତ କରାଯିବ। ଇସ୍ରାଏଲ ଏବଂ ହମାସ ମଧ୍ୟରେ ସମ୍ପ୍ରତି ହୋଇଥିବା ଯୁଦ୍ଧବିରତି ଚୁକ୍ତିନାମାର ସଫଳତା ସୁନିଶ୍ଚିତ କରିବା ଏବଂ ବନ୍ଧକଙ୍କ ମୁକ୍ତ ପ୍ରକ୍ରିୟାରେ ସହାୟତା କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି।ଟ୍ରମ୍ପଙ୍କ ଯୁଦ୍ଧବିରତି ଚୁକ୍ତିନାମା ଘୋଷଣା- ଆକ୍ରମଣର ମାତ୍ର କିଛି ଘଣ୍ଟା ପୂର୍ବରୁ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଥିଲେ ଯେ, ଇସ୍ରାଏଲ ଏବଂ ହମାସ ପ୍ରଥମ ପର୍ଯ୍ୟାୟ ଯୁଦ୍ଧବିରତି ପାଇଁ ସହମତ ହୋଇଛନ୍ତି। ଇସ୍ରାଏଲୀ ସରକାର ଏହି ଚୁକ୍ତିନାମାକୁ ଅନୁମୋଦନ କରିବେ, ଯୁଦ୍ଧ ତୁରନ୍ତ ଶେଷ ହେବ। ଏହି ଚୁକ୍ତିନାମା ବନ୍ଧକଙ୍କ ମୁକ୍ତି ପାଇଁ ମଧ୍ୟ ପଥ ପ୍ରଶସ୍ତ କରିବ ଏବଂ ସମସ୍ତ ବନ୍ଧକଙ୍କୁ ଦୁଇ ଦିନ ମଧ୍ୟରେ ମୁକ୍ତ କରାଯିବ। ସେପଟେ ଗାଜାରେ ଯୁଦ୍ଧବିରତି ଚୁକ୍ତିକୁ ଇସ୍ରାଏଲ କ୍ୟାବିନେଟ୍‌ର ମଞ୍ଜୁରୀ ଦେଇଛି। ବନ୍ଦୀ ହୋଇ ରହିଥିବା ସମସ୍ତ ବ୍ୟକ୍ତିଙ୍କୁ ମୁକ୍ତ କରିବାକୁ ଅନୁମୋଦନ ମିଳିଛି। ୭୨ ଘଣ୍ଟା ମଧ୍ୟରେ ପାଲେଷ୍ଟାଇନ୍ ବନ୍ଦୀ ମିକୁଳିବେ। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଜାରି ହୋଇଛି।



୨୦୨୩ ଅକ୍ଟୋବର ୭ରେ ହମାସ୍ ଆତଙ୍କୀ ଇସ୍ରାଏଲରେ ପଶି ଆକ୍ରମଣ କରିଥିଲେ। ଏଥିରେ ପ୍ରାୟ ୧,୨୦୦ ଇସ୍ରାଏଲୀଙ୍କ ମୃତ୍ୟୁ ଘଟିଥିଲା। ଏହା ପରଠାରୁ ଇସ୍ରାଏଲ ଗାଜାରେ ଜୋରଦାର ପ୍ରତିଆକ୍ରମଣ ଜାରି ରଖି ଏହି ସହରକୁ ଧ୍ୱଂସସ୍ତୂପ ବନାଇଦେଇଛି। ଏଥିରେ ପ୍ରାୟ ୬୭ ହଜାର ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଛି।

## ଧରାପଡ଼ିଲେ ଆକାଉଣ୍ଟାଣ୍ଟ

ଜଳେଶ୍ୱର, ୧୦।୧୦(ନି.ପ୍ର.): ମ୍ୟୁନିସିପାଲିଟିରେ ହୋଡିଂ ଓ ଲାଇଟ୍ ପୋଷ୍ଟ ବାବଦରେ ବିଲ୍ ପାସ କରିବାକୁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ରେଡ୍ ହ୍ୟାଣ୍ଡରେ ଆକାଉଣ୍ଟାଣ୍ଟ ବ୍ରଜଗୋପାଳ ଘୋଷ ମହାପାତ୍ରଙ୍କୁ ଧରିଛି ବାଲେଶ୍ୱର ଭିଜିଲାନ୍ସ ଟିମ୍।

ସୂଚନା ଅନୁସାରେ, ଶୁକ୍ରବାର ମଧ୍ୟାହ୍ନରେ ଅଭିଯୋଗକାରୀ ତଥା ଠିକାଦାର ଜ୍ୟୋତି ମହାପାତ୍ର ମ୍ୟୁନିସିପାଲିଟିରେ ହୋଡିଂ ଓ ଲାଇଟ୍ ପୋଷ୍ଟ କାର୍ଯ୍ୟ ପାଇଁ ବିଲ୍ ଉଠାଇବାକୁ ଆସିଥିଲେ,ମାତ୍ର ଆକାଉଣ୍ଟାଣ୍ଟ ବ୍ରଜଗୋପାଳ ଘୋଷ ମହାପାତ୍ର ୧ ଲକ୍ଷ ଟଙ୍କା ବିଲ୍ ପାସ କରିବାକୁ ଠିକାଦାରଙ୍କୁ ୨୦ ହଜାର ଟଙ୍କା ଦାବି କରିଥିଲେ। ଠିକାଦାର ଉକ୍ତ କଥାରେ ରାଜି ହୋଇ ଆକାଉଣ୍ଟାଣ୍ଟଙ୍କୁ ୧୦ ହଜାର ଟଙ୍କା ଦେଇ ଜିଲା ଭିଜିଲାନ୍ସ ଅଫିସକୁ ଖବର ଦେଇଥିଲେ। ତେବେ ଆଜି ଯୋଜନା ମୁତାବକ ଭିଜିଲାନ୍ସ ଡିଏସ୍‌ପି ସିକନ୍ଦର ହେମ୍ବ୍ରମଙ୍କ ନେତୃତ୍ୱରେ ୬ ଜଣିଆ ଟିମ୍ ଚଢ଼ାଉ କରି ୧୦ ହଜାର ଟଙ୍କା ଜବତ କରିବା ସହିତ କମ୍ପ୍ୟୁଟରର ହାର୍ଡ ଡିସ୍କ ଓ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରି ବ୍ରଜଗୋପାଳଙ୍କୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି।

### ଏସ୍‌ଆଇ ନିଯୁକ୍ତି ଘୋଟାଲା

## କ୍ରାଇମବ୍ରାଞ୍ଚ ମୁଖ୍ୟାଳୟରେ ହାଜର ହେଲେ 'ବଣିକ'ର ୩ ଅଧିକାରୀ

ଭୁବନେଶ୍ୱର, ୧୦।୧୦: ଓଡ଼ିଶା ପୋଲିସ ସବ-ଇନ୍ସପେକ୍ଟର (ଏସଆଇ) ନିଯୁକ୍ତି ପ୍ରକ୍ରିୟାରେ ଘୋଟାଲା ଅଭିଯୋଗକୁ ନେଇ କ୍ରାଇମବ୍ରାଞ୍ଚ ଭୁବନେଶ୍ୱର ସିଆରପି ଛକସ୍ଥିତ 'ବଣିକ' କୋଚିଂ ସେଣ୍ଟର ଉପରେ ଚଢ଼ାଉ କରିଥିଲା। ତେବେ ଶୁକ୍ରବାର କଟକ କ୍ରାଇମବ୍ରାଞ୍ଚ ମୁଖ୍ୟାଳୟରେ 'ବଣିକ'ର ୩ ଅଧିକାରୀ ହାଜର ହୋଇଥିବା ସୂଚନା ମିଳିଛି। ୩ ଜଣଙ୍କୁ ହାଜର ହେବାକୁ ନୋଟିସ କ୍ରାଇମବ୍ରାଞ୍ଚ ନୋଟିସ କରିଥିଲା। ପୋଲିସ ଏସ୍‌ଆଇ ନିଯୁକ୍ତି ଘୋଟାଲାରେ 'ବଣିକ'ର ଲିଙ୍କ ନେଇ ତନାଘନା ଚାଲିଛି। ଏହି ଘୋଟାଲାରେ ପରୀକ୍ଷାର୍ଥୀଙ୍କ ପାଇଁ ଫିକ୍ସିଂ ଅଭିଯୋଗ ସାମ୍ନାକୁ ଆସିଥିବା ବେଳେ, କ୍ରାଇମବ୍ରାଞ୍ଚ ଡିଏନରେନ୍ଦ୍ର ବେହେରା ସୂଚନା ଦେଇଛନ୍ତି ଯେ, ଗିରଫ ହୋଇଥିବା ୧୧୪ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ କିଛି ପରୀକ୍ଷାର୍ଥୀ 'ବଣିକ' କୋଚିଂ ସେଣ୍ଟରରୁ ପଠାଯାଇଥିବା ଜଣାପଡ଼ିଛି। ଗତକାଲି କ୍ରାଇମବ୍ରାଞ୍ଚ ଅଧିକାରୀମାନେ 'ବଣିକ'ର ଗତ ୫ ବର୍ଷର ରେକର୍ଡ ଯାଞ୍ଚ କରିଥିଲେ ଏବଂ ଏହି ଘୋଟାଲାରେ ସେଣ୍ଟରର ଭୂମିକା ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ କରିବାକୁ ଚେଷ୍ଟା କରିଥିଲେ।



## ସମୁଦ୍ରରେ ବୁଡ଼ିଲା ମାଛଧରା ଟ୍ରଲର

ରାଜନଗର, ୧୦।୧୦(ନି.ପ୍ର.): ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ନିଷିଦ୍ଧାଞ୍ଚଳରେ ବେଆଇନ ଭାବରେ ମାଛ ଧରିବାକୁ ଆସିଥିବା ଭଦ୍ରକ ଅଞ୍ଚଳର



ରତ୍ନପ୍ରଭା ଟ୍ରଲରଟି ବାଟବଣା ହୋଇ ଗଭୀର ସମୁଦ୍ରର ଚଡ଼ାରେ ଧକ୍କା ଖାଇବା ପରେ ଜୁଆର ଛାଡ଼ିବା ପରେ ସାତଭାୟା ନିକଟସ୍ଥ ସମୁଦ୍ର କୂଳରେ ଭଗ୍ନ ଅବସ୍ଥାରେ ଲାଗିଛି। ତେବେ ଏଥିରେ ଥିବା ୮ ମତ୍ସ୍ୟଜୀବୀ ପ୍ରାଣ ବିକଳରେ କୂଳରେ ଲାଗି ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି। ଖବର ପାଇ ରାଜନଗର ଡିଏଫ୍‌ଓ ଭରଦ୍ୱାଜ ଗାଁଙ୍କରଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟର କପିଳେନ୍ଦ୍ର ପ୍ରଧାନ, ରତନ ପାଣି ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଟ୍ରଲରଟିକୁ ଜବତ କରିଛନ୍ତି।



# ଶିକ୍ଷକ ବଦଳୀ ବାତିଲ ଦାବି ଜୋର ଧରିଲା



ଡେଲାଙ୍ଗ,୧୦।୧୦:(ମନ୍ଥନ)ଡେଲାଙ୍ଗ ବ୍ଲକ ଗଡମୋଟରୀ ପଂଚାୟତ ଅର୍ନ୍ତଗତ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆ।କୋଇ ର ସହକାରୀ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ଡେପୁଟେସନରେ ବଦଳି ହୋଇଛି । ଏହି ବଦଳି ନିର୍ଦ୍ଦେଶକୁ ବାତିଲ କରିବା ଦାବୀ କରି ଆ।ଜି ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଭିଭାବକମାନେ ସ୍କୁଲ ଗେଟରେ ତାଲା ପକାଇ ଗେଟ ସମ୍ମୁଖରେ ଆ।ନ୍ଦୋଳନରେ ବସି ରହିଛନ୍ତି । ଆ।ମ ଶିକ୍ଷକ ଗୋବିନ୍ଦ ସାରଙ୍କୁ ଫେରାଇ ଦିଅ ଛାତ୍ରଛାତ୍ରୀ ଅଭିଭାବକ ମାନଙ୍କର ଗୋଟିଏ ସ୍ଲୋଗାନ ରହିଥିଲା । କିନ୍ତୁ ଦିର୍ଘ ସମୟ ଧରି ଆ।ନ୍ଦୋଳନ ଚାଲିଥିବା ବେଳେ ଆ।ନ୍ଦୋଳନ ସ୍ଥଳରେ କୌଣସି ଅଧିକାରୀ କି ଶିକ୍ଷା ବିଭାଗ ପହଂଚି ନଥିବାରୁ ଅସନ୍ତୋଷ ବଢିବାରେ ଲାଗିଛି । ଦାବୀ ପୁରଣ ନହେଲା ଯାଏଁ ଏହି ଆ।ନ୍ଦୋଳନ ଜାରୀ ରହିବ ବୋଲି ଅଭିଭାବକମାନେ କହିଛନ୍ତି । ତେବେ ଡେଲାଙ୍ଗ ବ୍ଲକ ପରିସରରେ ନୁପୁଣ କର୍ଯ୍ୟକ୍ରମ ଚାଲିଥିବା ବେଳେ ସେଠାରେ ବିଧାୟକ ଆ।ଶ୍ରିତ ପଟ୍ଟନାୟକ ଉପସ୍ଥିତ ଥିଲେ । ସେହିପରୀ ହାଟ ଡେଲାଙ୍ଗସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ କ୍ରିଡା ଉତ୍ସବରେ ଅତିଥୀଭାବେ ବ୍ଲକ ଶିକ୍ଷାଧିକାରୀ ଶତୃଘ୍ନ ବେହେରା ଯୋଗଦେଇଥିଲେ । କିନ୍ତୁ ଆ।କୋଇ ସ୍କୁଲ ସମ୍ମୁଖରେ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଆ।ନ୍ଦୋଳନକୁ ୫ଘଂଟା ବିତିଯାଇଥିଲେ ସୁଧା ଆ।ନ୍ଦୋଳନ ସ୍ଥଳକୁ କେହି ନଯିବା ଘଟଣା ଡେଲାଙ୍ଗ ଅଂଚଳରେ ଏହି ଘଟଣାକୁ ବୁଧୀଜୀବୀମାନେ ନିନ୍ଦା କରିଛନ୍ତି । ଅନ୍ୟପଟେ ବ୍ଲକ ଶିକ୍ଷଧିକାରୀ ଶ୍ରୀ ବେହେରାଙ୍କୁ ଘଟଣା ସମ୍ପର୍କରେ ପଚାରିଲେ ସେ କୁହନ୍ତି ମୁଁ ଏବେ କ୍ରିଡା ଉତ୍ସବରେ ଅଛି । ବ୍ଲକ ଅଧକ୍ଷା,ଉପାଧକ୍ଷ ଓ ସରପଂଚ ଘଟଣାସ୍ଥଳରେ ପହଂଚି ଆ।ନ୍ଦୋଳନ ପ୍ରତ୍ୟାହାର କରିବେ ବୋଲି ସେ କହିଥିଲେ । ଆ।ନ୍ଦୋଳନସ୍ଥଳରେ କେହି ପହଂଚିନଥିବା ସହ୨ୟ ଦିନ ଆ।ନ୍ଦୋଳନ ଜାରି ରହିବ ବୋଲି ସୁଚନା ମିଳିଛି ।

# ଡଭାର ଗ୍ରାମକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇଁ ଜିତେନ୍ଦ୍ରୀୟଙ୍କ ଦାବି



ଗୋପ,୧୦।୧୦:(ମନ୍ଥନ) ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୮ ତମ ଜୟନ୍ତୀ ଓ ଆ।ଲୋଚନା ଚକ୍ର ଗତ ୯ ତାରିଖରେ ଅପରାହ୍ନ ୩ ଘଟିକା ସମୟରେ ଅନୁଷ୍ଠିତ ହୋଇଯାଇଛି । ଗୋପବନ୍ଧୁ ଦାସଙ୍କର କର୍ମଭୂମି ଟି ହେଉଛି ପୁରୀ ଜିଲ୍ଲା ଗୋପ ବ୍ଲକ ଅନ୍ତଗତ ଡ଼ଭାର ଗ୍ରାମରେ । ପୁରୀ ଜିଲ୍ଲାର ଗୋପ ବ୍ଲକ ଅନ୍ତର୍ଗତ ଡଭାର ଗ୍ରାମ ଟି ସଦାସର୍ବଦା ବନ୍ୟା ଜଳ ଦ୍ୱାରା ପ୍ରଭାବିତ ହେଉଥିବା ଗୋପବନ୍ଧୁ ଙ୍କ ପ୍ରଚେଷ୍ଟା ରେ ଗ୍ରାମ କୁ ସୁରକ୍ଷା ଦେବାପାଇଁ ଏକ ଘେରି ବନ୍ଧ ନିର୍ମାଣ କରିଥିଲେ । ଆ।ଉ ଯେତେବେଳେ ଡଭାର ବାସୀ ଦିମୁଠା ଖାଇବା ନ ପାଇଁ ମରଣ ମୁଖ ରେ ପଡିଲେ ସେତେବେଳେ ଗୋପବନ୍ଧୁ ନିଜର ପରିବାର ମୋହ କୁ ତ୍ୟାଗ କରି ଅନ୍ୟ ସ୍ଥାନରୁ ଭିକ୍ଷା ବୃତ୍ତି କରି ଡଭାର ବାସୀ ଙ୍କ ଦାୟିତ୍ୱ ନିଜ ହାତକୁ ନେଉଥିଲେ । ଆ।ଜି ତାଙ୍କର କର୍ମକ୍ଷେତ୍ର ଅବହେଳିତ ଅବସ୍ଥାରେ ପଡ଼ିରହିଛି । ତାଙ୍କରି ଜନ୍ମଦିନ ଅବସରରେ ରେ ଡଭାର ବାସୀ ଙ୍କ ଉଦ୍ୟମ ରେ ଏକ କାର୍ଯ୍ୟକ୍ରମ ଆ।ୟୋଜନ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ ପୂର୍ବତନ ଗଣଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ତଥା ବିଜେପି ର ମୁଖପାତ୍ର ଶ୍ରୀଯୁକ୍ତ ସମୀର ରଞ୍ଜନ ଦାଶ । ଏହି ଅବସରରେ ଗ୍ରାମୀଣ ଶିକ୍ଷା ବ୍ୟବସ୍ଥା ଓ ପଣ୍ଡିତ ଗୋପବନ୍ଧୁ ଦାସ ବିଷୟବସ୍ତୁ ଉପରେ ବକ୍ତବ୍ୟ ରଖିଥିଲେ ପୂର୍ବତନ ଉତ୍ତର ପୂର୍ବାଞ୍ଚଳ ନିର୍ଦ୍ଦେଶକ ଶ୍ରୀଯୁକ୍ତ ମାନସ ରଞ୍ଜନ ମହାପାତ୍ର, ଦୈନିକ ଖବରକାଗଜ ସତନ୍ତବାର୍ତାର ସଂପାଦକ ଶ୍ରୀଯୁକ୍ତ ଜ୍ୟୋତି ରଞ୍ଜନ ମହାପାତ୍ର ଓ ପୂର୍ବତନ ଲୋକ ସମ୍ପର୍କ ଅଧିକାରୀ , ପୂର୍ବତଟ ରେଳପଥ ଶ୍ରୀଯୁକ୍ତ ନିରାକାର ଦାସ । ଯୁବନେତା ମନ୍ଦୀପ ପାଇକେରାୟ ଙ୍କ ସମେତ ଅନ୍ୟାନ୍ୟ ବିଶିଷ୍ଟ ଅତିଥୀ ମାନେ ମଧ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଓ ଶ୍ରୀଯୁକ୍ତ ଦାଶ କଥା ପ୍ରସଙ୍ଗରେ କହିଲେ ଯେ ଗୋପବନ୍ଧୁ ଙ୍କ ଜନ୍ମ ଭୂମି ର ଯେଉଁଭଳି ବିକାଶ ହୋଇଛି ଠିକ ସେହିପରି କର୍ମଭୂମି ର ବିକାଶ ହେବାର ଆ।ବଶ୍ୟକ ରହିଛି । ଏଣୁ ଖୁବ ଶୀଘ୍ର ଏକ ପ୍ରତିନିଧିମଣ୍ଡଳୀ ଙ୍କୁ ସାଙ୍ଗରେ ନେଇ ମୁଖ୍ୟମନ୍ତ୍ରୀ ଙ୍କୁ ସାକ୍ଷାତ କରାଯିବ ବୋଲି କହିଥିଲେ । ଉକ୍ତ କାର୍ଯ୍ୟକ୍ରମ ଜିଲ୍ଲାର ର ପ୍ରମୁଖ ବ୍ୟକ୍ତି ବିଶେଷ ଙ୍କୁ ସେମାନଙ୍କର ବିର୍ଭିନ୍ନ କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ବନ୍ୟାଞ୍ଚଳ ସଂଗଠନ ପକ୍ଷରୁ ସମ୍ମାନିତ କରାଯାଇଥିଲା । ସାମ୍ବାଦିକତା କ୍ଷେତ୍ରରେ ସଚ୍ଚିଦାନନ୍ଦ ଗୋଛାୟତ ଙ୍କୁ ଶ୍ରେଷ୍ଠ ସାମ୍ବାଦିକ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଏକ କବି ସମ୍ମିଳନୀ ର ଆ।ୟୋଜନ ହୋଇଥିଲା । ରାଜ୍ୟର ବିର୍ଭିନ୍ନ ପ୍ରାନ୍ତରୁ ଆ।ସିଥିବା କବି ଓ କବେତ୍ରୀ ମାନଙ୍କୁ ନେଇ ଆ।ୟୋଜନ ହୋଇଥିଲା । ଅନୁଷ୍ଠାନ ର ସଭାପତି ଶ୍ରୀଯୁକ୍ତ ଜିତେନ୍ଦ୍ରୀୟ ବେହେରା ଙ୍କ ପ୍ରଚେଷ୍ଟା ରେ ଡଭାର ଗ୍ରାମ ରେ ସଂପୂର୍ଣ୍ଣ ମଦ ମୁକ୍ତ ଗ୍ରାମ ଗଠନ କରାଯାଇଛି । ଉକ୍ତ ଗ୍ରାମ କୁ ପର୍ଯ୍ୟଟନ ଗ୍ରାମର ମାନ୍ୟତା ପାଇଁ ରାଜ୍ୟ ସରକାର ଙ୍କ ପାଖରେ ଦାବୀ ଉପସ୍ଥାପନା କରାଯିବ ବୋଲି ଶ୍ରୀଯୁକ୍ତ ବେହେରା କହିଲେ । କାର୍ଯ୍ୟକ୍ରମ ଶେଷରେ ଚନ୍ଦନ ପ୍ରଧାନ ଉପସ୍ଥିତ ଜନତା ଓ ମଞ୍ଚାସୀନ ବରିଷ୍ଠ ବ୍ୟକ୍ତି ବିଶେଷ ଙ୍କୁ ଧନ୍ୟବାଦ ପ୍ରଧାନ କରିଥିଲେ ।

# ବାଇକ ଉଠାଇ ନେଉଥିବାବେଳେ ନାବାଳକକୁ ମାଡି ବସିଲେ ସ୍ଥାନୀୟ ଲୋକେ

ବଲଙ୍ଗା,୧୦।୧୦:(ମନ୍ଥନ)ବଲଙ୍ଗା ବଜାରର ତାରିଣୀ କ୍ଲଥ୍ ଷ୍ଟୋରକୁ ପୋଷାକ କିଣିବାକୁ ଯାଇଥିବା ରାଜେଶ ବେହେରା ନାମକ ଜଣେ ବ୍ୟକ୍ତିଙ୍କର ବାଇକ୍ କୁ ଉଠାଇ ନେଇ ପଳାଉଥିବା ଜଣେ ନାବାଳକକୁ ଧରି ସ୍ଥାନୀୟ ଲୋକେ ବଲଙ୍ଗା ପୋଲିସକୁ ହସ୍ତାନ୍ତର କରିଛନ୍ତି । ଘଟଣାରୁ ଜଣାଯାଇଛଯେ,ରାଜେଶ ବେହେରା ତାରିଣୀ କ୍ଲଥ୍ ଷ୍ଟୋରରୁ ପୋଷାକ କିଣି ଫେରିବା ବେଳକୁ ତାଙ୍କ ବାଇକ୍ ନଥିଲା । ଫଳରେ ତାରିଣୀ କ୍ଲଥ୍ଷ୍ଟୋରର ସସିଟିଭି ଫୁଟେଜ ଚେକ କରାଯାଇଥିଲା । ସେହି ସମୟରେ ଏହି ପିଲାଟି ପାଖ ପାନ ଦୋକାନରୁ ବାହାରି ଥିଲା । ଫଳରେ ସ୍ଥାନୀୟ ଲୋକେ ତାକୁ କାବୁ କରିନେବାସହ ପୋଲିସକୁ ହସ୍ତାନ୍ତର କରିଥିଲେ । ଏ ସମ୍ପର୍କରେ ବଲଙ୍ଗା ଥାନା ଅର୍ନ୍ତଗତ ବିଦ୍ୟାଧରପୁର ଗ୍ରାମର ରାଜେଶ ବେହେରା ବଲଙ୍ଗା ଥାନାରେ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି । ବାଇକ୍ ନେଇ ପଳାଉଥିବା ନାବାଳକର ସୂଚନା କୁ ଆଧାର କରି ବଲଙ୍ଗା ପୋଲିସ ଆଉ ଗୋଟିଏ ବାଇକ ଜବତ କରିଛି । ପୂର୍ବରୁ ଏହି ନାବାଳକ ଜଣକ ଆଉ ୨/୩ ଗୋଟି ବାଇକ୍ ଉଠାଇ ନେଇଥିବା ଘଟଣା ରେ ସମ୍ପୃକ୍ତ ଥିବା ପୋଲିସ ନିକଟରେ ପ୍ରକାଶ କରିଅଛି । ନାବାଳକ ଜଣକ ବଲଙ୍ଗା ଥାନାରେ ଅଟକ ଅଛି ।

# ପାଟଣାଗଡ ମାଁ ପାଟଣେଶ୍ୱରୀ ମନ୍ଦିର ର ଉନ୍ନତିକରଣ ପାଇଁ ଆସିଥିଲା ଏକ କୋଟି ଟଙ୍କା ଗଲା କୁଆଡେ ?



ବଲାଙ୍ଗିର, ୧୦।୧୦:(ମନ୍ଥନ) ବଲାଙ୍ଗିର ଜିଲ୍ଲା କଳା ସଂସ୍କୃତି ଐତିହ୍ୟ ବହନ କରୁଥିବା କେନ୍ଦ୍ରସ୍ଥଳି, ପାଟଣାଗଡ ର ଇଷ୍ଟଦେବୀ ମାଁ ପାଟଣେଶ୍ୱରୀ ମନ୍ଦିର ୨୦୦୦ ବର୍ଷ ପୂର୍ବର ଐତିହ୍ୟ ବହନ କରୁଥିବା ମନ୍ଦିରକୁ ଗତ ଏକ ବର୍ଷ ହେବ ୧୦ କୋଟି ଟଙ୍କା ଅନୁଦାନ ଆ।ସି କାର୍ଯ୍ୟ ନ ହୋଇଥିବାରୁ ତାହା କିଭଳି କାର୍ଯ୍ୟ ହେବ ତା ସହ ଭୋଗ ମଣ୍ଡପ, ରୋଷେଇ ଶାଳା, ଯଜ୍ଞ ମଣ୍ଡପ, ପାର୍କିଂ ସ୍ଥଳି ପାଇଁ ଅଧିକ ଅର୍ଥ ବରାଦ କରିବା ପାଇଁ ଦାବି, ସମଲେଶ୍ୱରୀ ମନ୍ଦିର ଉନ୍ନତିକରଣ ଏବଂ ଦୁଇ ମନ୍ଦିର ପାଇଁ ଜାଗା ଚିହ୍ନଟ କରି ଜବରଦଖଲ ହଟାଇବା ପାଇଁ ଦାବି । ଲୋଇସିଂହା ର୍ନିବାଚନ ମଣ୍ଡଳୀ ଆ।ଗଲପୁର ବ୍ଲକର ସାଲେଭଟା ଗ୍ରାମରେ ବିରାଜମାନ ଐତିହାସିକ ପୀଠ ମାଁ ପାଟଣେଶ୍ୱରୀ ଏବଂ ମାଁ ସମଲେଶ୍ୱରୀ ପୀଠରେ ଗୋଟିଏ ଗମ୍ଭିରାରେ ଦୁଇ ଭଉଣୀ ପୂଜା ପାଉଛନ୍ତି । ପାଟଣା ଶାସନ ସମୟରେ ଏହି ଗଡଟି ବେଶ ଗୁରୁତ୍ୱବହନ କରୁଥିଲା । ରାଜା ବଳରାମ ଦେଓ ୧୫୦୦ ଖ୍ରୀଷ୍ଟାବ୍ଦରେ ଭାଇ ଭାଗ ସ୍ଥାପନ କରିଥିଲେ । ଏହାର ଉନ୍ନତିକରଣ ପାଇଁ ରାଜ୍ୟ ସରକାର ଅଧିକ ଅର୍ଥ ବରାଦ କରିବାକୁ ଦାବି । ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ ସାଉନ୍ତପୁର ସାଉନ୍ତେଶ୍ୱରୀ ମନ୍ଦିର ଉନ୍ନତିକରଣ ପାଇଁ ମାଁ ଙ୍କର ଭୋଗ ମଣ୍ଡପ, ରୋଷେଇ ଶାଳ, ବିଶ୍ରାମଗାର ସହ ସମ୍ପୂର୍ଣ୍ଣ ଉନ୍ନତିକରଣ ପାଇଁ ଅନୁଦାନ ଦାବି । କୁସଙ୍ଗ ର ମାଁ କୁଶଙ୍ଗାଇ ଦେବିଙ୍କ ପୀଠ ଏବଂ ମନ୍ଦିର ଉନ୍ନତିକରଣ ପାଇଁ ଅର୍ଥ ଅନୁଦାନ ଦେବା ସଙ୍ଗେ ବଲାଙ୍ଗିର ସହରର ୯ ଗୋଟି ମନ୍ଦିର କୁ ପର୍ଯ୍ୟଟନ ସ୍ଥଳି ମାନ୍ୟତା, ସର୍ବ ପୁରାତନ ଲୋକନାଥ ମନ୍ଦିର ଉନ୍ନତିକରଣ ପାଇଁ ଅନୁଦାନ ଦାବି କରାଯାଇଛି । ବିଭିନ୍ନ ସମୟରେ ଗତ ୨୧.୦୯.୨୦୨୫ ଦିନ ପାଟଣେଶ୍ୱରୀ ଦେବିଙ୍କ ମୁଖ୍ୟ ପୀଠରେ ସେବାୟତ ଓ ଦେବାଳୟ ସୁରକ୍ଷା କମିଟି ମନ୍ଦିର ସୁରକ୍ଷା କୁ ନେଇ ଆ।ଲୋଚନା ହୋଇଥିଲା । ଗତ ମାର୍ଚ୍ଚ ୩ ତାରିଖ ଦିନ ଦେବୋତ୍ତର ବିଭାଗ ଏକ କୋଟି ଟଙ୍କା ଉନ୍ନତିକରଣ ପାଇଁ ତତ୍କାଳିନ ଉପଜିଲ୍ଲାପାଳ ଙ୍କ ଜରିଆ।ରେ ଉନ୍ନତିକରଣ ପାଇଁ ଆ।ସିଥିବା ଚର୍ଚ୍ଚା ଥିଲା । ତେବେ ମନ୍ଦିରର ସେବାୟତ ଏ ଯାଏ କିଛି କାର୍ଯ୍ୟ ହୋଇନଥିବାରୁ ଆ।ଲୋଚନା କରିଥିଲେ । ଜିଲ୍ଲା ପ୍ରଶାସନ, ମୁଖ୍ୟମନ୍ତ୍ରୀ, ଉପ-ମୁଖ୍ୟମନ୍ତ୍ରୀଙ୍କୁ ଦାବି କରି ଆ।ସୁଥିଲେ ମଧ କିଛି କାର୍ଯ୍ୟ ହୋଇନଥିବାରୁ ଆଜି ଗାନ୍ଧୀ ନଗର ପଡା ମହାତ୍ମା ଗାନ୍ଧୀ ପ୍ରତିମୂର୍ତ୍ତିରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆ।କର୍ଷଣ କରିବା ପାଇଁ ଦେବାଳୟ ସୁରକ୍ଷା କମିଟି ନେତୃତ୍ୱରେ ସଭାପତି ଜୟକୃଷ୍ଣ ମିଶ୍ର, ଦୁର୍ବାଦଳ ମହାକୁର, କମିଟିର ପ୍ରଶାନ୍ତ ମହାକୁର, ଶମ୍ଭୁ ପ୍ରସାଦ ଶତପଥି, ରିଣ୍ଟୁ ସାହୁ, ଶୁଶାନ୍ତ ପ୍ରଧାନ ଓ ମହେନ୍ଦ୍ର ପ୍ରଧାନ ସାମିଲ ଥିଲେ । ଜିଲ୍ଲାପାଳଙ୍କୁ ଏକ ଲିଖିତ ଭାବେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି ।

# ବଟେଶ୍ୱର ବାଲିଯାତ୍ରା ପ୍ରସ୍ତୁତି ବୈଠକ

ଗଞ୍ଜାମ,୧୦।୧୦:(ମନ୍ଥନ)ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତ କଣ୍ଟିଅ। ଗଡ଼ ସ୍ଥିତ ପ୍ରସିଦ୍ଧ ବଟେଶ୍ୱର ଶୈବ ପୀଠ ଅବସ୍ଥିତ । ସମ୍ପ୍ରତି ପବିତ୍ର ଧାର୍ମିକ କାର୍ତ୍ତିକ ମାସ ଆ।ରମ୍ଭ ହୋଇ ଯାଇଥିବା ବେଳେ ଆ।ସନ୍ତା ସେପ୍ଟେମ୍ବର ୨୯ ତାରିଖ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ଚାରି ଦିନ ଧରି ଓ ନଭେମ୍ବର ୫ ଓ ୬ ତାରିଖରେ ବାଲିଯାତ୍ରା ଅନୁଷ୍ଠିତ ହେବ । ସେଥିପାଇଁ ଶୁକ୍ରବାର ଏକ ବାଲିଯାତ୍ରା ପାଇଁ ପ୍ରାକ ପ୍ରସ୍ତୁତି ବୈଠକ ବଟେଶ୍ୱର କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବଟେଶ୍ୱର ଐତିହ୍ୟ ସଂରକ୍ଷଣ କମିଟି ଉପସଭାପତି ଶବର କୁମାର ତରାଇ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ରଞ୍ଜିତ କୁମାର ପଲାଇ ସଂଯୋଜନା କରିଥିଲେ । ବିଡ଼ିଓ ଅଚ୍ୟୁତାନନ୍ଦ ଯାନୀ, ଛତ୍ରପୁର ଏସଡିପିଓ ଚନ୍ଦନ ଘଡ଼ାଇ, ରମ୍ଭା ଥାନା ଆ।ଇଅ।ଇସି କୁମାର ମୁଦୁଲି,ହୁମା ଫାଣ୍ଡି ଅଧିକାରୀ ସତ୍ୟଜିତ ବେଣିଅ।, କମିଟି ସଭାପତି ପିତାମ୍ବର ସ୍ୱାଇଁ, ପୂର୍ବତନ ସମିତି ସଭ୍ୟ ଛାୟାକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।



ପୂର୍ବତନ ସରପଞ୍ଚ ତଥା ଉପଦେଷ୍ଟା ଦିଲ୍ଲୀପ କୁମାର ଛୋଟରାଏ ଯାତ୍ରା ସମୟରେ କଣ କଣ ସୁବିଧା ଅସୁବିଧା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆ।କର୍ଷଣ କରିଥିଲେ । ପ୍ରଥମ ଥର ପାଇଁ ସିସିଟିଭି ନଜରରେ ରହିବ ବଟେଶ୍ୱର ଶୈବ ପୀଠ, ବାଲିଯାତ୍ରା ପଡିଅ। ଓ ସମୁଦ୍ର ବେଳାଭୂମି। ଏଥିସହ ପାର୍କିଂ ସ୍ଥଳରେ ମଧ ସିସିଟିଭି ଲଗାଯିବା ପାଇଁ ସ୍ଥିର ହୋଇଥିଲା । ଯାତ୍ରା ସମୟରେ ଟ୍ରାଫିକ ବ୍ୟବସ୍ଥାରେ ସୁଧାର ଆ।ଣିବାକୁ କମିଟି ଓ ପୋଲିସ ପ୍ରଶାସନର ମିଳିତ ଉଦ୍ୟମ ରହିବ। ଠାକୁର ଙ୍କୁ ଧାଡି ଦର୍ଶନ ବ୍ୟବସ୍ଥା କରାଯିବ । ସ୍ଥାନୀୟ ଅଂଚଳ ର ଅଶି ଜଣ ସ୍ୱେଚ୍ଛାସେବୀ ପୋଲିସକୁ ସହଯୋଗ କରିବେ ବୋଲି ମତ ପ୍ରକାଶ ପାଇଥିଲା । ଛଅ ଖଣ୍ଡ ଗ୍ରାମ ଦ୍ୱାରା ପରିଚାଳିତ ଏହି ଯାତ୍ରା ପ୍ରସ୍ତୁତି ବୈଠକରେ କାର୍ଯ୍ୟକାରୀ ସଭାପତି ଶିବ ପ୍ରସାଦ ସ୍ୱାଇଁ,କୋଷାଧକ୍ଷ ନିରାକାର ଜେନା, ବୃନ୍ଦାବନ ପ୍ରଧାନ,ବୃନ୍ଦାବନ ନାହାକ ଶିବରାମ ପଲାଇ, ଦୁର୍ଯ୍ୟୋଧନ ରେଡି, ତ୍ରିନାଥ ରେଡି ଯୁଧିଷ୍ଠିର ରେଡି, ମୁସଲେୟକ୍ଷ,କୃଷ୍ଣ ଚନ୍ଦ୍ର ସ୍ୱାଇଁ, କେ. କ୍ରିଷ୍ଣା ରେଡି, ତ୍ରିନାଥ ରେଡି, ସାଇରାମଙ୍କ ସମେତ ଅନ୍ୟାନ୍ୟ କମିଟି ସଦସ୍ୟ ଉପସ୍ଥିତ ଥିଲେ ।

# ଏନ୍ଏସି କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ

ବୁଗୁଡ଼ା,୧୦।୧୦:(ମନ୍ଥନ) ସ୍ଥାନୀୟ ଶ୍ରୀ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟରେ ଏନ୍ଏସି କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଏନ୍ଏସି କ୍ଲଷ୍ଟର ଅଧିନସ୍ଥ ୧୧ଟି ବିଦ୍ୟାଳୟରୁ ୯୭ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରେ ବକ୍ତୃତା, ସଙ୍ଗୀତ, ବିତର୍କ, ଶୃତଲିଖନ, ସୃଜନାତ୍ମକ ଲିଖନ, ନୃତ୍ୟ, ଚିତ୍ରାଙ୍କନ, ପ୍ରବନ୍ଧ, ଶିଳ୍ପକଳା, ଚିତ୍ରକଳା, ସାଧାରଣ ଜ୍ଞାନ ଆ।ଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗୀଙ୍କୁ ଚୟନ କରାଯାଇଥିଲା । ଆ।ୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଚୟନ ନିମନ୍ତେ ବିଚାରକ ଭାବେ ସିଆ।ରସିସି ସୁନିତା ପାଣିଗ୍ରାହୀ ଓ ଶର୍ମିଷ୍ଠା ଜେନାଙ୍କ ସମେତ ଅନ୍ୟ କେତେକ ଶିକ୍ଷକ ଓ ଶିକ୍ଷୟିତ୍ରୀ ନିୟୋଜିତ ଥିଲେ । ଏନ୍ଏସି କ୍ଲଷ୍ଟର ସିଆ।ରସିସି କିରଣ ବାଳା ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଆ।ୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ ଶ୍ରୀ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ କୃଷ୍ଣପ୍ରିୟା ମହାରଣା ଉଦଘାଟନ କରିଥିବା ବେଳେ ଏଥିରେ ମୁଖ୍ୟ ଅତିଥି ଭାବେ ଏବିଇଓ ଅମିତା କୁମାରୀ ପାଢୀ , ସମ୍ମାନିତ ଅତିଥି ଭାବେ ପିପୁଲ୍ସ ହାଇସ୍କୁଲ ଏନସିସି ଶିକ୍ଷକ ପ୍ରଶାନ୍ତ କୁମାର ଗୌଡ ଓ ବୁଦ୍ଧଗିରି ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ମୀନ କେତନ ବେହେରା ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିଥିଲେ ଏ ଅବସରରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ପ୍ରତ୍ୟେକ ପ୍ରତିଯୋଗିତାର ପ୍ରଥମ ସ୍ଥାନ ଅଧିକାର କରିଥିବା କୃତି ପ୍ରତିଯୋଗୀଙ୍କୁ ଆ।ଗାମୀ ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମର ପ୍ରତିଭାଗୀ ଭାବେ ମନୋନୀତ କରାଯାଇଥିଲା । ଏହି ଶିଶୁ ମହୋତ୍ସବ ପରିଚାଳନା ବିଭିନ୍ନ ବିଦ୍ୟାଳୟର ପ୍ରତିଯୋଗୀଙ୍କ ଗାଇଡ୍ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ ।

# ହବିଷ୍ୟାଳୀ କେନ୍ଦ୍ର ଦାୟିତ୍ୱରେ ବରିଷ୍ଠ ଅଧିକାରୀ

ପୁରୀ,୧୦।୧୦:(ମନ୍ଥନ)କାର୍ତ୍ତିକ ବ୍ରତ ବା ରାଇଦାମୋଦର ବ୍ରତ ପାଇଁ ସରକାରଙ୍କ ନିର୍ଦ୍ଦେଶ କ୍ରମେ ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ୫ଟି ହବିଷ୍ୟାଳୀ କେନ୍ଦ୍ର ଚଳଚଂଚଳ ହୋଇ ଉଠିଛି । ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ନିଜେ ସମସ୍ତ ହବିଷ୍ୟାଳୀ କେନ୍ଦ୍ର କୁ ଏକାଧିକ ବାର ପରିଦର୍ଶନ କରି ତାହାର ସ୍ଥିତି ଅନୁଧାନ କରୁଛନ୍ତି । କୌଣସି କେନ୍ଦ୍ର ରେ ଯେପରି କୌଣସି ଅସୁବିଧା ନ ହୁଏ ସେଥି ପ୍ରତି ସଜାଗ ରହିବାକୁ ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ବିଭିନ୍ନ ହବିଷ୍ୟାଳୀ କେନ୍ଦ୍ର ବୁଲିବା ସମୟରେ ହବିଷ୍ୟାଳୀ ମା ମାନଙ୍କ ସହ ଜିଲ୍ଲାପାଳ




ଆ।ଲୋଚନା କରିବା ସହ ସେମାନେ ଉଠାଉ ଥିବା ବିବିଧ ସମସ୍ୟା ତ୍ୱରିତ ସମାଧାନ ପାଇଁ ନିର୍ଦ୍ଦେଶ ଦେଉଛନ୍ତି । ଜିଲ୍ଲାପାଳ ଏହି ୫ଟି କେନ୍ଦ୍ର ର ଶୃଙ୍ଖଳିତ ପରିଚାଳନା ପାଇଁ ବରିଷ୍ଠ ଅଧିକାରୀ ମାନଙ୍କୁ ଦାୟିତ୍ୱ ଦେଇଛନ୍ତି। ବୃନ୍ଦାବତୀ ହବିଷ୍ୟାଳୀ କେନ୍ଦ୍ରରେ ବରିଷ୍ଠ ଅଧିକାରୀ ଭାବେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଓ ଅତିରିକ୍ତ ଜିଲ୍ଲାପାଳ ରାଜସ୍ଵ ଶରତ ଚନ୍ଦ୍ର ମହାପାତ୍ର, ବଗଲା ଧର୍ମଶାଳା ଦାୟିତ୍ୱ ରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ନିଳମାଧବ ଭୋଇ,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ମୋଚିସାହି କଲ୍ୟାଣ ମଣ୍ଡପ ଠାରେ ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା,ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ ଓ ରେଲୱେ କଲ୍ୟାଣ ମଣ୍ଡପ ଦାୟିତ୍ୱ ରେ ପିକେଡିଏ ସମ୍ପାଦକ ଦିଲ୍ଲୀପ କୁମାର ମହାରଣା ଓ ଉପ ଜିଲ୍ଲାପାଳ ରାଜ କିଶୋର ଜେନା ରହିଛନ୍ତି। ବରିଷ୍ଠ ଅଧିକାରୀ ଙ୍କ ଅଧିନରେ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, କର୍ମଚାରୀ, ସ୍ୱେଚ୍ଛାସେବୀ ମାନେ କାର୍ଯ୍ୟ ରତ ଅଛନ୍ତି।

# ନବରଙ୍ଗପୁର ଠାରେ ବରିଷ୍ଠ ନାଗରିକ ଦିବସ ପାଳିତ




ନବରଙ୍ଗପୁର,୧୦।୧୦:(ମନ୍ଥନ):ନବରଙ୍ଗପୁର ସାମାଜିକ ସୁରକ୍ଷା ବିଭାଗ ଏବଂ ଜିଲ୍ଲା ପ୍ରଶାସନ ଦ୍ୱାରା ମହା ସମାରୋହ ରେ ବରିଷ୍ଠ ନାଗରିକ ଦିବସ ପାଳନ ହୋଇଯାଇଛି। ସକାଳ ୧୦.୦୦ ଘ ସମୟରେ ନବରଙ୍ଗପୁର ବ୍ଲକ ଠାରୁ ଏକ ଶୋଭାଯାତ୍ରା ରେ ଶତାଧିକ ବରିଷ୍ଠ ନାଗରିକ ସହିତ ବିଭିନ୍ନ ବିଭାଗୀୟ ଅଧିକାରୀ ସାମିଲ ହୋଇ ସହର ମଧ ଦେଇ ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀଗୃହ ରେ ପହଞ୍ଚି ଥିଲେ । ଏହି ପଦଯାତ୍ରା କୁ ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ୍ ବର୍ମନ୍ ଏବଂ ତପନ କୁମାର ଖୁଣ୍ଟିଅ। ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଶୋଭାଯାତ୍ରାରେ ବରିଷ୍ଠ ନାଗରିକ ସଂଘର ସଭାପତି ,ସମ୍ପାଦକ, ସଭ୍ୟ ମାନଙ୍କ ସହ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର,ଜିଲ୍ଲା ସୁଚନା ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା ସାମିଲ ହୋଇ ମିଶନ ଶକ୍ତି ସମ୍ମିଳନୀ ଗୃହ ପର୍ଯ୍ୟନ୍ତ ଯାଇଥିଲେ। ବୈଠକ ଗୃହ ରେ ମାନ୍ୟବର ସାଂସଦ ରାଜ୍ୟସଭା ଶ୍ରୀଯୁକ୍ତ ମୁଜିବୁଲ୍ଲା ଖାଁ ମୁଖ୍ୟ ଅତିଥି ରୂପେ ଯୋଗଦେଇ ସହର ରେ ଥିବା ଦୁଇଟି ପଞ୍ଜୀକୃତ ବରିଷ୍ଠ ନାଗରିକ ସଂଘ ର ସଭାପତି ରାଧାନାଥ ବେହେରା ଏବଂ ମନୋରଞ୍ଜନ ସୁନାଧର ଙ୍କ ସହିତ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ବରିଷ୍ଠ ନାଗରିକ ସଂଘ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ । ସଭାର ଅଧକ୍ଷ ରୂପେ ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜି ବର୍ମନ ଯୋଗ ଦାନ ପୂର୍ବକ ୬୦ ବର୍ଷ ଅତିକ୍ରାନ୍ତ ପରେ ବରିଷ୍ଠ ନାଗରିକ କେମିତି ନିଜର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟକୁ ସୁରକ୍ଷା କରିବେ ଓ ସମାଜ କୁ ଦିଗଦର୍ଶନ ଦେବାକୁ ଅନୁରୋଧ କରି କହିଥିଲେ । ମୁଖ୍ୟ ଅତିଥି ସାଂସଦ ଶ୍ରୀ ମୁଜିବୁଲ୍ଲା ଖାଁ ଯୋଗ ଦେଇ ବରିଷ୍ଠ ନାଗରିକ ମାନେ ସମାଜ ପାଇଁ ଅମୂଲ୍ୟ ରତ୍ନ ବୋଲି ତାଙ୍କ ବକ୍ତବ୍ୟ ରେ ରଖିଥିଲେ ଏତଦ୍ ସହ ସମାଜ ରେ ଶାନ୍ତି ରଖିବା ରେ ବରିଷ୍ଠ ଙ୍କ ପ୍ରମୁଖ ଭୂମିକା ଅଛି ବୋଲି କହିଥିଲେ । ଏ ଡି ପି ଏଚ ଓ ଡ଼ା ମଳୟ ତ୍ରିପାଠୀ ବରିଷ୍ଠ ନାଗରିକ ସ୍ୱାସ୍ଥ୍ୟ ର ଯତ୍ନ କିପରି ରଖିବେ ତା ଉପରେ କହିଥିଲେ। ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର ଯୋଗ ଦେଇ ବରିଷ୍ଠ ନାଗରିକ ସୁରକ୍ଷା ପାଇଁ ପ୍ରଣୀତ ଆ।ଇନ ଉପରେ ଆ।ଲୋଚନା କରିଥିଲେ । ବ୍ରହ୍ମକୁମାରି ନମିତା ଭଉଣୀ ଜୀବନରେ ଆ।ଧାତ୍ମିକତା ଓ ତଦ୍ୱାରା ଜୀବନର ଶ୍ରେଷ୍ଠତା ସକାଶେ ନିଜକୁ ସମର୍ପଣ କରିବାକୁ କହିଥିଲେ । ବରିଷ୍ଠ ନାଗରିକ ନଗେନ୍ଦ୍ର ପଟ୍ଟନାୟକ ବରିଷ୍ଠ ମାନଙ୍କ ସମସ୍ୟା ଏବଂ ତାହାର ତୁରନ୍ତ ସମାଧାନ ନିମନ୍ତେ ଅଗ୍ରାଧିକାର ଦେବା ନିମନ୍ତେ ଗୁରୁତ୍ୱ ଆ।ରୋପ କରିଥିଲେ । ବରିଷ୍ଠ ନାଗରିକମାନେ ନିଜ ରଚିତ ଓ ଅନ୍ୟାନ୍ୟ ସଂଗୀତ ଗାଇବା ସଙ୍ଗେ ସଙ୍ଗେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ସମସ୍ତ ବରିଷ୍ଠ ନାଗରିକଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ସମ୍ମିଳନୀଗୃହ ବାହାରେ ସ୍ୱାସ୍ଥ୍ୟ ମେଳା କରାଯାଇ ବରିଷ୍ଠ ନାଗରିକଙ୍କୁ ବିଭିନ୍ନ ଔଷଧ ପ୍ରଦାନ କରାଯାଇଥିଲ । ବିଶିଷ୍ଟ ବରିଷ୍ଠ ନାଗରିକ ଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଗଲା । ବରିଷ୍ଠ ନାଗରିକ ଶୋଭାଯାତ୍ରାରେ ଚିତ୍ତରଞ୍ଜନ ପାତ୍ର, ଧନଞ୍ଜୟ ରାଓ, ମିଥୁନତ୍ରିପାଠୀ,ବୃନ୍ଦାବନ , ପୀତବା ସ ,ବିଶ୍ୱଜି ମହାନ୍ତି,ନବୀନ, ସୁକୁନ୍ତଳା ଭତ୍ରା , ଅମ୍ରିତା ଭୂଷଣ, ବିଭୁଦତ ସେଠି, ନବଘନ ସେଠି , ଘନଶ୍ୟାମ ବେହେରା, ଶିବ ପ୍ରସାଦ ସାହୁ , ତପନ ବେହେରା, ଜିଲ୍ଲା ଭିନ୍ନକ୍ଷମ ସଂଘ ସଂପାଦକ ସୁଜି ରଥ ସହିତ ଅନେକ ବୁଦ୍ଧିଜୀବି ଯୋଗ ଦେଇଥିଲେ । ଶେଷରେ ଆ।ଶା କିରଣ ଅଧକ୍ଷ ଜଗନ୍ନାଥ ବେହେରା ଧନ୍ୟବାଦ୍ ପ୍ରଦାନ କରିଥିଲେ ।

# ୩୭ ତମ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ

କୁଚିଣ୍ଡା,୧୦।୧୦:(ମନ୍ଥନ)ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡ ବାମରା ବ୍ଲକ ସ୍ଥିତ ପିଣ୍ଡାପଥର କଳିଅ। ପଡ଼ାରେ ମା ଗଜଲକ୍ଷ୍ମୀ ପୂଜା ଉଦଯାପିତ ହୋଇଯାଇଛି । ସାରା ଓଡ଼ିଶାରେ ଏହି ପିଣ୍ଡାପଥର ଗାଁ କିସାନ ସଂସ୍କୃତି କିସାନ ନୃତ୍ୟ ଗୀତରେ ସୁପରିଚିତ ଅଟେ। ଏଠାକାର କଳାକାର ମାନେ ସାରା ଓଡ଼ିଶାରେ ନିଜର କିସାନ ନୃତ୍ୟ ଗୀତ କୁ ପ୍ରସାରିତ କରିଛନ୍ତି । ନିଜର ଭାଷା ସଂସ୍କୃତିକୁ ପ୍ରାଧାନ୍ୟ ଦେଇ ଗଜଲକ୍ଷ୍ମୀ ପୂଜାରେ ପରିବେଷଣ କରିଥାନ୍ତି ନିଜସ୍ୱ ନୃତ୍ୟ । ଏବର୍ଷ ଆ।ଲବମ ଜଗତରେ ପ୍ରଥମ କରି କିସାନ ଗୀତ କୁ ଗାଇଥିବା ଗାୟକ ପଙ୍କଜ ଜୟପୁରିଅ। ତଥା ତାଙ୍କ ଦଳକୁ ଡାକି ସମ୍ମାନିତ ଉପଢୌକନ ଓ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ,ଓ ଆ।ହୁରି ଗୀତ ଗାଇବାକୁ ତଥା କିସାନ ଗୀତ କୁ ସବୁଆ।ଡେ ପ୍ରଚାର କରିବାପାଇଁ ଉତ୍ସାହିତ କରିଥିଲେ । ଶେଷରେ ସମ୍ବଲପୁରୀ ଜଗତର ପ୍ରଖ୍ୟାତ କଣ୍ଠଶିଳ୍ପୀ ଲକ୍ଷନ କୁମାର କୁ ମଧ ସମ୍ମାନିତ କରିଥିଲେ । ଗଜଲକ୍ଷ୍ମୀ ପୂଜାର ସଭାପତି ସୁଲିଅ। ମିଞ୍ଜ, ସଂପାଦକ ବଜରଙ୍ଗ ବାଘ,ବନିତା ବାଘ, ବିନୋଦିନୀ ଟପୋ, ବିଳାସିନୀ ବାଘ,କିଅ। ବାଘ, କୌଶଲ୍ୟା ବାଘ,ଚନ୍ଦୁ ମିଞ୍ଜ, ସରୋଜିନୀ ମିଞ୍ଜ,ମିଥିଲା ବାଘ, ଗଣେଶ ବାଘ,ସୁଙ୍କାନି ବାଘ,ଇଶ୍ୱର ମାଝୀ,ଧରମୁ ମିଞ୍ଜ, ଭୁବନେଶ୍ୱର ମିଞ୍ଜ,ଦିତିୟା ବାଘ,ରଞ୍ଜିତ ପିଙ୍ଗ, ବାଳମୁକୁନ୍ଦ ବାଘ, କୃଷ୍ଣଚନ୍ଦ୍ର ମିଞ୍ଜ, ବାହାଦୁର ବାଘ ପ୍ରମୁଖ ଉପସ୍ଥିତ ରହି ଷ୍ଟୁଡିଓ ଆ।ଶିର୍ବାଦ ତଥା ମାଁ ଅନ୍ଧାରୀ ଗୃପ କୁ ଭବ୍ୟ ସମ୍ବର୍ଦ୍ଧନା ଦେଇଥିଲେ ।



## ଘରେ ଘରେ ସ୍ୱଦେଶୀପ୍ରତୀ ଘରେ ସ୍ୱଦେଶୀ କାର୍ଯ୍ୟକ୍ରମ

ଦଶପଲ୍ଲା,୧୦।୧୦:(ମନ୍ଥନ)ଆତ୍ମ ନିର୍ଭର ଭାରତ ସଂକଳ୍ପ ଅଭିଯାନ ତଥା ଭାରତୀୟ ଜନତା ପାର୍ଟୀ ର ଗ୍ରାମ ପଂଚାୟତ ସ୍ତରୀୟ କାର୍ଯ୍ୟକର୍ତା ସାଙ୍ଗଠନିକ ବୈଠକ ଓ ଘର ଘର ସ୍ୱଦେଶୀ ପ୍ରତି ଘରେ ସ୍ୱଦେଶୀ ସଚେତନ କାର୍ଯ୍ୟକ୍ରମ ବୈଠକ ଉକ୍ତ ପଞ୍ଚାୟତ ଗୁଡିକ ଯଥା..ଡିହଗାଁ, ଖମାର ସାହି, ତେଣ୍ଡାବାଡ଼ି,, ଶିମିଳିସାହି, ସରିଗଣ୍ଡା, ଭୋଗ ବାଡ଼ି ଆଦି ଗ୍ରାମ ପଂଚାୟତ ଗୁଡିକରେ ବୈଠକ ଓ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପଂଚାୟତ, ମଣ୍ଡଳ କାର୍ଯ୍ୟକର୍ତ୍ତା ଙ୍କ ଉପସ୍ଥିତି ହୋଇଯାଇଛି ମାନନୀୟ ଭାରତ ର ଲୋକ ପ୍ରିୟ ପ୍ରଧାନମନ୍ତ୍ରୀ ଶ୍ରୀ ଯୁକ୍ତ ମୋଦିଜୀ ଙ୍କ ଆହ୍ୱାନ କ୍ରମେ ମାନ୍ୟବର କନ୍ଧମାଳ ସାଂସଦ ଶ୍ରୀ ଯୁକ୍ତ ସୁକାନ୍ତ ପାଣିଗ୍ରାହୀ ଙ୍କ ନେତୃତ୍ୱ ରେ ସାଂସଦ ପ୍ରତିନିଧି ଦଶପଲ୍ଲା ବ୍ଲକ ଶ୍ରୀ କିଶୋର ଚନ୍ଦ୍ର ଦଳବେହେରା ଙ୍କ ସଂଯୋଜନା ରେଡିହଗାଁ ପଂଚାୟତ ପ୍ରମୁଖ ଶ୍ରୀ ରୋହିତ ପ୍ରଧାନ, ସାଧାରଣ ସମ୍ପାଦକ ମଧଖଣ୍ଡ ମଣ୍ଡଳ ସାଧାରଣ ସମ୍ପାଦକ ଶ୍ରୀ ଜ୍ଞାନ ରଞ୍ଜନ ରାଉତ,ଭାଗ୍ୟ ଲକ୍ଷ୍ମୀ ଦାଶ ମଣ୍ଡଳ ସଭାପତି, ପୂର୍ବ ତନ ମଣ୍ଡଳ ସଭାପତି ଦେବେନ୍ଦ୍ର ପ୍ରଧାନ,ରତନ କୁମାର ଦାସ ସାଧାରଣ ସମ୍ପାଦକ ମଧ୍ୟ ଖଣ୍ଡ ମଣ୍ଡଳ, ଶ୍ରୀ ବୃନ୍ଦାବନ ପ୍ରଧାନ ଖମାର ସାହି ଗ୍ରାମପଞ୍ଚାୟତ ପ୍ରମୁଖ,ଚକ୍ରଧର ପରିଡା, ନାରାୟଣ ନାୟକ, ମାନସ ରଞ୍ଜନ ନାୟକ ମଣ୍ଡଳ ସଭାପତି ସରିଗଣ୍ଡା ମଣ୍ଡଳ,ଶରତ ଚନ୍ଦ୍ର ସାହୁ, ଅନ୍ତର୍ଯ୍ୟାମୀ ସାହୁ, ବାପୁଜୀ ସାହୁ ସମିତି ସଭ୍ୟ ପୋଖରୀ ଗୋଛା ଗ୍ରାପ, ବିଦେଶୀମଳିକ ପୂର୍ବ ତନ ମଣ୍ଡଳ ସଭାପତି, ଅନିରୋଧ ସାହୁ,ସଞ୍ଜୟ ପଟନାୟକ ସରପଞ୍ଚ ଶିମିଳି ସାହି ଗ୍ରାପ, ବିରଞ୍ଚି ନାରାୟଣ ପ୍ରଧାନ ଶକ୍ତି କେନ୍ଦ୍ର ପ୍ରମୁଖ ଶିମିଳି ସାହି ଗ୍ରାପ, ଆଦିକାନ୍ଦ ପ୍ରଧାନ ଉପସଭାପତି, ଲିଲି ବେହେରା,ରୁକୁଣି ମଳିକ, ଗୌରାଙ୍ଗ ଦେହୁରୀ ସରିଗଣ୍ଡା ଶକ୍ତି କେନ୍ଦ୍ର ପ୍ରମୁଖ, ପ୍ରହଲ୍ଲାଦ ନାୟକ ଶ୍ରମ ମୋର୍ଚ୍ଚା ସଭାପତି, ଅର୍ଜୁନ ପ୍ରଧାନ ଉପସଭାପତି,ସୂର୍ଯ୍ୟ ଭୋଇ ସାଧାରଣ ସମ୍ପାଦକ ସରିଗଣ୍ଡା ମଣ୍ଡଳ,ପ୍ରଭାତ କୁମାର ଖିଲାର ସାଧାରଣ ସମ୍ପାଦକ ସରିଗଣ୍ଡା ମଣ୍ଡଳ,ପ୍ରସନ କୁମାର ନାୟକ ଭୋଗ ବାଡ଼ି ଶକ୍ତି କେନ୍ଦ୍ର ପ୍ରମୁଖ, ଦନାର୍ଦନ ନାୟକ, ଜଙ୍ଗଲୀ ନାୟକ, ଜଗନ୍ନାଥ ବେହେରା,ଆଦି ବିଜେପି କାର୍ଯ୍ୟକର୍ତ୍ତା ଓ ଜନସାଧାରଣ ଉପସ୍ଥିତ ଥିଲେଉକ୍ତ କାର୍ଯ୍ୟକ୍ରମ ରେ ଡବଲ ଇଂଜିନ ସରକାର ଙ୍କ ବିକାଶ ମୂଳକ କାମ,ବିଭିନ୍ନ ଯୋଜନା,ମାତୃଗର୍ଭ ରୁ ମୃତ୍ୟୁ ପର୍ଯ୍ୟନ୍ତ ଜନକଲ୍ୟାଣଯୋଜନା, ସବକା ସାଥ ସବକା ପ୍ରୟାସ ସବକା ବିକାଶ,ସ୍ୱଚ୍ଛ ଗଛ ସେବା ସଂସ୍କୃତି ପରମ୍ପରା, ବରିଷ୍ଠ ନାଗରିକ ଙ୍କୁ ଓ ମା ଆ ଙ୍କୁ ସମ୍ମାନ କୃଷକ ର ଉର୍ନ୍ନତି ମହିଳା ଙ୍କ ବିକାଶ ସ୍ୱାସ୍ଥ୍ୟ ଶିକ୍ଷା ଗମନା ଗମନା ଆଦିବାସୀ ଦଳିତ ଙ୍କ ଉର୍ନ୍ନତି,ପ୍ରଧାନମନ୍ତ୍ରୀ ଆବାସ ଓ ଅନ୍ତୋଦ୍ୟଗୃହ ଯୋଜନା,ଘର ଘର ସ୍ୱଦେଶୀ ପ୍ରତି ଘରେ ସ୍ୱଦେଶୀ ଆଦି ବିଷୟରେ ବୈଠକ ରେ ଆଲୋଚନା ଓ ସଚେତନ କାର୍ଯ୍ୟକର୍ତା ଙ୍କୁ ଅବଗତ କରି ପ୍ରତି ଘରେ ସ୍ୱଦେଶୀ ବ୍ୟବହାର ପାଇଁ ମାନନୀୟ ସାଂସଦ ବ୍ଲକ ପ୍ରତି ନିଧି ଶ୍ରୀ କିଶୋର ଚନ୍ଦ୍ର ଦଳବେହେରା ସମସ୍ତ ଙ୍କୁ ସଚେତନ ମାଧ୍ୟମରେ ଆଲୋଚନା କରିଥିଲେ ।

## କୁକୁଡ଼ାଖଣ୍ଡିରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ

କୁକୁଡ଼ାଖଣ୍ଡି,୧୦।୧୦:(ମନ୍ଥନ) ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ପରାମର୍ଶକ୍ରମେ କୁକୁଡ଼ାଖଣ୍ଡି ପଂଚାୟତ ସମିତି କାର୍ଯ୍ୟାଳୟ ବୈଠକ ଗୃହ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବରିଷ୍ଠ ନାଗରିକ ଦିବସ ପାଳନ କାର୍ଯ୍ୟକ୍ରମରେ ବ୍ଲକ ଉପାଧକ୍ଷା ବିଷ୍ଣୁପ୍ରିୟା ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁପ୍ରଭା ସାହୁ,ଏବିଇଓ ବସନ୍ତ କୁମାର ସେଠୀ, ବରିଷ୍ଠ ନାଗରିକ ଇଂ. ଶ୍ରୀନିବାସ ରାଉଳ, ଏ.ଚିନ୍ତାମଣି,ଏ.ନନ୍ଦ କିଶୋର, ନିତ୍ୟାନନ୍ଦ ଦଳାଇ,ବିଏଫ୍‌ଓ ସୀମାଂଚଳ ମନ୍ତ୍ରୀ ପ୍ରମୁଖ ମଂଚସୀନ ଥିଲା ବେଳେ ବରିଷ୍ଠ ନାଗରିକ ଦିବସ ପାଳନର ଲକ୍ଷ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିବା ସାଙ୍ଗକୁ ସମାଜ ତଥା



ରାଷ୍ଟ୍ର ପ୍ରତି ବରିଷ୍ଠ ନାଗରିକଙ୍କ ଅବଦାନ ଉପରେ ବହୁ ଉପାଦେୟ ତଥା ଶିକ୍ଷଣୀୟ ମାର୍ଗଦର୍ଶନ କରି ବରିଷ୍ଠ ନାଗରିକମାନେ ସମାଜର ପଥପ୍ରଦର୍ଶକ ହୋଇଥିବା ବେଳେ ସେମାନେ ଯେପରି ବୃଦ୍ଧାବସ୍ଥାରେ ସମ୍ମାନର ସହ ଏବଂ ଖୁସିରେ ଜୀବନଯାପନ କରିପାରିବେ ତାହାରି ଉପରେ ଗୁରୁତ୍ୱାରୋପ କରିବା ସହ ବରିଷ୍ଠ ନାଗରିକମାନଙ୍କ ସୁବିଧା ପାଇଁ ଆଇନରେ ଥିବା ବିଭିନ୍ନ ସୁବିଧା ସୁଯୋଗ ଉପରେ ସଚେତନ କରାଯାଇଥିଲା । ବ୍ଲକ ପ୍ରଶାସନ ପକ୍ଷରୁ କିଛି ବରିଷ୍ଠ ନାଗରିକମାନଙ୍କୁ ପୁଷ୍ପଗୁଚ୍ଛ ସହ ଉପୌକନ ଦେଇ ସମ୍ମାନୀତ କରାଯାଇଥିଲା । ଏହି ଅବସରରେ ବରିଷ୍ଠ ନାଗରିକମାନଙ୍କ ଆଜୀବନ ସୁସ୍ଥ, ସବଳ ଓ ନିରାମୟ ଜୀବନ କାମନା କରାଯିବା ସାଙ୍ଗକୁ ସେମାନେ ସମ୍ମାନର ସହ ସମାଜରେ ବଂଚିବା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା ।କୁକୁଡ଼ାଖଣ୍ଡି ବ୍ଲକ ପକ୍ଷରୁ ଅନୁଷ୍ଠିତ ହୋଇଥିବା ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ କାର୍ଯ୍ୟକ୍ରମରେ ପ୍ରତି ପଂଚାୟତର ବହୁ ବରିଷ୍ଠ ନାଗରିକଙ୍କ ସମେତ ପି ଇ ଓ ଅଶୋକ କୁମାର ପଟ୍ଟନାୟକ, ଜଗଦଳପୁର ସରପଂଚ କ୍ରାନ୍ତି କୁମାରୀ ଦେବୀ, କାମେଶ୍ୱର ବିଶ୍ୱାଳ, କିଶୋର ପାତ୍ର ପ୍ରମୁଖ ଯୋଗଦେଇଥିଲେ । ବ୍ଲକ ପକ୍ଷରୁ ଆୟୋଜିତ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ-୨୦୨୫ ପାଳନ ଅବସରରେ ବରିଷ୍ଠ ନାଗରିକଙ୍କ ସମେତ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଏବଂ ଜିଲ୍ଲା ଶିକ୍ଷା ବିଭାଗର ପରାମର୍ଶକ୍ରମେ ପୂର୍ବରୁ କୁକୁଡ଼ାଖଣ୍ଡି ବ୍ଲକ ଶିକ୍ଷାବିଭାଗ ପକ୍ଷରୁ ପରିବର୍ତ୍ତିତ ପୃଥିବୀରେ ବରିଷ୍ଠ ନାଗରିକଙ୍କ ସହନଶୀଳତା ଶୀର୍ଷକ ବିଷୟବସ୍ତୁ ଉପରେ ଅନୁଷ୍ଠିତ ରଚନା ପ୍ରତିଯୋଗିତାରେ ପ୍ରଥମ , ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାରୀ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ରାଶି ସହ ସାର୍ଟିଫିକେଟ ଦେଇ ସମ୍ମାନୀତ କରାଯାଇଥିଲା । ଏଥିରେ ପ୍ରତିଯୋଗିତାରେ ଭାଗ ନେଇଥିବା ଅନ୍ୟ୨୪ ଜଣ ଛାତ୍ରଛାତ୍ରୀଙ୍କୁ ମଧ୍ୟ ସାର୍ଟିଫିକେଟ ଦେଇ ସମ୍ମାନିତ କରାଯାଇଥିଲା । ଏହି ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ କାର୍ଯ୍ୟକ୍ରମକୁ ସୁପରିଚାଳନା କରିବା ଦିଗରେ କନିଷ୍ଠ ସହାୟକ ଅନିଲ ସାହୁ, ଧିରେନ୍ଦ୍ର ଗୌଡ, ପ୍ରଫୁଲ ସେଠୀଙ୍କ ସମେତ ପ୍ରଶାସନର ବହୁ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ ।

## ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ ଜିତେନ୍ଦ୍ରଙ୍କୁ ଜିଲାପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ

ଛତ୍ରପୁର,୧୦।୧୦:(ମନ୍ଥନ)ଗଞ୍ଜାମ ଜିଲାର ଦିଗପହଣ୍ଡି ବ୍ଲକ ଫାସିଗୁଡା ଗ୍ରାମର ରକ୍ଷୀ ସୁଦର୍ଶନ ପ୍ରଧାନଙ୍କ ପୁଅ ଜିତେନ୍ଦ୍ର ପ୍ରଧାନ ସିଆଇଟିଏସ ପରୀକ୍ଷାରେ ସର୍ବଭାରତୀୟ ଟପର ହୋଇ ଜିଲା ଓ ଓଡିଶା ପାଇଁ ଗୌରବ ଆଣିଥିଲେ । ଚଳିତ ମାସ ୪ ତାରିଖରେ ନୂଆ ଦିଲ୍ଲୀ ବିଜ୍ଞାନ ଭବନରେ କେନ୍ଦ୍ର ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜିତେନ୍ଦ୍ରଙ୍କୁ ପୁରସ୍କୃତ କରିଥିଲେ । ଜିତେନ୍ଦ୍ର ହିଞ୍ଜିଳିକାଟୁ ଶିଳ୍ପ ତାଲିମ କେନ୍ଦ୍ରରେ ଆଇଟିଆଇ ପାସ କରିବା ପରେ ଭୁବନେଶ୍ୱର ସ୍ଥିତ ଜାତୀୟ କୌଶଳ ବିକାଶ ତାଲିମ କେନ୍ଦ୍ରରେ ଇଲେକ୍ଟ୍ରିସିଆନ ବିଭାଗରେ ଅଧ୍ୟୟନରତ ଅଛନ୍ତି । ସିଟିଆଇଏସ ପକ୍ଷରୁ ଅନୁ ିତ ଅଲ ଇଣ୍ଡିଆ ଟ୍ରେଡ ଟେଷ୍ଟ ପରୀକ୍ଷାରେ ପୂର୍ବାଚଂଳ ଜୋନ ଟପର ହୋଇ ଜାତୀୟ ସ୍ତରରେ



ଏହି ସଫଳତା ହାସଲ କରିଥିଲେ । ଏନେଇ ଆଜି ତାଙ୍କୁ ଗଞ୍ଜାମ ପ୍ରଶାସନ ପକ୍ଷରୁ ଜିଲାପାଳ ଭି.କିର୍ତି ଭାସନ ସମ୍ବର୍ଦ୍ଧନା ଦେଇଥିଲେ । ଛତ୍ରପୁର ଜିଲାପାଳ ଙ୍କ କାର୍ଯ୍ୟାଳୟରେ ତାଙ୍କ ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ଜିଲାପାଳ ସମ୍ବର୍ଦ୍ଧନା କରିଥିଲେ । ଜିତେନ୍ଦ୍ର ଜିଲା ଓ ଓଡିଶାର ପାଇଁ ଗର୍ବ ଓ ଗୌରବ ଆଣିପାରିଛନ୍ତି ସେ ଅନ୍ୟମାନଙ୍କ ପାଇଁ ଏକ ପ୍ରେରଣା ହୋଇପାରିଛନ୍ତି। ଆଗାମୀ ଦିନରେ ଆମ ଜିଲାରୁ ଏହିପରି ମେଧାବୀ ଛାତ୍ରା ବାହାରି ଜିଲାର ସୁନାମ ଆଣିପାରିବେ । ତାଙ୍କରି ଏହି ଯାତ୍ରା କିପରି ଥିଲା ଆଗାମୀ ଭବିଷ୍ୟତ ସହ ଅଚଂଳର ବିକାଶ ଉପରେ ଜିତେନ୍ଦ୍ର ଜିଲାପାଳଙ୍କ ସହ ଆଲୋଚନା କରିଥିଲେ । ଏହି ସମ୍ବର୍ଦ୍ଧିତ କାର୍ଯ୍ୟକ୍ରମରେ ଜିତେନ୍ଦ୍ରଙ୍କ ବାପା ସୁଦର୍ଶନ ପ୍ରଧାନ, ଫାସିଗୁଡାର ସରପଂଚ ଗୌରୀ କୁମାରୀ ବିଷୋୟୀ, ସରପଂଚ ପ୍ରତିନିଧି ଶିବାରମ ପ୍ରଧାନ, ହିଞ୍ଜିଳି ଶିଳ୍ପ ତାଲିମ କେନ୍ଦ୍ରର ଶିକ୍ଷୟିତ୍ରୀ ସ୍ୱାଗତିକା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଆସନ୍ତାକାଲି ଜିତେନ୍ଦ୍ରଙ୍କ ଗ୍ରାମରେ ମଧ୍ୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରହିଥିବା ସରପଂଚ ଗୌରୀ କୁମାରୀ ବିଷୋୟୀ ସୂଚନା ଦେଇଛନ୍ତି ।

## ପାପଡାହାଣ୍ଡିରେ ପ୍ରବାସୀ ଶ୍ରମିକ ସଚେତନ ଶିବିର ଅନୁଷ୍ଠିତ

ପାପଡାହାଣ୍ଡି,୧୦।୧୦:(ମନ୍ଥନ)ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ସଦର ମହକୁମା ନୀଳକଣ୍ଠେଶ୍ୱର ମିସ୍ତ୍ରୀ ସଙ୍ଘ ସଭାଗୃହ ଠାରେ ପଞ୍ଚାୟତ ସ୍ତରୀୟ ଅନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ସଚେତନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥିଭାବେ ବ୍ଲକ



ଉପାଧକ୍ଷ ସୁଶାନ୍ତ ବେହେରା ଯୋଗ ଦେଇଥିଲେ । ସଂମ୍ମାନୀୟ ଅତିଥିଭାବେ ପାପଡାହାଣ୍ଡି ବିଡ଼ିଓ କପିଳଦେବ ସାହୁ ଯୋଗ ଦେଇଥିଲେ । ଏହି ସଚେତନ ଶିବିରରେ ପ୍ରାୟ ଦୁଇ ସହ ମହିଳା ଏବଂ ପୁରୁଷ ଶ୍ରମିକ ଯୋଗ ଦେଇଥିଲେ , ଉପସ୍ଥିତ ଶ୍ରମିକ ଙ୍କୁ କେମିତି ଶ୍ରମିକ ଦଲାଲ ମାନେ ଠକି ବାହାର ରାଜ୍ୟକୁ ଦାଦନ ଖଟାଇବାକୁ ନେଉଛନ୍ତି ଏବଂ ବିଭିନ୍ନ ସମୟରେ ବିଭିନ୍ନ ଅତ୍ୟାଚର କରୁଛନ୍ତି ସେ ବିଷୟରେ ଅତିଥିମାନେ ଅବଗତ କରାଇଥିଲେ ।ଶେଷରେ ନୂତନ ଭାବେ ଯେଉଁ ଶ୍ରମିକ ମନେ ପଞ୍ଜିକୃତ ହଇଥିଲେ । ସେମାନଙ୍କୁ ଅତିଥିଙ୍କ ଦ୍ୱାରା ପଞ୍ଜିକୃତ ଶ୍ରମିକ କାର୍ଡ ପ୍ରଦାନ କରାଯାଇଥିଲା , ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ମିସ୍ତ୍ରୀ ସଙ୍ଘ ସଭାପତି ବିପିନ ନାଗ , ଉପଶ୍ରମ ଅଧିକାରୀ ସଂଗ୍ରାମ ଭୂମିଆ , ରାଜକିଶୋର ରାଓ , ଈଶ୍ୱର ମାଝୀ , ଭୁବନ ବାଗ , ଅଭିମନ୍ୟୁ ଟାକ୍ରୀ ପ୍ରମୁଖ ମଞ୍ଚାସିନ ଥିଲେ ।

## ଭଲିବଲ ଚୟନ ଶିବିର ଅନୁଷ୍ଠିତ

ପାପଡାହାଣ୍ଡି,୧୦।୧୦:(ମନ୍ଥନ)ଆଜି ପାପଡାହାଣ୍ଡି ଲାଲବାହାଦୁର ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ ଠାରେ ୧୭ ବର୍ଷରୁ କମ ବାଳକ ବିଭାଗର ଭଲିବଲ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ମୋଟ ୧୦ ଟି ବ୍ଲକରୁ ୪୦ ଜଣ ପ୍ରତିଯୋଗି ଆଜିର ଏହି ଚୟନ ଶିବିରରେ ଭାଗ ନେଇଥିଲେ ଏବଂ ୧୫ ଜଣ ଅଫିସିଆଲ ଯୋଗ ଦେଇଥିଲେ ।ଏହି ଶିବିରରୁ ମୋଟ ୧୨ ଜଣ ପ୍ରତିଯୋଗି ଆଗାମୀ ୧୧:୧୦:୨୫ ରୁ ୧୩:୧୦:୨୫ ପର୍ଯ୍ୟନ୍ତ ଭଦ୍ରକ ଜିଲ୍ଲାର ଚରମ୍ପା ଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଚୟନ ହୋଇଛନ୍ତି। ଶାରୀରିକ ଶିକ୍ଷକ ଏ. ବାଲାଜୀ ମେନେଜର ଭାବେ ଦଳ ସହିତ ଚରମ୍ପା ଯାତ୍ରା କରିବେ, ଦଳର ସଫଳତା କାମନା କରି ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଶାରୀରିକ ଶିକ୍ଷା ନିରୀକ୍ଷକ ପ୍ରଭାତ କୁମାର ପଟ୍ଟନାୟକ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି । ପୂର୍ବତନ ଶାରୀରିକ ଶିକ୍ଷା ନିରୀକ୍ଷକ ଭାଗିଷି ଦେ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଜିର ଚୟନ ଶିବିର ଅନୁଷ୍ଠିତ ହୋଇଥିଲା ।

## ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଅବସରରେ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ, ୧୦।୧୦:(ମନ୍ଥନ)ଜିଲ୍ଲା ଆଇନସେବା ପ୍ରାଧିକରଣ ଦ୍ୱାରା ପୁଃନର୍ବାସ ଓ ଅନୁସନ୍ଧାନ କେନ୍ଦ୍ର (ସିଆରଏସ୍‌ଆର) ପରିସରରେ ମାନସିକ ରୋଗୀ ଓ ମାନସିକ ଅନଗ୍ରସର ତଥା ମାନସିକ ପ୍ରତିବନ୍ଧକତା ସମ୍ବନ୍ଧରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଅବସରରେ ଭଦ୍ରକ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ଅଧ୍ୟକ୍ଷ ଶ୍ରୀ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଶ୍ୱ ମାନସିକ ଦିବସ ପାଳିତ ହୋଇଯାଇଛି । ଭଦ୍ରକ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ସଚିବ ଶ୍ରୀ ପୂର୍ଣ୍ୟଶ୍ଳୋକ ରଥଙ୍କ ଅଧ୍ୟକ୍ଷତାରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପରିପ୍ରେକ୍ଷୀରେ ଏକ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସମ୍ମାନିତ ଅତିଥିଭାବେ ସି.ଆର.ଏସ୍.ଆର.ର ମୁଖ୍ୟ କାର୍ଯ୍ୟନିର୍ବାହୀ ଡ଼. ଭଗବାନ ପରିଡ଼ା, ଅଧ୍ୟକ୍ଷ ଡ଼. ଅରୁଣ ଲେଙ୍କା, ଏଲ.ଏ.ସି. ପ୍ରତିପକ୍ଷ ଅଧିବକ୍ତା ଡ଼. ତାପସ କୁମାର ମହାନ୍ତି ଓ ବି.ଆର.ଏସ୍.ଆର. ର ରାଜେନ୍ଦ୍ର ବିଶ୍ୱାଳ ପ୍ରମୁଖ ଅନ୍ୟ ବିଭାଗୀୟ ଡ଼ାକ୍ତର ଉପସ୍ଥିତ ରହି ଆଜିର ଏହି ସଚେତନତା କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ । ଉକ୍ତ ପରିପ୍ରେକ୍ଷୀରେ ମାନସିକ ରୋଗୀ ଓ



ଅନଗ୍ରସର ବ୍ୟକ୍ତିଙ୍କ ପାଇଁ ଉର୍ଦ୍ଦିଷ୍ଟ ଆଇନଗତ ଅଧିକାର ଓ ଅଭିଭାବକମାନେ କିପରି ଏହି ବିଷୟରେ ଅବଗତ ଓ ଉପକୃତ ହେବେ ତାହା ଭଦ୍ରକ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ସହ ଯୋଗାଯୋଗ କରିପାରିବେ ବୋଲି ଉଚିତ୍ ପରାମର୍ଶ ବିଶେଷକରି ସଚିବ ପୂର୍ଣ୍ୟଶ୍ଳୋକ ରଥ ମହୋଦୟ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ପ୍ରାୟ ୧୫ଜଣ ଦିବ୍ୟାଙ୍ଗଙ୍କୁ ବିଭିନ୍ନ ପ୍ରକାର ଆବଶ୍ୟକୀୟ ଉପକରଣ ଯଥା ଟ୍ରାଇସାଇକେଲ (ବ୍ୟାଟେରୀ ଚାଳିତ), ହୁଇଲଚେୟାର, କୃତ୍ରୀମ ଅଙ୍ଗ, ଆଶାବାଡ଼ି ଇତ୍ୟାଦି ବଣ୍ଟନ କରାଯାଇଥିଲା । ଶେଷରେ ଡ଼. ଭଗବାନ ପରିଡ଼ା, ସି.ଆର.ଏସ୍.ଆର.ର ମାନସିକ ରୋଗୀ ତଥା ମାନସିକ ପ୍ରତିବନ୍ଧକତା ଉପରେ ବିଶେଷ ଟିପଣୀ ଓ ଅଭିଭାବକଙ୍କର ଭୂମିକା ତଥା ନିଜର ଅଭିଜ୍ଞତା ବ୍ୟାଖା କରିଥିଲେ ଓ ଜିଲ୍ଲା ଆଇନସେବା ପ୍ରାଧିକରଣର ଭୂମିକା ଓ ସମସ୍ତ କର୍ମଚାରୀମାନେ ଉକ୍ତ କାର୍ଯ୍ୟକ୍ରମଟିକୁ ସଫଳ ରୂପାୟନ କରିଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବରିଷ୍ଠ ସାହିତ୍ୟିକ ଓ ଶିକ୍ଷାବିତ୍ ବ୍ୟୋମବିହାରୀ ରଥଙ୍କ ବିୟୋଗରେ ଶୋକ

ମାହାଙ୍ଗା,୧୦।୧୦:(ମନ୍ଥନ)କଟକଜିଲ୍ଲାର ସଂଗ୍ରାମୀ ଓ ସାରସ୍ୱତ ମାଟି ମାହାଙ୍ଗା ଅଂଚଳର ବିଶିଷ୍ଟ ସାହିତ୍ୟିକ ଓ ଶିକ୍ଷାବିତ୍ ବ୍ୟୋମବିହାରୀ ରାଥଙ୍କ ଚଳିତ ମାସ ୧ତାରିଖରେ ୮୨ବର୍ଷ ବୟସରେ ଇଡୁକୁରାସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି । ଶିକ୍ଷକତା ପେଷାରୁ ସ୍ୱର୍ଗତ ଶ୍ରୀ ରଥ ଶଂଖତ୍ରାସ ଉଚ୍ଚ ବିଦ୍ୟାଳୟ କଟକରୁ ଅବସର ନେଇଥିଲେ। ନିଜ ଜୀବନକାଳ ମଧ୍ୟରେ ଶ୍ରୀ ରଥ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ସଂଗଠନ ସହିତ ଜଡ଼ିତ ରହିବା ସହ ସାରସ୍ୱତ ସାଧନାରେ ମଗ୍ନ ଥିଲେ। ତାଙ୍କ ରଚିତ ପୁସ୍ତକ ମଧ୍ୟରେ କବିତା ସଂକଳନ- କଳ୍ପନା କୁସୁମ, ଯଯାତି, ରଶ୍ମିରଥୀ, ରାମାୟଣ, ଜନ୍ମାଷ୍ଟମୀ ବ୍ରତ, ବଳିଦ୍ୱାରେ ବାମନ, ବାଲ୍ମିକି ଆଶ୍ରମରେ ସୀତା, କର୍ଣ୍ଣବଦ୍ଧ ସମେତ୍ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ ଓଡ଼ିଆ ଓ ଇଂରାଜୀ ବ୍ୟାକରଣ ରଚନା କରି ପାଠକୀୟ ସ୍ୱୀକୃତି ପାଇଛନ୍ତି। ସ୍ୱର୍ଗତ ରଥ ରାଜ୍ୟର ବିଭିନ୍ନ ସାମାଜିକ ଓ ସାହିତ୍ୟିକ ଅନୁଷ୍ଠାନରୁ ସମ୍ବର୍ଦ୍ଧିତ ଓ ସମ୍ମାନୀତ ହୋଇଥିଲେ। ଏହି ସମ୍ବର୍ଦ୍ଧନା ମଧ୍ୟରେ ଜୟଦେବ ପୁରସ୍କାର , ଉତ୍କଳ ଗୀତିକବି ସମ୍ମାନ ରାଉରକେଲା, କୁଞ୍ଜକଳିକା ସମ୍ମାନ ଭଦ୍ରେଶ୍ୱର,କଟକ, ଦ୍ୱିତୀୟଭଞ୍ଜ ସାରସ୍ୱତ ସମ୍ମାନ ଦୁଲାରପୁର,କଟକ, ପାର୍ବତୀ ଗୋବିନ୍ଦ ସମ୍ମାନ ଭଦ୍ରକ, କଳିଙ୍ଗଭାରତୀ ସମ୍ମାନ,କଟକ ଓ ରାମେଶ୍ୱର ସାହିତ୍ୟ ସଂସଦ ଆଦି ଅନ୍ୟତମ। ତାଙ୍କ ବିୟୋଗରେ ରାଜ୍ୟର ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି।

## ନବରଙ୍ଗପୁର ଠାରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ



ନବରଙ୍ଗପୁର, ୧୦।୧୦:(ମନ୍ଥନ)ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ଓ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ନବରଙ୍ଗପୁର ର ମିଳିତ ଆନୁକୁଲ୍ୟରେ ଜିଲ୍ଲାମୁଖ୍ୟ ଚିକିତ୍ସାଳୟ, ନବରଙ୍ଗପୁର ସମ୍ମିଳନୀ କକ୍ଷରେ ବିଶ୍ୱ ମାନସିକସ୍ୱାସ୍ଥ୍ୟ ଦିବସ କୁ ନେଇ ଏକ ସଭା ଓ ଆଇନ ସଚେତନତା ଶିବିର ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜର୍ଜ ଶ୍ରୀଯୁକ୍ତ ସୁବ୍ରତ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ହୋଇଥିଲା । ଏଠାରେ ମୁଖ୍ୟଅତିଥିଭାବେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ସଚିବ ଶ୍ରୀମତୀ ଶାଶ୍ୱତୀ ମିଶ୍ର ଯୋଗ ଦେଇଥିଲେ ।ବୈଠକରେ ଜିଲ୍ଲାମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ସନ୍ତୋଷ କୁମାର ପଣ୍ଡା, ଡକ୍ଟର ଏନ ରବି ବାବୁ, ଡକ୍ଟର ସମଲେଇ ପ୍ରସାଦ ପଣ୍ଡା, ଶ୍ରୀ ଶଙ୍କର ଆଚାର୍ଯ୍ୟ, ଡି ଆଇ ପି ଆର୍ ଓ ମନୋଜ କୁମାର ବେହେରା,ଡି. ପି .ଏମ, (ଏନ୍ ଏଚ ଏମ)ନବରଙ୍ଗପୁର, ଶ୍ରୀ ରାଜ କିଶୋର ନାଗ, ଉପ ମୁଖ୍ୟ ଆଇନ ଗତ ସହାୟତା ପ୍ରତିରକ୍ଷା ପରାମର୍ଶଦାତା, ନବରଙ୍ଗପୁର, ଶ୍ରୀମତୀ କିଶୋରୀ ପଟ୍ଟନାୟକ, ଆଇନଜୀବି ନବରଙ୍ଗପୁର ଶ୍ରୀମତୀ ରାକ୍ଷୀ ଜୈନ,ସହାୟକ ଆଇନ ଗତ ସହାୟତା ପ୍ରତିରକ୍ଷା ପରାମର୍ଶଦାତା, ନବରଙ୍ଗପୁର, ମିସ ସୁଶ୍ରୀ ସମ୍ୟକ ନନ୍ଦ, କ୍ଲିନିକାଲ ମନସ୍ତତ୍ୱବିତ, ନବରଙ୍ଗପୁର , ନବରଙ୍ଗପୁର ନର୍ସିଂ କଲେଜ ର ଛାତ୍ରୀ,ବିଭିନ୍ନ ବ୍ଲକ ର ପାରା ଲିଗାଲ ସ୍ୱେଚ୍ଛାସେବୀଗଣ ପ୍ରମୁଖ ଭାଗ ନେଇଥିଲେ । ପ୍ରଥମେ ଜିଲ୍ଲାମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ସନ୍ତୋଷ କୁମାର ପଣ୍ଡା ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଅବସରରେ ମାନସିକ ରୋଗର କାରଣ ,ଏହାର ନିରାକରଣ ଓ ଉପଚାର,ମାଗଣା ଔଷଧ ବିତରଣ,ଏବଂ ବୌଦ୍ଧିକ ଅକ୍ଷମତା ଥିବା ବ୍ୟକ୍ତିଙ୍କୁ ସହାୟତା ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ । ସ୍ୱାସ୍ଥ୍ୟ ବିଭାଗ ର ମନସ୍ତତ୍ତ୍ୱବିତ୍ ପି ପି ଟି ମାଧମରେ ଗୃହରେ ମାନସିକ ରୋଗର ଲକ୍ଷଣ,ନିରାକରଣ, ସ୍ୱାସ୍ଥ୍ୟ ବିଭାଗ ତରଫରୁ ଚିକିତ୍ସା ଉପରେ ପ୍ରାଞ୍ଜଳ ଭାବେ ସମସ୍ତଙ୍କୁ ଅବଗତ କରାଇଥିଲେ । ମୁଖ୍ୟ ଅତିଥି ମାନସିକ ରୋଗର ପୀଡ଼ିତ ବ୍ୟକ୍ତି ଓ ବିଭିନ୍ନ ଆଇନ ବିଷୟ ନେଇ ସଚେତନ କରିଥିଲେ । ବୈଠକ ରେ ସାଂପ୍ରତିକ ସମୟରେ ମାନସିକ ସ୍ୱାସ୍ଥ୍ୟ ବଜାୟ ରଖିବା ପାଇଁ ନିୟମିତ ଯୋଗ,ଶାରୀରିକ ବ୍ୟାୟାମ, ଆଧ୍ୟାତ୍ମିକତା,ଯଥେଷ୍ଟ ନିଦ୍ରା, ଗୋଷ୍ଠି ଓ ପରିବାର ର ସହଯୋଗ, ଅବସାଦ ଓ ଅସହାୟତା କୁ ଦୂରୀକରଣ ନିମନ୍ତେ ପ୍ରୟାସ କୁ ଗରୁତ୍ୱ ଦେବାକୁ ମତ ପ୍ରକାଶ ପାଇଥିଲା ।ପରିଶେଷରେ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଜିଲ୍ଲା କାର୍ଯ୍ୟକାରୀ ସଞ୍ଚାଳକ, ଶ୍ରୀ ଶଙ୍କର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

## ୫ ଦଫା ଦାବିରେ 'ଟିଏଫଏଲ୍' ସମ୍ମୁଖରେ ୬ ଗ୍ରାମବାସୀଙ୍କ ବିକ୍ଷୋଭ

ଅନୁଗୁଳ,୧୦।୧୦:(ମନ୍ଥନ)୫ ଦଫା ଦାବି ନେଇ ଆଜି୬ଟି ଗ୍ରାମର ଗ୍ରାମବାସୀ ତାଳଚେର ସାର କାରଖାନା(ଟିଏଫ୍‌ଏଲ) ସମ୍ମୁଖରେ ବିକ୍ଷଭୋ ପ୍ରଦର୍ଶନ କରିଥିଲେ ତାଳଚେର ସର କାରଖାନାରେ ବର୍ତ୍ତମାନ କାମକରୁଥିବା ରାଜ୍ୟ ବାହାରର ବିଭିନ୍ନକମ୍ପାନି ଗୁଡ଼ିକରେ ସ୍ଥାନୀୟ ଲୋକଙ୍କଶିକ୍ଷାଗତ ଯୋଗ୍ୟତା ଭିତ୍ତିକ ନିଯୁକ୍ତିପ୍ରଦାନ, ଯେଉଁ ଠିକା ସଂସ୍ଥାରେକର୍ମଚାରୀମାନେ କାମ କରୁଛନ୍ତି ସେହିକର୍ମଚାରୀଙ୍କୁ ଉପଯୁକ୍ତ ଦରମା ପ୍ରଦାନ,କମ୍ପାନି ପକ୍ଷରୁ କର୍ମଚାରୀଙ୍କ ରହିବାରବ୍ୟବସ୍ଥା କରିବା ଆଦି ଦାବି ନେଇଗ୍ରାମବାସୀମାନେ ଏହି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହାସହିତ ୧୩ ହଜାର କୋଟି ଟଙ୍କାର ଏହି ପ୍ରକଳ୍ପ ୨୦୨୭ଭିତରେ କାର୍ଯ୍ୟକ୍ଷମ କରିବାକୁ କାରଖାନାର ବରିଷ୍ଠଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ପ୍ଲାଣ୍ଟ କର୍ତ୍ତୃପକ୍ଷଗ୍ରାମବାସୀଙ୍କ ଏହି ଦାବିଗୁଡିକ ପୂରଣ ନକଲେ ଆଗାମୀଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲିଚେତାବନୀ ଦିଆଯାଇଛି । ଏହି ବିକ୍ଷୋଭ ପ୍ରଦର୍ଶନରେତାଳଚେର ସାର କାରଖାନାର ଦ୍ୱାରା କ୍ଷତି ସହୁଥିବା୬ଟି ଗ୍ରାମ ଗୋବରା, କର୍ଣ୍ଣପୁର, କାଣ୍ଡସର, ବଳରାମପ୍ରସାଦ, କୁରୁଡୁଲୁ ଏବଂ କୁକୁଡ଼ାଙ୍ଗ ଭଳି ଗ୍ରାମଗୁଡ଼ିକରୁଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇଥିଲେ । ପରେଆନ୍ଦୋଳନକାରୀଙ୍କ ପାଖରେ ଟିଏଫ୍‌ଏଲ୍ କର୍ତ୍ତୃପକ୍ଷପହଞ୍ଚି ବୁଝାସୁଝା କରିବା ସହିତ ଏହାର ସମାଧାନନିମନ୍ତେ ବୈଠକ କରାଯାଇ ନିଷ୍ପତ୍ତି ନେବାକୁ ପ୍ରତିଶ୍ରୁତିଦିଆଯିବା ପରେ ଗ୍ରାମବାସୀ ଆନ୍ଦୋଳନରୁ ଓହରିଥିଲେ ।

## ମା ଶାରଳା ରାଇସି ମିଲ୍ ରେ ଗଜଲକ୍ଷ୍ମୀ ପୂଜା ପାଳିତ

ଜଗତସିଂହପୁର,୧୦।୧୦:(ମନ୍ଥନ)ବୁଧବାର ବିରିଡ଼ି ବ୍ଲକ ଅନ୍ତର୍ଗତ ପଣ୍ଡିଆ ରାଇସି ମିଲ୍ ରେ ଧନଦାତ୍ରୀ ମା ଗଜଲକ୍ଷ୍ମୀ ପୂଜା ମହାସମାରୋହରେ ଅନୁଷ୍ଠିତ ହୋଇ ଯାଇଛି ।



ସୋମବାର ପୂର୍ବାହ୍ନ ରୁ କଳସ ଶୋଭା ଯାତ୍ରା,ସୂର୍ଯ୍ୟପୂଜା,ଦ୍ୱାରପାଳ,ଅଗ୍ନି ସଂସ୍କାର,ନିଆସା,ଶୋଡଶ ପୁଜା ଅନୁଷ୍ଠିତ ହୋଇଥିଲା । ଏହି ପୂଜାରେ ମୁଖ୍ୟ ଅଦ୍ୱିତୀୟ ପଣ୍ଡିତ ଗୌରାଙ୍ଗ ଚରଣ ପତି ଏବଂ ସହଯୋଗୀ ଦର୍ପ ନାରାୟଣ ପତି ଓ ସତ୍ୟବ୍ରତ ରଥ ଙ୍କ ଦ୍ୱାରା ଯଥା ବୈଦିକ ରୀତିନୀତି ଅନୁସାରେ ମା ଙ୍କର ପୂଜା ଧୁମଧାମରେ ଅନୁଷ୍ଠିତ ହୋଇ ଯାଇଛି । ବୁଧବାର ସନ୍ଧ୍ୟାରେ ମା ଲକ୍ଷ୍ମୀ ଙ୍କର ଭସାଣି ଉତ୍ସବ ଅନୁଷ୍ଠିତ କରାଯିବ ବୋଲି ପୂଜକ ପକ୍ଷରୁ କୁହାଯାଇଥିଲା । ଏହି ମିଇଲ ର ମାଲିକ ରଞ୍ଜିତ କୁମାର ସାହୁ ଏବଂ କଲ୍ୟାଣୀ ସାହୁ ଏହି ପୂଜାର କର୍ତ୍ତା କର୍ତ୍ତା ରହି ସମସ୍ତ ଙ୍କ ର ମଙ୍ଗଳ କାମନା କରିଥିଲେ ।

## ଜନ୍ମପୀଠରେ ଗଣକବି ବୈଷ୍ଣବ ପାଣିଙ୍କ ୧୪୪ତମ ଜୟନ୍ତୀ ପାଳିତ

ମାହାଙ୍ଗା, ୧୦।୧୦:(ମନ୍ଥନ)ଗଣକବି ବୈଷ୍ଣବ ପାଣିଙ୍କ ସ୍ମୃତିରକ୍ଷା ପାଇଁ ଏବଂ ପାଣି ସାହିତ୍ୟ ତଥା ତାଙ୍କର ରଚିତ ଗୀତିନାଟ୍ୟର ପ୍ରଚାର ଓ ପ୍ରସାର ନିମିତ୍ତ ମାହାଙ୍ଗାର ଅନ୍ୟତମ ପୂଜ୍ୟପୂଜକ ତଥା ରାଜନୀତିଜ୍ଞ ଶରତ କୁମାର କରଙ୍କ ଦ୍ୱାରା ପ୍ରତିଷ୍ଠିତ ଗଣକବି ସ୍ମୃତିସଂସଦ ପକ୍ଷରୁ ଚଳିତବର୍ଷ ଅକ୍ଟୋବର ୭ତାରିଖ କୁମାର ପୂର୍ଣ୍ଣିମା ଦିନ ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଗଣକବି ବୈଷ୍ଣବ ପାଣିଙ୍କ ଜନ୍ମପୀଠ କୋଠପଦା ସ୍ଥିତ ତାଙ୍କର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ରଘୁନାଥଜୀଉ ମଠ ପ୍ରାଙ୍ଗଣରେ ଗଣକବିଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶରତକର ଓ ଅନିମାକର ଫାଉଣ୍ଡେସନ୍‌ର ସହ ଅଧ୍ୟକ୍ଷ ଅଧ୍ୟାପକ ସୁମନ କର ମୁଖ୍ୟ ଅତିଥିଭାବେ ଯୋଗଦେଇ ଗଣକବି ବୈଷ୍ଣବପାଣିଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ତାଙ୍କର ଅମର ଲେଖନୀ ନିସୃତ ସମସ୍ତ ସାହିତ୍ୟ ସୃଷ୍ଟି ସମ୍ଭାରକୁ ସଂରକ୍ଷଣ କରି ରଖିବାର ଆବଶ୍ୟକତା ରହିଛି ବୋଲି ମତଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗଣକବି ସ୍ମୃତିସଂସଦ , ମାହାଙ୍ଗାର କର୍ମକର୍ତ୍ତା ଓ ସଦସ୍ୟବୃନ୍ଦ, ଶରତପ୍ରେମୀ ପରିବାରଙ୍କ ସଦସ୍ୟଙ୍କ ସମେତ ବୈଷ୍ଣବପାଣି ପ୍ରେମୀ ଜନସାଧାରଣ ଓ ସ୍ଥାନୀୟ ବୁଦ୍ଧିଜୀବି, ସାହିତ୍ୟିକ, ପାଣିସାହିତ୍ୟିକ ଅନୁରାଗୀ, ବିଶିଷ୍ଟବ୍ୟକ୍ତିବୃନ୍ଦ ଯୋଗଦେଇ ଗଣକବିଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅନୁରୂପ ଭାବେ ମଧ୍ୟ ରାଜଧାନୀ ଭୁବନେଶ୍ୱର ସ୍ଥିତ ଉତ୍କଳ ସଂଗୀତ ମହାବିଦ୍ୟାଳୟ ସମ୍ମୁଖସ୍ଥ ଗଣକବି ବୈଷ୍ଣବ ପାଣିଙ୍କ ପ୍ରତିମୂର୍ତ୍ତିରେ ଗଣକବି ସ୍ମୃତିସଂସଦ ମାହାଙ୍ଗା, ଶରତ କର ଓ ଅନିମାକର ଫାଉଣ୍ଡେସନ୍ ଏବଂ ମାହାଙ୍ଗା ମୈତ୍ରୀ ମଞ୍ଚ ପକ୍ଷରୁ ମାଲ୍ୟାର୍ପଣ ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

## ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୯ତମ ଜୟନ୍ତୀ

ମାହାଙ୍ଗା, ୧୦।୧୦:(ମନ୍ଥନ)ମାହାଙ୍ଗା ବ୍ଲକର ଭଦ୍ରେଶ୍ୱର ଠାରେ ଦ୍ୱିତୀୟଭଞ୍ଜ ସାହିତ୍ୟ ସଂସ୍କୃତି ସଂସଦ ତରଫରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୯ତମ ଜୟନ୍ତୀ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦ୍ୱିତୀୟଭଞ୍ଜ ସାହିତ୍ୟ ସଂସ୍କୃତି ସଂସଦର ସଂପାଦକ ଗୌତମ ଚରଣ ଜେନା, କବି ରାଜ କିଶୋର ମିଶ୍ର, ପବିତ୍ରମୋହନ ପ୍ରଧାନ, ଶିଶୁସାହିତ୍ୟିକ ପ୍ରଫୁଲ୍ଲ କୁମାର ସାହୁ, ଶିକ୍ଷକ ଅନନ୍ତ କିଶୋର ସାହୁ, ଗୋପାଳପୁରର ପୂର୍ବତନ ସରପଂଚ ସୁବାଷ ଚନ୍ଦ୍ର ମହାନ୍ତି, ଗୋପାଳପୁର ପଂଚାୟତର ସରପଂଚଙ୍କ ପ୍ରତିନିଧି ନରହରି ସେଠୀ, ସମାଜସେବୀ ବିପିନ ସ୍ୱାଇଁ, ସମିତି ସଭ୍ୟ ଲଳିତ କୁମାର ରାଉଳ, ସ୍ତମ୍ଭକାର ବିବେକାନନ୍ଦ ଦାସ, ଶ୍ୟାମସୁନ୍ଦର ପ୍ରଧାନ, କବି କଲ୍ଲୋଳ ଚନ୍ଦ୍ର ମହାନ୍ତି, ମନୁଚରଣ ପତି, ରବିନ୍ଦ୍ର କୁମାର ରାଉଳ ପ୍ରମୁଖ ଯୋଗଦେଇଥିଲେ।

ପୃଷ୍ଠା ୦୪

ଶନିବାର ୧୧ ଅକ୍ଟୋବର ୨୦୨୫, ଭୁବନେଶ୍ୱର

SATURDAY 11 OCTOBER, 2025, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ସମ୍ପାଦକୀୟ

# ଘାତକ କଫ ସିରପ୍

ବିଷାକ୍ତ କଫ୍ ସିରପ ପିଇ ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ୨୦ଜଣ ଶିଶୁଙ୍କର ମୃତ୍ୟୁ ଘଟଣା କେବଳ ଭାରତୀୟ କମ୍ପାନୀଗୁଡିକ ଦ୍ୱାରା ପ୍ରସ୍ତୁତ କେତେକ ଔଷଧର ମାନ, ଗୁଣବତା ଯାଂଚର ବିଫଳତାକୁ ଦର୍ଶାଉନାହିଁ, ଔଷଧ ଗୁଣବତା ବିଶ୍ୱସନୀୟତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି କୁହାଯାଇପାରିବ । ଔଷଧ କମ୍ପାନୀର ଲାଭଖୋର ମନୋବୃତି ଏବଂ ପ୍ରଶାସନିକ କଳର ଅବହେଳା ଯୋଗୁଁ ଜୀବନ ରକ୍ଷାକାରୀ ଔଷଧ ଜୀବନ ନାଶର କାରଣ ହୋଇଛି । ଉଲ୍ଲେଖଯୋଗ୍ୟ ଯେ, ତାମିଲନାଡୁର ସ୍ରେସାନ ଫାର୍ମା ଦ୍ୱାରା ପ୍ରସ୍ତୁତ କୋଲଡରିଫ୍ କଫ ସିରପ ଔଷଧ ଏବେ ୨୦ଜଣ ଶିଶୁଙ୍କ ଜୀବନ ନେଇଥିବାବେଳେ ବହୁ ଶିଶୁ ଗୁରୁତର ଅସୁସ୍ଥ ହୋଇ ହସ୍‌ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ବିଷାକ୍ତ କଫ ସିରପ୍ ଜନିତ ମୃତ୍ୟୁ ସଂଖ୍ୟା ଆହୁରି ବଢିବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ । କୁହାଯାଇଛି ଯେ, 'କୋଲଡରିଫ' କଫ ସିରପରେ ଡାଇଥାଇଲିନ ଗ୍ଲାଇକୋଲ (ଡିଇଜି)ର ମାତ୍ରା ଅଧିକ ଥିବାରୁ ଶିଶୁମାନଙ୍କର ପ୍ରାଣହାନୀ ଘଟିଛି । ଯାଂଚ ପରେ ଜଣାପଡିଛି ଯେ, ୪୮.୬ ପ୍ରତିଶତ ଡିଇଜି ରହିଥିବାରୁ ତାହା ଶିଶୁମାନଙ୍କର ବୃକକ୍‌କୁ ନଷ୍ଟ କରିଦେବା ଯୋଗୁଁ ମୃତ୍ୟୁ ଘଟିଛି । ଯାହାକି ଅନୁମତି ପ୍ରାପ୍ତ ମାତ୍ରା ୦.୧ ପ୍ରତିଶତ ଠାରୁ ୪୮୦ ଗୁଣ ଅଧିକ । ପ୍ରଶ୍ନ ଉଠୁଛି ଯେ ସ୍ରେସନ ଫାର୍ମାସ୍ୟୁଟିକାଲ କମ୍ପାନୀ ଦୀର୍ଘ ୨୦ବର୍ଷ ଧରି କୋଲଡରିଫ କଫ ସିରପ୍ ପ୍ରସ୍ତୁତ କରି ଆସୁଥିବାବେଳେ ଅନୁମତି ପ୍ରାପ୍ତ ସୀମା ଠାରୁ ୪୮୦ଗୁଣ ଅଧିକ ବିଷାକ୍ତ ଡିଇଜି ମିଶ୍ରଣ କଲା କିପରି ? ଔଷଧର ଗୁଣବତା ଯାଂଚ ପାଇଁ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଂଟ୍ରୋଲ ଅର୍ଗାନାଇଜେସନ (ସିଡିଏସସିଏ) କାର୍ଯ୍ୟଧାରା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିବା ସ୍ୱାଭାବିକ । ରିପୋର୍ଟ ପ୍ରକାଶ ପାଇଛି ଯେ, ଆମ ଦେଶରେ ଆନୁମାନିକ ୩୫୦୦ ଡ୍ରଗ୍ସ ଇନସ୍‌ପେକ୍ଟର ଅଛନ୍ତି, ଯେଉଁମାନେ କି ଦେଶବ୍ୟାପୀ ପ୍ରାୟ ୧୦,୫୦୦ ଔଷଧ ନିର୍ମାତା କମ୍ପାନୀ ବା ୟୁନିଟକୁ ତଦାରଖ କରିଥାନ୍ତି । ଏହା ନିସନ୍ଦେହ ଯେ, ଔଷଧ ନିର୍ମାତା ୟୁନିଟଗୁଡିକ ତୁଳନାରେ ଡ୍ରଗ୍ସ ଇନସପେକ୍ଟରଙ୍କ ସଂଖ୍ୟା ଯେ ସ୍ୱଳ୍ପ, ଏହା ଯେକୌଣସି ସ୍ୱୀକାର କରିବେ । କେବଳ ଏତିକି ନୁହେଁ, ଆମ ଦେଶରେ ଡ୍ରଗ୍ସ ଇନସପେକ୍ଟର ପଦବୀ ଏକ ଲାଭଦାୟକ ପଦବୀ ଭାବେ ଜଣାଶୁଣା । ଯେଉଁ ପଦବୀର ଭୂମିକା କର୍ତବ୍ୟ, ଦାୟିତ୍ୱବୋଧ ତୁଳନାରେ ଅର୍ଥ ଉପାର୍ଜନ ଅଧିକ ବୋଲି ଅଭିଯୋଗ ହୁଏ । ଉଲ୍ଲେଖଯୋଗ୍ୟ ଯେ, ଆମ ଦେଶ କିମ୍ବା ବିଦେଶରେ ବିଷାକ୍ତ ଔଷଧ ବା କଫ ସିରାପ୍ ଜନିତ ମୃତ୍ୟୁ ନୂଆ ନୁହେଁ । ଗଲା ପାଂଚ ବର୍ଷ ମଧ୍ୟରେ ଭାରତ ନିର୍ମିତ ଅପମିଶ୍ରିତ ବା ବିଷାକ୍ତ କଫ୍ ସିରପ୍ ଖାଇ ଦେଶ ଓ ବିଦେଶରେ ୧୫୦ରୁ ଉର୍ଦ୍ଧ୍ୱ ଶିଶୁଙ୍କର ମୃତ୍ୟୁ ଘଟିଥିବା କୁହାଯାଏ । ୨୦୨୦ରେ ଜାମ୍ମୁ-କାଶ୍ମୀରରେ ଡିଇଜି ମାତ୍ରା ଅଧିକ ଥିବା କଫ ସିରପ୍ ସେବନ ଦ୍ୱାରା ୧୨ଜଣ ଶିଶୁଙ୍କର ମୃତ୍ୟୁ ଘଟିଥିବାବେଳେ ୨୦୨୨ରେ ଭାରତରେ ନିର୍ମିତ କଫ ସିରପ୍ ଦ୍ୱାରା ଉଜବେକି ସ୍ଥାନରେ ୬୫ଜଣ ଶିଶୁ, ଏହାର ୪ମାସ ପରେ ଗାମ୍ବିଆରେ ୬୬ଜଣ ଶିଶୁଙ୍କର ଜୀବନ ଯାଇଥିଲା । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ହୁ) ଏହା ସ୍ପଷ୍ଟ କରିଥିବାବେଳେ ସମ୍ପୃକ୍ତ ରାଷ୍ଟ୍ର ଦ୍ୱୟ ଭାରତରେ ନିର୍ମିତ କଫ ସିରପକୁ ନିଷିଦ୍ଧ କରିଥିଲେ । କିନ୍ତୁ ଭାରତ ସରକାର ଔଷଧ ନିର୍ମାତା କମ୍ପାନୀକୁ ଯାଂଚ କରିବା ପରେ ଅଭିଯୋଗକୁ ଅସ୍ୱୀକାର କରିଥିଲେ । ସରକାରଙ୍କ ହେୟଜ୍ଞାନ ଯୋଗୁଁ ଏବେ ୨୦ଜଣ ଶିଶୁଙ୍କର ଜୀବନ ଯାଇଛି ବୋଲି କହିଲେ ଅତିରଂଜିତ ହୋଇନପାରେ । ଏହା ପୂର୍ବରୁ ୧୯୮୬ରେ ଅପମିଶ୍ରିତ କଫ ସିରପ୍ ଦ୍ୱାରା ମୁମ୍ବାଇରେ ୧୪ଜଣ ଶିଶୁଙ୍କର ଜୀବନ ହାନୀ ଘଟିଥିବାବେଳେ ଗୁରୁଗାଁଓରେ ଏକ ଔଷଧ କମ୍ପାନୀ ଦ୍ୱାରା ପ୍ରସ୍ତୁତ କଫ ସିରପ୍ ଦ୍ୱାରା ୧୫୦ ଜଣ ଶିଶୁଙ୍କର କିଡନୀ(ବୃକକ୍) ଫେଲ ଯୋଗୁଁ ଗୁରୁତ୍ୱର ଅବସ୍ଥାରେ ସେମାନଙ୍କୁ ଦିଲ୍ଲୀର କଳାବତୀ ସାରନ୍ ଶିଶୁ ହସପିଟାଲରେ ଭର୍ତି କରାଯାଇଥିଲା । ସେମାନଙ୍କ ମଧ୍ୟରୁ ୩୩ଜଣ ଶିଶୁଙ୍କର ମୃତ୍ୟୁ ଘଟିଥିଲା । ଏହି ଦୁଃଖଦ ଘଟଣାରୁ ଭାରତ ସରକାର କିଛି ଶିକ୍ଷା କରିଥିବା ମନେହୁଏ ନାହିଁ । ଅଥଚ ୧୯୩୭ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାରେ ବିଷାକ୍ତ କଫ ସିରପ୍ ଦ୍ୱାରା ୧୦୫ଜଣ ଶିଶୁଙ୍କର ମୃତ୍ୟୁ ଘଟିବା ପରେ ତୁରନ୍ତ ଆମେରିକା, ସରକାର ୧୯୩୮ରେ ଏହାର ସଂଘୀୟ ଖାଦ୍ୟ ଡ୍ରଗ୍ସ ଏବଂ କସମେଟିକସ୍ ଆଇନର ସଂଶୋଧନ କରି କଠୋର ଆଇନ ପ୍ରଣୟନ କରିବା ସହ କାର୍ଯ୍ୟକାରୀ କରିଥିଲେ । ସେବେଠାରୁ କଫ୍ ସିରପ୍ ଦ୍ୱାରା ଜଣେ ହେଲେ ଶିଶୁର ଜୀବନ ଯାଇନଥିବା କୁହାଯାଏ । ମାତ୍ର ଭାରତ ସରକାର ଏଭଳି ଆଇନ ପ୍ରଣୟନ ନକରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଉଲ୍ଲେଖଯୋଗ୍ୟ ଯେ, ଭାରତରେ ଉତ୍ପାଦିତ ଜେନେରିକ୍ ଏବଂ ଔଷଧ ବିଶ୍ୱର ୧୫୦ଟି ରାଷ୍ଟ୍ରକୁ ରପ୍ତାନୀ ହୋଇଥାଏ । ଦକ୍ଷିଣ ଆଫ୍ରିକୀୟ ରାଷ୍ଟ୍ର ଏବଂ ଆମେରିକୀୟ ରାଜ୍ୟଗୁଡିକରେ ଭାରତରେ ନିର୍ମିତ ଔଷଧ ଓ ଟିକାର ବ୍ୟାପକ ଚାହିଦା ରହିଛି । ଅପମିଶ୍ରିତ ବା ବିଷାକ୍ତ ଔଷଧ ଏବେ ଭାରତ ପାଇଁ ମୁଣ୍ଡବିନ୍ଧାର କାରଣ ସଦୃଶ ହୋଇଛି । ଯାହାକି କେବଳ ଦେଶର ସୁନାମକୁ କଳଙ୍କିତ କରିବ ନାହିଁ, ଅର୍ଥନୀତିକୁ ମଧ୍ୟ ପ୍ରଭାବିତ କରିବ । ଅବଶ୍ୟ ଏହି ଦୁଃଖଦ ଘଟଣା ପରେ ଭାରତ ସରକାର ଔଷଧର ମାନ କଡାକଡି ଭାବେ ଯାଂଚ କରିବାକୁ ରାଜ୍ୟମାନଙ୍କୁ କଡା ନିର୍ଦ୍ଦେଶ ଦେଇଛନ୍ତି । ଇତିମଧ୍ୟରେ ମଧ୍ୟପ୍ରଦେଶ ସରକାର କୋଲଡରିଫ ସହ ୩ଟି କଫ ସିରପକୁ ନିଷିଦ୍ଧ ଘୋଷଣା କରିଛନ୍ତି । ସେହିପରି ଦେଶବ୍ୟାପୀ ଚୋରାଚାଲାଣ ହେଉଥିବା କଫ ସିରପ୍ ଉପରେ ଚଢାଉ ଜାରି ରହିଛି । ଆମ ରାଜ୍ୟରେ ଶହ ଶହ ବୋତଲ କଫ ସିରପ୍ ଇତିମଧ୍ୟରେ ଜବତ ହୋଇଥିବାବେଳେ ବହୁ ବେପାରୀଙ୍କୁ ଗିରଫ କରାଯାଇଛି । ଏହା ସତ୍ତ୍ୱେ ଆମେରିକା ପରି ଦେଶରେ ଅପମିଶ୍ରିତ ବା ବିଷାକ୍ତ କଫ ସିରପ୍ ନିଷିଦ୍ଧ ଲାଗି କଠୋର ଆଇନର ଆବଶ୍ୟକତା ରହିଛି । ବ୍ରିଟିଶ ଅମଳରେ ପ୍ରଣୟନ ହୋଇଥିବା ଡ୍ରଗ୍ସ ଆଣ୍ଡ କସ୍‌ମେଟିକସ୍ ଆକ୍ଟ ୧୯୪୦ର ସଂଶୋଧନ କରିବା ଆବଶ୍ୟକ । ସେହିପରି ବିଷାକ୍ତ ଔଷଧ ନିର୍ମାତାଙ୍କ ପାଇଁ କଠୋରରୁ କଠୋର ଦଣ୍ଡବିଧାନ ଜରୁରୀ । ଏହାଦ୍ୱାରା ଦେଶର ଶିଶୁ ତଥା କାଲିର ନାଗରିକଙ୍କୁ ସୁରକ୍ଷିତ ରଖାଯାଇପାରିବ ।

# ଅର୍ଥ : ଅସ୍ତ୍ର ! ବିଶ୍ୱ : ବିବସ୍ତ୍ର !

### ମାୟାଧର ନାୟକ

'ଅର୍ଥନୈତିକ ମାନ୍ଦାବସ୍ଥା' - ଆମେରିକା ଦ୍ୱାରା ପ୍ରାୟୋଜିତ ଗୋଟାଏ ପ୍ରୟୋଗାତ୍ମକ ପ୍ରହସନ । ଏ ପ୍ରହସନ ସପକ୍ଷରେ ଆବହାୱା ସୃଷ୍ଟି କରିବା ପାଇଁ ମିଡିଆଠୁ ଆରମ୍ଭ କରି ଭାରତୀୟ ଅର୍ଥନୀତିଜ୍ଞ, ବୁଦ୍ଧିଜୀବୀ ଓ ବିଶାରଦବର୍ଗଙ୍କୁ ବୁଦ୍ଧୁ ବନାଉଛି ଆମେରିକା । ବଜାରୀ ଅର୍ଥନୀତି ଯେମିତି ସରଳ ଖାଉଟିସମାଜକୁ ନିଜ ପରୀକ୍ଷାଗାରର ଗିନିପିଗ୍ କରିବା ଉଦ୍ଦେଶ୍ୟରେ 'କୃତ୍ରିମ ଅଭାବ'ର ସୂକ୍ଷ୍ମ ସୂତ୍ର ପ୍ରୟୋଗ କରିଥାଏ, ଏ ଅର୍ଥନୈତିକ ମାନ୍ଦାବସ୍ଥା ଠିକ୍‌ସେଇଭଳି ଏକ ବଜାରୀ ବଜ୍ରପାତ - ବିନାମେଘର ମୁନାଫାରେ !

ଏ 'ଅର୍ଥନୈତିକ ମାନ୍ଦାବସ୍ଥା' ପ୍ରକୃତପକ୍ଷରେ ଏକ ଭୟଙ୍କର ଅଭିସନ୍ଧିମୂଳକ ଅର୍ଥନୈତିକ ଅରାଜକତା । ଭଲକରି ଚିହ୍ନିରଖ ଭ୍ରାତାଙ୍କ ବଦନ । କଳା କାରନାମା କଳା ସଫେଦ୍ ସଦନ । ଶୁଣ ଶୁଣ ଅଭାଜନେ, ଦେଇ ମନକର୍ଣ୍ଣ - ଗୁପତ ଏ ଗୂଢ଼ତତ୍ତ୍ୱ ଗରିବ ମାରଣ !

ଏ ଅର୍ଥନୈତିକ ଅରାଜକତାର ପ୍ରସ୍ତୁତିପର୍ବ ପଛରେ ଉପରୋକ୍ତ ଆମେରିକୀୟ ଆଭିମୁଖ୍ୟ ଏବେ ଏଭଳି ଅଚାନକ ଉତପ୍ତ ହୋଇ ଉଠୁଥିବାର ଅସଲ ରହସ୍ୟ କ'ଣ ?

ପ୍ରଶ୍ନଟି ସିଲାବସ୍ ବହିର୍ଭୂତ ବୋଲି ମୋତେ ଭାବନ୍ତୁ ନାହିଁ ପଣ୍ଡିତ ମହାଶୟ !ମନକୁ ନପାଇଲେ ମନା କରିବେ ପଛେ, ମାତ୍ର ମାର୍ଜନା କରିବେ ଯେ ଅବୋଲକରାକୁ । କାହିଁକିନା, ଆପଣଙ୍କ ପାଇଁ ତ ଛତା ଅଛି - ସେଇ 'ବର୍ଷା ଯୁଆଡ଼େ ଛତା ସିଆଡ଼େ' ମାର୍କା ଛତା ! ଅଛି ପୁଣି ଆପଣଙ୍କ ପାଇଁ କମ୍ବଳଖଣ୍ଡିକ - ସେଇ 'କମ୍ବଳଯାକ ବାଳ'ଧର୍ମୀ କମ୍ବଳ ! ହେଲେ ଯେ ଅବୋଲକରା ସକାଶେ କାହିଁକେଉଁଠି କି ସମ୍ବଳ ? ଆପଣ ତ ମହାଶୟ, ପଣ୍ଡିତ । ଆପଣଙ୍କ ପୁଅ ମାଙ୍କଡ଼ ମାଇଲେ ବି ଦୋଷ ନାହିଁ । ହେଲେ ଯେ ଅପାଠୁଆ ଅବୋଲକରାଟା ଯାଙ୍କିକୁ ମଙ୍କିବୋଇଲେ ତାକୁ ମାଫି କାହିଁ ?ଯେ ଅବୋଲକରା ମଣିଷ ରକ୍ତପିଆ ମଶାଟାକୁ ମାଇଲେ ବି ଆପଣଙ୍କ ରଂଗିଲା ରାଜଗାଦିବାଲାଏ ତାକୁ କହିବେ - ମାଓବାଦୀ ନହେଲେ ଆତଙ୍କବାଦୀ ! ଅତଏବ ମାଛିକୁ'ମ' ନକହି ଆମେରିକାକୁ'ଆ'ବୋଲି କହୁଥିବା ଆପଣଙ୍କ ପରି ଶୁଦ୍ଧିବାଦୀ ବୁଦ୍ଧିବିକ୍ରେତାଙ୍କ ଦି'ଖୁରାକୁ ଦଣ୍ଡବତ ।

ଆମେରିକା ଏ ଅର୍ଥନୈତିକ ଅରାଜକତାର ଆବହାୱା ଉପୁଜାଇଛି ବେଶ୍ ଭାବିଚିନ୍ତି - ଅଙ୍କ କଷି ! ଅଙ୍କ ନା ଆତଙ୍କ ? ଗହୀରେଇ ଗୁଣିହେଲେ 'ଲୁଚିଚି ନାଗୋଡ଼ ଦି'ଟା ଦୁଶୁଚି' ଅନୁସାରେ ଧରାପଡ଼ିଯିବ ଆମେରିକାର ଅସଲ ଚାଲ୍ - ଅସଲ ଚାଲାକି । ଇରାକ୍ ରାଷ୍ଟ୍ରପୁରୁଷ ସଦ୍ଦାମ ହୁସେନ୍‌ଙ୍କ ମୃତ୍ୟୁଦାତା ଆମେରିକା ଏବେ ଆଫଗାନିସ୍ତାନରେ ସେନା ମୁତୟନ କରି ସାରିଲା ପରେ ନିଜର ବର୍ବରୋଚିତ ବୁଭୁକ୍ଷା ପ୍ରତି ବିଶ୍ୱବାସୀଙ୍କ ନଜର ଏଡାଇରଖିବା ଅଭିପ୍ରାୟରେ ଏ ଚାରିଆଡ଼ିଆ ଚାଲ୍ ଚଳାଇସାରିଛି । ଯାହା ଆମ ବୁଦ୍ଧିଜୀବୀଙ୍କୁ ମାଲୁମ୍ ନାହିଁ, ତା' ଖୋଦ୍ ଆମେରିକାର କୁଖ୍ୟାତ ଚକ୍ର ସିଆଇଏ ସଂସ୍ଥାର ଜଣେ ସାଧାରଣ ସଦସ୍ୟଙ୍କୁ ସୁଦ୍ଧା ଗୋଚର ଥିବ ନିଶ୍ଚୟ !

ଆମେରିକାର ପୃଷ୍ଟପୋଷକତାରେ ପ୍ରଥମେ ଏ ପୃଥିବୀ ପ୍ରତ୍ୟକ୍ଷ କରିଛି ପରମାଣୁ ଯୁଦ୍ଧ । ହିରୋସିମା ଓ ନାଗାସାକି ପରି ସୁଦୂର ପ୍ରାଚ୍ୟଭୂଖଣ୍ଡର ବାମନଭୂମି ଜାପାନ୍‌ର ଦୁଇଟି ସହର ଦୁଇଟା ଲାସ୍ ପାଲଟିଗଲା ଏ ପରମାଣୁ ଚିତାଗ୍ନିର ପ୍ରଚଣ୍ଡ ବଳୟ ମଧ୍ୟରେ । ଦ୍ୱିତୀୟ ମହାଯୁଦ୍ଧର ଇଗଲ୍ ଆମେରିକା ନିଜ ନିଷ୍ଠୁର ନଖଥଂଟର ନିର୍ଘାତ ନମୁନାଦେଖାଇବାରେ ନିହାତି ଓସ୍ତାଦ୍ । ନିଜ ଦାନବୀୟ ଅପଶକ୍ତିକୁ କାଏମ୍ କରିରଖିବାକୁ ଆମେରିକା ଖତମ୍ କରିବାକୁ ଚାହିଁଲା ଚାଇନା ଓ ଋଷିଆ ପରି କମ୍ୟୁନିଷ୍ଟ ରାଷ୍ଟ୍ରୀୟତାକୁ । ଆଜି ମାର୍କ୍ସସ୍‌ବାଦର ପାଉଁଶଗଦା ଉପରେ ସୁନାର ଧୂଳି ମୋ' ଧନମାଳୀ ନୁହେଁ କି ଏ ଆମେରିକା ? କ'ଣ ଥିଲା ରୁଷିଆ ?କ'ଣ ହେଲା ? ବରବାଦ ହେଲା ବିପ୍ଳବ - ଲେନିନ୍‌ର ଲାଇସେନ୍‌ସ୍ - ଷ୍ଟାଲିନ୍‌ର ଷ୍ଟାଇଲ !କ'ଣ ନ ହେଲା ଚୀନ ?ଚ୍ୟାଙ୍ଗ୍ କାଇସେକ୍‌ର ଗ୍ୟାଙ୍ଗ୍‌ପୀଡ଼ିତ ଚାଇନା ? ଚୂନାହେଲା ।ମେଘନାଦ ପାଚେରିଘେରା ଚଷାପୁଅର ଚୀନ୍ ମାଓ-ସେ-ତୁଙ୍ଗ୍‌ଙ୍କ ଲଙ୍ଗ୍‌ମାର୍ଚ୍ଚଠୁ ଦୂରେଇଯାଇ କମ୍ୟୁନିଜମ୍‌କୁ ଢାଙ୍କିଦେଲା କୁହୁଡ଼ିର ଧଳାଚଦରରେ । ଋଷିଆ ଓ ଚୀନ୍ ପରି କମ୍ୟୁନିଜମ୍‌ର ଦି' ଦି'ଟା କୀର୍ତିସ୍ତମ୍ଭ ପାଲଟିଗଲା ଖତଗଦାର କାଠଖମ୍ବ ! ସାମ୍ୟବାଦରୁ ସଂଶୋଧନବାଦ, ପ୍ରଗତିରୁ ପ୍ରତିକ୍ରିୟା, ନିଆଁରୁ ପାଉଁଶ - ଅଂଗୀକାରରୁ ଅଂଗାର... ଏ ରହସ୍ୟ ପଛରେ ମାର୍କିନ୍ ମାର୍କେଟ୍‌ର ମୁନାଫାଖୋର୍ ପୁଞ୍ଜିବାଦୀ ତତ୍ତ୍ୱର ପ୍ରୟୋଗ କ'ଣ ଆମ ଅବଶିଷ୍ଟ ପୃଥିବୀର ବୁଦ୍ଧିଜୀବୀବର୍ଗଙ୍କୁ ଜ୍ଞାତ ନୁହେଁ ? ମାତ୍ରଗୋଟାଏ କଥା ମାନସାଙ୍କ ପରି ସହଜ ହୋଇଥିଲେ ହେଁ ଏଯାବତ୍ କଥାଟା ଉପରେ ଜୋର୍ ଦିଆଯାଇନାହିଁ କାହିଁକିକେଜାଣି ! କ'ଣ ଆମେରିକାର କଳାପଇସାକୋଳପ ପକାଇଦେଇଛି ଏ କଥାକୁହା କପିଳାମାନଙ୍କ ମୁହଁରେ ?

ପ୍ରଥମେ ଜାପାନ୍ - ତାପରେ ରୁଷିଆ - ପୁଣି ଚୀନ୍ । ଏ ତିନୋଟିଯାକ ଦେଶର ମହାଦେଶ ହେଉଛି ଏସିଆ । ୟୁରେସିଆର ୟୁରେକା ତଥା ୟୁରୋପ୍‌ରୁ ଏସିଆକୁ ଲମ୍ବିଥିବା ଋଷିଆ ଉପରେ ଆମେରିକାର ତୀକ୍ଷ୍ଣ ଇଗଲ୍‌ଆଣି ଲାଖି ରହିଥିଲାକେବେଠୁ । ଋଷିଆର ସାମ୍ୟବାଦ ଶକ୍ତ ଓ ସମର୍ଥ ଥିବା ପର୍ଯ୍ୟନ୍ତ ଐଶ୍ୱର୍ଯ୍ୟଶାଳୀ ଆମେରିକାର ଐରାବତ ହସ୍ତୀ ଉପରେ ଅଙ୍କୁଶାଘାତର ଆଶଙ୍କା ବଜାୟ ରହିଆସିଥିଲା ବରାବର । ଅତଏବ ନିଜର ସର୍ବଗ୍ରାସୀ ମାନସିକତାକୁ ନିରଙ୍କୁଶ କରିରଖିବା ଦିଗରେ ଆମେରିକା ଚାହିଲା ଋଷିଆର ମୂଳୋତ୍ପାଟନ । ତା'ହେଲେ ଅଚିରେ ସେ ହୋଇଉଠିବ ଆଧୁନିକ ପୃଥିବୀର ଅନାଗତ ବିଧାତା - ଏକଛତ୍ରପତି ଅଧୀଶ୍ୱର । ବାସ୍ - ତାସ୍‌ଖେଳ ଚାଲିଲା ସାହେବ-ବିବି-ଗୋଲାମ୍‌ମାନଙ୍କୁନେଇ । ଶେଷରେ ଏ ଖେଳରେ କମ୍ୟୁନିଷ୍ଟ ଋଷିଆର ହେଲା ହାର୍ । ଜାର୍‌ରୁଜୋକର୍ । ଋଷିଆ ଗଲା ରସାତଳକୁ । ତାପରେ ଚୀନ୍‌କୁ ଚୂନା କରିବାର ଚମକପ୍ରଦ ଚକ୍ରାନ୍ତ । ଚମତ୍କାର ଚାତୁର୍ଯ୍ୟ । କମ୍ୟୁନିଜମ୍ ପାଲଟିଗଲା କିମ୍ବଦନ୍ତୀ । ଭଗ୍ନସ୍ତୂପର ଭୂମିକା । କ୍ରାନ୍ତିର କବର । ପୁଞ୍ଜିବାଦର ପତାକା ପୋତିଦିଆଗଲା ଏ ଦୁଇ ପାଉଁଶଗଦାରେ । ବହୁ ଆଗରୁ ତ ଆମେରିକା ଜାଳିଦେଇଥିଲା ଜାପାନ୍‌ର ଅଳିନ୍ଦ ଓ ନିଳୟ ପରି ଦୁଇ ସୁନ୍ଦର ନଗରୀକୁ ।

ଜାପାନ୍-ରୁଷିଆ-ଚୀନ୍... ପ୍ରାଚ୍ୟଭୂଖଣ୍ଡର ତିନୋଟି ପ୍ରତିଷ୍ଠା ହେଲା ପ୍ରତିହତ । ଏସିଆର ମସିହାକୁ ଆମେରିକା କଲା ତାର କଳା କ୍ୟାଲେଣ୍ଡର୍ । ୟୁରୋପ୍‌ରେ ନୁହେଁ, ଏସିଆରେ କାହିଁକି ଏ ଆମେରିକୀୟ ଉତ୍ପାତର ଅଭିଯାନ ? କାରଣଟି ସ୍ପଷ୍ଟ । କାରଣ ଏସିଆର ଆତ୍ମା ୟୁରୋପଠାରୁ ଅଲଗା । ୟୁରୋପ ଯନ୍ତ୍ରଭୂ - ଜଡ଼ଭୂମି । ଏସିଆ କିନ୍ତୁ ମନ୍ତ୍ରଭୂ - ମନ୍ମୟତାର ମହାଦେଶ - ତନ୍ମୟତାର ତପୋଭୂମି । ଏସିଆର ପ୍ରଜ୍ଞା, ପ୍ରଜ୍ଞାନ, ସ୍ୱଜ୍ଞା, ସ୍ୱଜ୍ଞାନ ହୁଏତ ଆମେରିକାର ଆଜ୍ଞାକୁ ଭବିଷ୍ୟତରେ ଭୟତ୍ରସ୍ତ କରାଇପାରେ - ଏ ଆଶଙ୍କା ଆମେରିକାର ଧନତନ୍ତ୍ରକୁ ବରାବର କରିଆସିଛି ଆର୍ତ, ଅସୁସ୍ଥ । ଅତଏବ ସୁଦୂରପ୍ରସାରୀ ଷଡଯନ୍ତ୍ର ସ୍ୱରୂପ ଆମେରିକା ପକ୍ଷରୁ ଏସିଆକୁ ପଙ୍ଗୁ ତଥା ପକ୍ଷାଘାତଗ୍ରସ୍ତ କରିଦେବାର କାରସାଦି ଚଳାଗଲା । ପ୍ରଥମେ ଆରମ୍ଭହେଲା ସାମରିକ ଯୁଦ୍ଧ, ତାପରେ ରାଜନୈତିକ ଯୁଦ୍ଧ ଏବଂ ଏବେ ଶେଷ ହେବାକୁ ଯାଉଛି ସମସ୍ତଙ୍କ ଅଜ୍ଞାତସାରରେ ଏକ ଅର୍ଥନୈତିକ ଯୁଦ୍ଧ !

ବିଶ୍ୱର ବୁଦ୍ଧିଜୀବୀବର୍ଗଙ୍କୁ ଅନୁରୋଧ - ଏ ଦିଗ ପ୍ରତି ସେମାନେ ଆଖି ନବୁଜି, ଆମେରିକାର ଆର୍ଥିକ ଅନୁଦାନ ଓ ବୌଦ୍ଧିକ ଅଭିଯାନ ଉପରେ ସତର୍କ ଦୃଷ୍ଟି ଦେଇ ପୁନର୍ଚିନ୍ତନ ଆରମ୍ଭ କରିଦିଅନ୍ତୁ । ଏହା ହିଁ ସମୟ - ଆଉଥରେ ସତର୍କ ସମୀକ୍ଷଣର - ଏ ସଂକଟାପନ୍ନ ସନ୍ଧିକ୍ଷଣରେ ।

ଜାପାନ୍, ଋଷିଆ, ଚୀନ୍ । ଏବେ ଭାରତର ପାଳି - ଆମେରିକାର ପରୀକ୍ଷାଗାରରେ ବଳି ପଡ଼ିବା ପାଇଁ । ସରକାରୀ ଜର୍ସି ପିନ୍ଧି ବସିଥିବା ଆମ ଶାସକ ଓ ଜର୍ଜରିତ ଜନଗଣଙ୍କ ଶୋଣିତ-ଶୋଷକ ଶ୍ରେଣୀଶତ୍ରୁ ପ୍ରଶାସକବର୍ଗ ଆମେରିକାର ଆଭିମୁଖ୍ୟକୁ କାଏମ୍ ରଖି ବର୍ଷ ବର୍ଷ ବିଶ୍ୱାସଘାତକତାର ବର୍ବର ପର୍ବ ପାଳିଚାଲିଛନ୍ତି ଆମ ବିଶ୍ୱାସ ଓ ନିଜ ବିବେକକୁ ତୀବ୍ର କୁଠାରାଘାତ କରି କରି ।

ଦେଶରେ ବିଚାରହୀନ ବୁଦ୍ଧିମାନ୍, ବିବେକହୀନ ବିତଶାଳୀ ଏବଂ ମସ୍ତିଷ୍କହୀନ ମାଂସପେଶୀର ଭୟଙ୍କର ଭିଡ଼ ବଢ଼ିଚାଲୁଚି - ସାବଧାନ ! କୁର୍ସିରେ କୁବେରତନ୍ତ୍ରପାଳିତ କୁତାମାନେ ବସି ଭତାଭୋଗୀ ବନ୍ଦୋବସ୍ତ ଚଳାଉଛନ୍ତି - ଆର୍ସିରେ ମୁହଁ ଦେଖୁଛନ୍ତି ମାଖୁନା ମାଇଚିଆ ପାର୍ଟିର ଲୁଙ୍ଗୁରା ଲିଡର୍ ।ବେକାର ଯୁବପିଢ଼ିକୁ ଭଡାଟିଆ ଗୁଣ୍ଡା ଓ ଫ୍ରଷ୍ଟ୍ରେଟେଡ୍ ଫ୍ରଏଡ୍‌ପ୍ରେମୀ ପ୍ରଫେସର୍‌ମାନଙ୍କୁ ଫୁଙ୍ଗୁଳା ଫିଲୋସଫିର ପ୍ରଫେଟ୍ କରିରଖିବାର ମସୁଧା ସୁରୁହୋଇସାରିଛି ମାର୍କିନ୍ ମନ୍ତ୍ରଣାଦାତା ଇଣ୍ଡିଆନ୍ ଏଜେନ୍‌ସୀ ଜରିଆରେ । ଆମ ମିଲିଟାରୀ, ଆମ ସ୍ପାଇ, ଆମ କ୍ରାଇମ୍‌ବ୍ରାଂଚ, ଆମ ପୁଲିସ୍, ଆମ ଦପ୍ତରୀ, ଆମ ଦରବାରୀ - ସମସ୍ତଙ୍କୁ ଅଜ୍ଞାତସାରରେ ଅଫିମଗ୍ରସ୍ତ କରିରଖିବାର ଅପୋଦ୍ୟମ ଆରଂଭ କରିଛି ଆମେରିକା ।ଆମେରିକାର ସାମରିକ ଓ ରାଜନୈତିକ ଯୁଦ୍ଧ ସରିଆସୁଛି - ଆରମ୍ଭ ହୋଇସାରିଛି ଏକ ଅଭୂତପୂର୍ବ ଅର୍ଥନୈତିକ ଯୁଦ୍ଧ । ଏ ଅର୍ଥନୈତିକ ଯୁଦ୍ଧହେଉଛି ଏକ ଅଦୃଶ୍ୟ ତୃତୀୟ ବିଶ୍ୱଯୁଦ୍ଧର ଆଦ୍ୟ ଆଭାସ ମାତ୍ର ।ମାଲୁମ୍ ପଡୁନି - ମାତ୍ର ତୃତୀୟ ବିଶ୍ୱଯୁଦ୍ଧର ଚରିତ୍ର ନିର୍ଦ୍ଧାରିତ ହୋଇସାରିଛି ଏଇବାଟେ - ଏଇ ଅର୍ଥନୈତିକ ଆତଙ୍କବାଦର ଫାସିବାଦୀ ଫାଙ୍କରେ ।

ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

# 'ବିପର୍ଯ୍ୟୟ ଏବଂ ଜରୁରୀକାଳୀନ ପରିସ୍ଥିତିରେ

### ପ୍ରଫେସର ଡାକ୍ତର ସମ୍ରାଟ କର

ବିଶ୍ୱରେ ମାନସିକ ସମସ୍ୟା ଥିବା ଲକ୍ଷ ଲକ୍ଷ ଲୋକ ମାନବିକ ଅଧିକାରରୁ ବଞ୍ଚିତ । ସେମାନଙ୍କୁ ଅଦରକାରୀ ମନେକରି ଅପମାନିତ କରାଯାଉଛି । ଶାରୀରିକ ଓ ମାନସିକ ନିର୍ଯ୍ୟାତନା ମଧ୍ୟ ଦିଆଯାଉଛି । ମାନସିକ ରୋଗୀମାନଙ୍କ ସଂଖ୍ୟା ଦ୍ରୁତଗତିରେ ବଢୁଛି । ମାତ୍ର ସେହି ସେହି ଅନୁପାତରେ ମାନସିକ ରୋଗ ବିଶେଷଜ୍ଞଙ୍କ ସଂଖ୍ୟା କମ । ଆନୁଷଙ୍ଗିକ ଭିତ୍ତିଭୂମି ଓ ସୁବିଧା ସୁଯୋଗର ଅଭାବ ମାନସିକ ରୋଗୀମାନଙ୍କର ଅଧିକାର ତଥା ମର୍ଯ୍ୟାଦାକୁ ଅଧିକ ହାନୀ କରୁଛି । ପ୍ରତିବର୍ଷ ଅକ୍ଟୋବର ମାସ ୧୦ତାରିଖକୁ ବିଶ୍ୱ ମାନସିକ ଦିବସ ରୂପେ ପାଳନ କରାଯାଉଛି । ଚଳିତବର୍ଷର ସ୍ଲୋଗାନ ବା ବାର୍ତ୍ତା ରହିଛି ''ବିପର୍ଯ୍ୟୟ ଏବଂ ଜରୁରୀକାଳୀନ ପରିସ୍ଥିତିରେ ମାନସିକ ସ୍ୱାସ୍ଥ୍ୟ ସେବାରେ ପ୍ରବେଶ' । ଏହାର ପୂର୍ବ ସାତଦିନକୁ ବିଶ୍ୱ ମାନସିକ ସପ୍ତାହ କୁହାଯାଏ । ଏଥିପାଇଁ ସରକାର ସ୍ତରରୁ ବେସରକାରୀ ସ୍ତର ପର୍ଯ୍ୟନ୍ତ ସାଧାରଣ ଜନତାଙ୍କ ମଧ୍ୟରେ ମାନସିକ ରୋଗ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବାକୁ ବ୍ୟାପକ କାର୍ଯ୍ୟକ୍ରମ ଆୟୋଜନ କରାଯାଏ । ପ୍ରାୟ ପାଞ୍ଚ ହଜାର ବର୍ଷ ତଳେ 'ମନୁସଂହିତା'ରେ ଲେଖା ହୋଇଛି ଯେ 'ମନସାଂ ଶରୀର ତତ୍ତ୍ୱଃ' । ଶରୀରକୁ ମନ ଚଳାଏ, ମନକୁ ଶରୀର ନୁହେଁ । ସାଧାରଣ ଜନସମାଜ ଏ ପର୍ଯ୍ୟନ୍ତ ମାନସିକ ରୋଗକୁ ଏକ ରୋଗ ବୋଲି ଗ୍ରହଣ କରିପାରି ନାହାନ୍ତି । ଏହା ଭୂତପ୍ରେତର ପ୍ରଭାବ ବା ଦେବଦେବୀଙ୍କ ପ୍ରଭାବ ଯୋଗୁଁ ମନୁଷ୍ୟର ମାନସିକ ବିକୃତି ଘଟୁଛି ବୋଲି ଆଜିପର୍ଯ୍ୟନ୍ତ ସମସ୍ତେ ଭାବୁଛନ୍ତି । ଅନେକ ସମୟରେ ଦେଖାଯାଏ ଯେ ପରିବାରର ଲୋକ ନିଜ ଲୋକକୁ ମାନସିକ ରୋଗଗ୍ରସ୍ତ ହୋଇଛି ବୋଲି ସମାଜରେ ଜଣାଇଦେବାକୁ ଚାହାଁନ୍ତି ନାହିଁ । ତେଣୁ ସେମାନେ ମାନସିକ ରୋଗ ଚିକିତ୍ସକମାନଙ୍କ ପାଖକୁ ନ ଯାଇ ଏଥିପାଇଁ ଗୁଣି ଗାରେଡ଼ି, ଝଡ଼ାଫୁଙ୍କା, କୁକୁଡ଼ା, ବୋଦା ବଳି ଦେଇ ଦେବଦେବୀଙ୍କୁ ଶାନ୍ତି କରିବା, ଗ୍ରହ ଶାନ୍ତି କରିବା ଓ ଭୂତପ୍ରେତର ପ୍ରାଦୁର୍ଭାବରୁ ନିଜକୁ ରକ୍ଷା କରିବା ପାଇଁ ଚେଷ୍ଟା କରନ୍ତି । ରୋଗୀକୁ ଡାକ୍ତରଙ୍କ ପାଖକୁ ଚିକିତ୍ସା ପାଇଁ ଆଣନ୍ତି ନାହିଁ, ଯାହା ଫଳରେ ରୋଗୀର ବ୍ୟକ୍ତିଗତ ଜୀବନ, ପାରିବାରିକ ଜୀବନ, ସାମାଜିକ ଜୀବନ, ଶିକ୍ଷା ଜୀବନ ଓ ଚାକିରି ଜୀବନର ବହୁମୂଲ୍ୟ ସମୟ ନଷ୍ଟ ହେଉଛି ।

ପରିବାର, ପରିବେଶ, ପରିସ୍ଥିତିର ଅଚାନକ ଓ ଅପ୍ରତ୍ୟାଶିତ ପରିବର୍ତ୍ତନ ହେଲେ ମନୁଷ୍ୟ ତା'ର ମାନସିକ ଭାରସାମ୍ୟ ରକ୍ଷା କରି ପରିସ୍ଥିତି ସହ ନିଜକୁ ଖାପ ଖୁଆଇପାରେ ନାହିଁ । ତେଣୁ ସେ ମାନସିକ ଭାରସାମ୍ୟ ହରାଇଥାଏ । ନାନା କାରଣରୁ ଯେପରି ଶାରୀରିକ ରୋଗ ହୋଇଥାଏ ସେହିପରି ନାନାପ୍ରକାର କାରଣରୁ ମାନସିକ ରୋଗ ହୋଇଥାଏ । ଏହାର ଭୂତ, ପ୍ରେତ, ପୂର୍ବଜନ୍ମର ଅଭିଶାପ ସଙ୍ଗେ କୌଣସି ସମ୍ପର୍କ ନ ଥାଏ । ମସ୍ତିଷ୍କର ଲିମ୍ବିକ୍ ସିଷ୍ଟମ ଜ୍ଞାନଶକ୍ତି, ବୁଦ୍ଧି ଓ ବିଚାର ଶକ୍ତି ପରିଚାଳିତ କରିଥାଏ । ଏହା ଏକ ନିର୍ଦ୍ଦିଷ୍ଟ ପରିମାଣର ଜୈବ ତରଳ ପଦାର୍ଥ ନିର୍ଗତ ହେବାର କାର୍ଯ୍ୟ କରେ । ଯଦି କୌଣସି ରାସାୟନିକ ପ୍ରକ୍ରିୟା ଯୋଗୁଁ ଲିମ୍ବିକ୍ ସିଷ୍ଟମରେ ନିର୍ଗତ ହେଉଥିବା ଜୈବ ତରଳ ପଦାର୍ଥ ସଞ୍ଚାଳନର ପରିମାଣରେ ପରିବର୍ତ୍ତନ ହୁଏ, ତାହାହେଲେ ମାନସିକ ରୋଗ ସୃଷ୍ଟି ହୋଇଥାଏ । ଏହି ରାସାୟନିକ ପ୍ରକ୍ରିୟା ବଂଶଗତ କାରଣ ଯୋଗୁଁ ହୋଇପାରେ, ସାମାଜିକ ଓ ମାନସିକ ଦୁର୍ବଳତାରୁ ହୋଇପାରେ କିମ୍ବା କୌଣସି କାରଣ ନଥାଇ ମଧ୍ୟ ହେବାର ସମ୍ଭାବନା ଅଛି । ସିଜୋଫ୍ରେନିଆ କହିଲେ ସାଧାରଣତଃ ଆମେ ମନୁଷ୍ୟର ପାଗଳାମୀ ବା ବାତୁଳତା ବୋଲି ଭାବୁ । ଏହି ରୋଗରେ ଜଣେ ସନ୍ଦେହ କରେ ଯେ ତା' ବିରୋଧରେ ସମସ୍ତେ ଲାଗିଛନ୍ତି । ଖାଦ୍ୟରେ ବିଷ ମିଶିଛି ବୋଲି ତା'ର ଧାରଣା ହୋଇଥାଏ । ସ୍ୱାମୀ ବା ସ୍ତ୍ରୀର ଚରିତ୍ରକୁ ସନ୍ଦେହ କରନ୍ତି । ଏହି ପ୍ରକାର ରୋଗୀଙ୍କୁ ଔଷଧ ଦେଲେ, ସେମାନେ ପାଟି ଭିତରେ ରଖିଦିଅନ୍ତି ଓ ପରେ ଫୋପାଡ଼ି ଦିଅନ୍ତି । ତେଣୁ ଔଷଧ ଦେବା ପରେ, ସେ ଢୋକିଲା କି ନାହିଁ ତା'ର ପାଟି ଖୋଲି ଦେଖିବା ଦରକାର । ଏପରି ରୋଗୀ ଯଦି ଔଷଧ ଖାଆନ୍ତି ନାହିଁ, ତା'ହେଲେ ତାକୁ ଡାକ୍ତରଖାନାରେ ରହିବା ଦରକାର ହୋଇଥାଏ ଓ ଇଂଜେକସନ ଦେବାକୁ ପଡ଼ିଥାଏ । କେତେକ ମାନସିକ ରୋଗ ବିଶେଷଜ୍ଞ, ଖାଦ୍ୟରେ ଔଷଧ ମିଶାଇ ଖାଇବାକୁ ଦେବାକୁ ଉପଦେଶ ଦିଅନ୍ତି । ।ଏପରି ସ୍ଥଳରେ ପରିବାରର ଲୋକଙ୍କୁ ଅଧିକ ଦାୟିତ୍ୱବାନ ହେବାକୁ ପଡ଼ିବ । ଲୋକଟିକୁ ମାନସିକ ଅବସାଦ (ଡିପ୍ରେସନ) ହୋଇଥିଲେ ତା'ର ମନ ଅତି ଖରାପ ରହେ । କିଛି କାମ କରିବାକୁ ଇଚ୍ଛା ହୁଏ ନାହିଁ । ନିଦ ଓ ଭୋକ ହୁଏ ନାହିଁ । ଆଉ କେତେଜଣ ଆତ୍ମହତ୍ୟା କରିବାକୁ ଇଚ୍ଛା କରିଥାନ୍ତି । ସେମାନଙ୍କର ମରିଯିବେ ବୋଲି ଏତେ ଦୃଢ଼ ଧାରଣା ଥାଏ ଯେ, କୌଣସି ଔଷଧ ଖାଇବାକୁ ଇଚ୍ଛା ପ୍ରକାଶ କରନ୍ତି ନାହିଁ । ତେଣୁ ଏହି ପ୍ରକାର ରୋଗୀମାନଙ୍କୁ ଉତ୍ସାହିତ କରିବାକୁ ପଡ଼ିବ । ଆଗକୁ ଭଲ ଦିନ ଆସୁଛି ଓ ଔଷଧ ନିୟମିତ ଖାଇଲେ ସେମାନେ ସଂପୂର୍ଣ୍ଣ ଭଲ ହୋଇଯିବେ ବୋଲି ଆତ୍ମବିଶ୍ୱାସ ବଢ଼ାଇବାକୁ ପଡ଼ିବ । ଅତି ଫୂର୍ତ୍ତି ହେବା, ବହୁତ କଥା କହିବା, ନିଜକୁ ବହୁତ ବଡ଼ ଲୋକ ବୋଲି ଭାବିବା ଓ ଗଣ୍ଡଗୋଳ କରିବା ମାନିଆ (ମେନିଆ) ରୋଗର ଲକ୍ଷଣ । (କ୍ରମଶଃ)

# ଦୁର୍ନୀତି ମହାମାରୀ ରୋଗ ଓ ଏହାର ନିରାକରଣ

### ଦୁର୍ଗେଶ ନନ୍ଦନ ମହାପାତ୍ର

ଆଜିର ସମାଜରେ ସେମିତି କୌଣସି ଦେଶ ବା ପ୍ରଦେଶ ନାହିଁ ଯେଉଁଠି ଏକ ନିର୍ଦ୍ଦିଷ୍ଟ ରୋଗ ନାହିଁ । ସେ ରୋଗର ନାଁ ହେଉଛି ଦୁର୍ନୀତି ଯାହା ସମ୍ପୂର୍ଣ୍ଣ ସଭ୍ୟତାକୁ ରୋଗଗ୍ରସ୍ତ କରିଛି । ସବୁଠି ଓ ସବୁଥିରେ ଆଜି ଦୁର୍ନୀତିର ଚେହେରା ଝଲସୁଛି । ଏ ଦୁର୍ନୀତିର ମୁଳୋତ୍ପାଟନ କିପରି ସମ୍ଭବ ସେ ବିଷୟରେ ଆଜି ଚିନ୍ତା ଚାଲିଛି । ଆଜି ଦୁର୍ନୀତି ଏକ ମହାମାରୀର ରୂପ ନେଇ ଗୋଟିଏ ଦେଶର ସାମାଜିକ, ଅର୍ଥନୈତିକ, ରାଜନୈତିକ, ଧାର୍ମିକ ଏପରି କି ବା ?ଦ୍ଧିକ ଜୀବନକୁ ଗ୍ରାସ କରି ସାରିଲାଣି ଓ ଗ୍ରାସ କରିବାରେ ଲାଗିଛି । ଏହାର କେତେଗୁଡ଼ିଏ କାରଣ ରହିଛି ଯାହା ଆଲୋଚନାର ବିଷୟ । ମଣିଷ ସବୁବେଳେ ଆପଣାର ସ୍ୱାର୍ଥ ପଛରେ ଧାଇଁ ଚାଲିଛି । ନିଜର ପୁଅ, ଝିଅ, ସ୍ତ୍ରୀ, ଆତ୍ମୀୟସ୍ୱଜନ, ବନ୍ଧୁବାନ୍ଧବଙ୍କ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ସ୍ୱାର୍ଥବାଦୀ ହୋଇ ଦୁର୍ନୀତି କରିବାକୁ ଆଦୌ ? ସଙ୍କ ?ଚ କରେନାହିଁ । ଆଉ ଏକ ମୁଖ୍ୟ କାରଣ ହେଉଛି ଆମ ଦେଶରେ ହେଉ କିମ୍ବା ଯେଉଁ ଦେଶରେ ଦୁର୍ନୀତି ଅଧିକ ହେଉଛି ସେଠାରେ ଯେଉଁ ଶାସକ ବା ନେତା ଅଛନ୍ତି ସେମାନଙ୍କ ଦ୍ୱାରା କରାଯାଉଥିବା ଦୁର୍ନୀତି । ଆଜି ଅନେକ ସମୟରେ ପୃଥିବୀର ଅନେକ ଦେଶରେ ଶାସକ, ନେତା ଆଦିଙ୍କ ଉପରେ ଦୁର୍ନୀତିର ବଡ଼ ବଡ଼ ଅଭିଯୋଗ ଆସେ । ସରକାରୀ ସ୍ତର ହେଉ କିମ୍ବା ବେସରକାରୀ ସବୁଠାରେ ଲୋକେ ଦୁର୍ନୀତି ଓ ଭ୍ରଷ୍ଟାଚାରରେ ଲିପ୍ତ ରହୁଛନ୍ତି । ସରକାର ଗରିବଙ୍କ ପାଇଁ ଯେଉଁ ରାଶନ ଦେଉଛନ୍ତି ତାକୁ ଡିଲର ମାରି ଖାଉଛି । ପୁଣି ଗାଁ ହେଉ କି ସହରରେ ହେଉ ଅନେକ ସ୍ଥାନରେ ନେତାମାନେ ଭୁଲ ଲୋକଙ୍କ ନାମରେ ସରକାରୀ ଯୋଜନା ଅର୍ଥ ହଡପ କରୁଛନ୍ତି । ଯାହାର ପକ୍କାଘର ଅଛି, ତାକୁ ମଧ୍ୟ ଇନ୍ଦିରା ଆବାସ ବା ବିଜୁ କୁଡ଼ିଆ ଯୋଜନାରେ ଲାଭ ଦିଆଯାଉଛି । ଏକ ଏକ ଘରେ ଅନେକଙ୍କ ନାଁରେ ରାଶନ କାର୍ଡ ହେଉଛି ଓ ଅନ୍ୟାନ୍ୟ ସୁବିଧା ମିଳୁଛି । ସତରେ ଆଜି ଦୁର୍ନୀତି ଏକ ସାଧାରଣ ବ୍ୟାଧି ନ ହୋଇ ଦୁରାରୋଗ୍ୟ କର୍କଟର ରୂପ ଧାରଣ କରିଛି ଏବଂ ସମସ୍ତ ଆଶା ଓ ବିଶ୍ୱାସକୁ ଧ୍ୱଂସ କରୁଛି ।

ତେବେ ଏସବୁ ଦୁର୍ନୀତି ତ ଯାହା ହେଉଛି ହେଉଛି ଏବେ ଆଉ ଏକ ବଡ ଦୁର୍ନୀତି ପ୍ରବଳ ମୁଣ୍ଡବିନ୍ଧାର କାରଣ ପାଲଟିଛି, ତାହା ହେଉଛି ନିଯୁକ୍ତି ବା ଚାକିରୀ ଦୁର୍ନୀତି । ଯେଉଁଥିପାଇଁ ଆମ ଯୁବ ସମାଜକୁ ଭବିଷ୍ୟତ ଚିନ୍ତା ଘାରିଛି । ପୂର୍ବ ସରକାରଙ୍କ ଶାସନ କାଳରେ ସହାୟକ ସେକ୍ସନ ଅଫିସର (ଏଏସଓ) ଚାକିରି ତିରିଶ ଲକ୍ଷ ଟଙ୍କାରେ ବିକ୍ରି ହୋଇଥିବା ଅଭିଯୋଗ ହୋଇଥିଲା । ଏନେଇ ବିଧାନସଭାରେ ଗତବର୍ଷ ପ୍ରବଳ ହଟ୍ଟଗୋଳ ହୋଇଥିଲା । ସେହିପରି ବିଗତ କିଛି ମାସ ପୂର୍ବରୁ ଆର.ଆଇ (ଜଓ) ଅମିନ ପରୀକ୍ଷା ବାତିଲ ଓ ନିଯୁକ୍ତି ଦୁର୍ନୀତିରେ ଅଭିଯୋଗ ଆଣି ଷ୍ଟୁଡେଣ୍ଟ ଏଗେନଷ୍ଟ କରପ୍ସନ ସଂଗଠନ ପ୍ରତିବାଦ କରିବା ସହ ରାଷ୍ଟ୍ରପତିଙ୍କୁ ଚିଠି ଲେଖିଥିଲା । ଏହାକୁ ନେଇ ପରୀକ୍ଷା ବାତିଲ ହେବାସହ ପୁନଃ ପରୀକ୍ଷାର ସୂଚୀ ମଧ୍ୟ ବାହାରିଥିଲା । ଓଏସଏସଏସସି ପକ୍ଷରୁ ରାଜ୍ୟ ବ୍ୟାପି ସା ? ? ପାଞ୍ଚ ଲକ୍ଷରୁ ଉର୍ଦ୍ଧ୍ୱ ପରୀକ୍ଷାର୍ଥୀ ଆରଆଇ ଅମିନ ପରୀକ୍ଷା ଦେଇଥିଲେ । ହେଲେ ତ୍ରୁଟିପୂର୍ଣ୍ଣ ପରୀକ୍ଷା ବ୍ୟବସ୍ଥା ପାଇଁ ଏତେସବୁ ବିଭ୍ରାଟ ଘଟିଥିବା ଅଭିଯୋଗ ଆସିଥିଲା । ଏସବୁ ତାତି ଏବେ ଥଣ୍ଡା ପଡିନି ଏବେ ଆଉଗୋଟିଏ କେଲେଙ୍କାରୀ ସାମ୍ନାକୁ ଆସିଗଲା । ତାହା ହେଉଛି ଏସଆଇ ନିଯୁକ୍ତି କେଲେଙ୍କାରୀ । ଏହାର ଗୁମର ଧୀରେ ଧୀରେ ଖୋଲୁଛି ଏବଂ ଚେର କେତେ ଲମ୍ବା ତାହା ଜଣା ମଧ୍ୟ ପଡୁଛି । ପୋଲିସ ଏସଆଇ ଚାକିରି କେଲେଙ୍କାରୀ ମାମଲାରେ ଗିରଫଦାରୀ ସଂଖ୍ୟା ୧୧୮ରେ ପହଞ୍ଚିଛି । ଏହି ମହା କେଲେଙ୍କାରୀରେ ବଡ ବଡ ମୁଣ୍ଡ ସାମିଲ ଥିବା ଜଣାଯାଇଛି । ଏହାର ଚେର ଲମ୍ବିଥିବା ବେଳେ ତାହାକୁ ଭେଦ କରିବାକୁ ପୋଲିସକୁ ନାକେଦମ ହେବାକୁ ପଡୁଛି । ବର୍ତ୍ତମାନର ସରକାରଙ୍କର ମଧ୍ୟ ଏହା ମହାମୁଣ୍ଡ ବ୍ୟଥା ପାଲଟିଛି ।

ସତରେ କେତେ କଷ୍ଟରେ ବଡ଼ ସହରରେ ରହି ବାପା ମାଙ୍କ ଠାରୁ ଅଳ୍ପ ଅଳ୍ପ ଟଙ୍କା ଆଣି ଯୁବକଯୁବତୀମାନେ କୋଚିଂ ନେଉଛନ୍ତି, ପାଠ ପଢୁଛନ୍ତି । ଆଶା ଏତିକି ଯେ ସରକାରୀ ଚାକିରୀ ଟେ ମିଳିଗଲେ ଭବିଷ୍ୟତ ସୁରକ୍ଷିତ ହୋଇଯିବ । କିନ୍ତୁ କିଛି ମୁଦ୍ରା ରାକ୍ଷସଙ୍କ କେଲେଙ୍କାରୀ ଏହି ଯୁବପିଢ଼ିମାନଙ୍କର ମନୋବଳ ଭାଙ୍ଗି ଦେଉଛି । କାହିଁକି ପାଠ ପଢିବେ.. ?!!! କାହିଁକି ପରିଶ୍ରମ କରିବେ ବୋଲି ବ୍ୟବସ୍ଥା ଉପରୁ ତାଙ୍କ ବିଶ୍ୱାସ ଉଠିଯାଉଛି ।

ତେବେ ଏହାର ସମାଧାନ କ'ଣ ? କିଏ ଏହାର ସମାଧାନ କରିବେ ? କାହା ଉପରେ ଭରସା କଲେ ଦେଶରୁ ଦୁର୍ନୀତି ବଢ଼ିପାରିବନାହିଁ । ଅର୍ଥାତ୍ ? ସମାଜରେ ମଣିଷ ଦୁର୍ନୀତିଠାରୁ ନିଜକୁ ଦୂରେଇ ନେଇପାରିବ । ଶ୍ରୀଅରବିନ୍ଦ ଓ ସ୍ୱାମୀ ବିବେକାନନ୍ଦଙ୍କ ମତରେ ଯୁବଶକ୍ତି ଏ ଦୁର୍ନୀତିକୁ ସମାଜରୁ ମୁଳୋତ୍ପାଟନ କରିବାରେ ଏକମାତ୍ର ସକ୍ଷମ ହୋଇପାରିବ । ସରକାରଙ୍କ ତରଫରୁ କଡା ଆଇନର ପ୍ରବଳ ଆବଶ୍ୟକତା ଅଛି ଯାହା ଏକ ଉଦାହରଣ ହେବ ଯେମିତି କେବେ ବି ଏଭଳି ଦୁର୍ନୀତି ରାକ୍ଷସ ମୁଣ୍ଡ ଟେକି ପାରିବେନାହିଁ ଏବଂ ଆଉ ଏକ ଶକ୍ତି ଯାହା ଏହାକୁ ଅଟକାଇ ପାରିବ ତାହା ହେଉଛି ଯୁବଶକ୍ତି । ଯୁବା ହିଁ ଏ ଦୁର୍ନୀତି ସମ୍ମୁଖରେ ଦୁର୍ବାର ପ୍ରାଚୀର ହୋଇ ଛିଡ଼ା ହୋଇପାରିବେ । ତା'ର ପ୍ରଚାର ଓ ପ୍ରସାରର ଦୂରତ୍ୱକୁ ଅଟକାଇ ପାରିବେ । ତେଣୁ ଆମକୁ ଏକ ସୁନ୍ଦର ସମାଜ ଓ ଦେଶ ଗଢ଼ିବା ପାଇଁ ହେଲେ ଦୁର୍ନୀତିଠାରୁ ନିଜକୁ ଦୂରେଇ ରଖିବାକୁ ହେବ । ଏକ ଦୁର୍ନୀତି ମୁକ୍ତ ଭାରତ ଗଢ଼ିବାକୁ ହେବ ।

ସାମ୍ବାଦିକ ଓ ଉପସ୍ଥାପକ,ଭୁବନେଶ୍ୱର



## ଟିସିଏସ: ଭାରତରେ ଛଟେଇ, ବିଦେଶରେ ନିଯୁକ୍ତି

**ନୂଆଦିଲ୍ଲୀ,୧୦।୧୦:** ଦେଶର ବୃହତ୍ତମ ସଫ୍ଟୱାର ସର୍ଭିସେସ କମ୍ପାନୀ ଟାଟା କନସଲଟାନ୍ସି ସର୍ଭିସେସ୍ (ଟିସିଏସ) ଗତ କାଲି ଘୋଷଣା କରିଥିଲା ଯେ ଏହା ଭାରତରେ ନିଜର ମୋଟ କର୍ମଚାରୀଙ୍କ ମଧ୍ୟରୁ ୧%ଙ୍କୁ ଛଟେଇ କରିଛି । କେତେକ ଲୋକ ଏହି ସଂଖ୍ୟା ୫୦ରୁ ୮୦ ହଜାର ବୋଲି କହୁଥିବାବେଳେ ଟିସିଏସର ମାନବ ସମ୍ବଳ ବିଭାଗ ଏହି ସଂଖ୍ୟା ୬୦୦୦ ବୋଲି କହିଛି । ଗୋଟିଏ ପଟେ ଟିସିଏସ ଭାରତରେ ଛଟେଇ କରୁଥିବାବେଳେ ଅନ୍ୟପଟେ ବ୍ରିଟେନ ବା ୟୁକେରେ ନୂଆ ନିଯୁକ୍ତି ପ୍ରଦାନ ବିଷୟରେ ଘୋଷଣା କରିଛି । କମ୍ପାନୀ ଘୋଷଣା କରିଛି ଯେ ଆଗାମୀ ତିନି ବର୍ଷ ମଧ୍ୟରେ ୫୦୦୦ ନୂତନ ନିଯୁକ୍ତି ସୃଷ୍ଟି କରିବାକୁ ଯୋଜନା କରାଯାଉଛି । କମ୍ପାନୀ ଶୁକ୍ରବାର ଲଣ୍ଡନରେ ଏକ ନୂତନ ଏଆଇ ଏକ୍ସପେରିଏନ୍ସ ଜୋନ୍ ଡିଜାଇନ୍ ଷ୍ଟୁଡିଓ ଲଞ୍ଚ କରିଛି, ଯାହା ୟୁକେରେ ଟିସିଏସର ବର୍ଦ୍ଧିତ ରଣନୈତିକ ନିବେଶକୁ ପ୍ରତିଫଳିତ କରେ । ଭାରତୀୟ ଆଇଟି କମ୍ପାନୀ ଟିସିଏସ ବର୍ତ୍ତମାନ ୟୁକେରେ ପ୍ରାୟ ୪୨,୦୦୦ ଲୋକଙ୍କୁ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ନିଯୁକ୍ତି ଦେଉଛି । ଷ୍ଟକ୍ ଏକ୍ସଚେଞ୍ଜକୁ ଏକ ଫାଇଲିଂରେ, କମ୍ପାନୀ କହିଛି ଯେ ଏହା ୨୦୨୩-୨୪ ଆର୍ଥିକ ବର୍ଷରେ ୟୁକେ ଅର୍ଥନୀତିରେ ୩.୩ ବିଲିୟନ ପାଉଣ୍ଡ ଅବଦାନ ରଖିଥିଲା ।

## ବେଙ୍ଗଲରେ ଭାରତ କରିବ ଶକ୍ତି ପ୍ରଦର୍ଶନ

**ନୂଆଦିଲ୍ଲୀ,୧୦।୧୦:** ଅପରେସନ ସିନ୍ଦୂର ପରେ ଭାରତ ଏହାର ପ୍ରତିରକ୍ଷା କ୍ଷମତାକୁ ଆହୁରି ବୃଦ୍ଧି କରିଛି । ଏହି ପଦକ୍ଷେପର ଏକ ଅଂଶ ସ୍ୱରୂପ, ଭାରତ ବଙ୍ଗୋପସାଗରରେ କ୍ଷେପଣାସ୍ତ୍ର ପରୀକ୍ଷଣକୁ ନେଇ ଏକ NOTAM (ବାୟୁସେନାକୁ ନୋଟିସ୍) ଜାରି କରିଛି । ଏହି NOTAM ଆସନ୍ତା ଅକ୍ଟୋବର ୧୫ ରୁ ୧୭ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ ଏବଂ ୩୫୫୦ କିଲୋମିଟର ଅଞ୍ଚଳକୁ ନୋ-ଫ୍ଲାଏ ଜୋନ୍ ଭାବରେ ଘୋଷଣା କରିଛି । ଏ ସମ୍ପର୍କରେ ଏକ ଘଡଞ୍ଜଇଗ ଏବଂ ସାମୁଦ୍ରିକ ସୁରକ୍ଷା ବିଜ୍ଞପ୍ତି ଜାରି କରାଯାଇଛି । କୁହାଯାଉଛି କି, ଏଠାରେ ଦୀର୍ଘଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର, ଅଗ୍ନି ସିରିଜ୍ କ୍ଷେପଣାସ୍ତ୍ର କିମ୍ବା ଏକ ଉନ୍ନତ ରଣନୈତିକ ଅସ୍ତ୍ର ପ୍ରଣାଳୀ ସହିତ ଜଡିତ ପରୀକ୍ଷଣ ହୋଇପାରେ । ୩୫୫୦ କିଲୋମିଟରରୁ ଅଧିକ ଅଞ୍ଚଳକୁ ନୋ-ଫ୍ଲାଏ ଜୋନ୍ ଭାବରେ ଘୋଷଣା କରିବାର ଅର୍ଥ ହୋଇପାରେ ଯେ, ଏଥର ପରୀକ୍ଷଣରେ ନୂତନ ପ୍ରଯୁକ୍ତିବିଦ୍ୟା କିମ୍ବା ଉନ୍ନତ ମାର୍ଗଦର୍ଶନ ପ୍ରଣାଳୀ ସାମିଲ ହୋଇପାରେ । ଭାରତର ଏହି ପରୀକ୍ଷଣ କେବଳ ଆତ୍ମନିର୍ଭରଶୀଳ ପ୍ରତିରକ୍ଷା କ୍ଷମତାକୁ ଏକ ନୂତନ ଦିଗଦର୍ଶନ ଦେବ ନାହିଁ ବରଂ ଶତ୍ରୁକୁ ଭାରତ ଆଡକୁ ଚାହିଁବାରୁ ମଧ୍ୟ ଦୂରେଇ ରଖିବ । ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ, ଭାରତ ବାୟୁ ଏବଂ ସମୁଦ୍ର ପରିବହନର ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ନିୟମିତ ଭାବରେ NOTAM ଜାରି କରିଥାଏ । ସାଧାରଣତଃ, DRDO ଏବଂ ଷ୍ଟ୍ରାଟେଜିକ୍ ଫୋର୍ସ କମାଣ୍ଡ (SFC) ମିଳିତ ଭାବରେ ଏପରି ଅପରେସନ୍ ପରିଚାଳନା କରନ୍ତି । ରିପୋର୍ଟ ହୋଇଛି ଯେ ଏହି ପରୀକ୍ଷଣ ଡକ୍ଟର APJ ଅବଦୁଲ କଲାମ ଦ୍ୱୀପ (ଓଡିଶା ଉପକୂଳରୁ) ରୁ କରାଯିବ ।

## ମମତା ବାନାର୍ଜୀଙ୍କ ବିରୁଦ୍ଧରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିଲା ବିଜେପିର ପ୍ରତିନିଧିମଣ୍ଡଳ

**ନୂଆଦିଲ୍ଲୀ,୧୦।୧୦:** ପଶ୍ଚିମବଙ୍ଗ ବିରୋଧି ଦଳ ମୁଖ୍ୟ ଶୁଭେନ୍ଦୁ ଅଧିକାରୀଙ୍କ ଦ୍ୱାରା ଗଠିତ କରାଯାଇଥିବା ବିଜେପିର ଏକ ପ୍ରତିନିଧିମଣ୍ଡଳ ଶୁକ୍ରବାର କୋଲକାତାରେ ମୁଖ୍ୟ ନିର୍ବାଚନ ଅଧିକରୀ ମନୋଜ ଅଗ୍ରୱାଲଙ୍କୁ ଭେଟିଛନ୍ତି । ଇଲେକ୍ସନ କମିଶନ ଅଧିକାରୀମାନଙ୍କୁ ଧମକ ଦେବା ଅଭିଯୋଗରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି । ଏହି ପ୍ରତିନିଧିମଣ୍ଡଳରେ ଥିବା ୧୦ ଜଣ ବିଜେପି ସାଂସଦ ଏନେଇ କମିଶନଙ୍କୁ ଅଭିଯୋଗ କରିବା ସହ ଏହି ନିର୍ବାଚନରେ ସାମିଲ ହେବାକୁ ଥିବା କର୍ମଚାରୀମାନଙ୍କ ସୁରକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି । ଭାରତୀୟ ନିର୍ବାଚନ କମିଶନଙ୍କୁ ପଠାଇଥିବା ଚିଠିରେ ବିଜେପି ଉଲ୍ଲେଖ କରିଛି ଯେ, ଯେତେବେଳେ କୌଣସି ରାଜ୍ୟର ମୁଖ୍ୟମନ୍ତ୍ରୀ ନିର୍ବାଚନର ଅଖଣ୍ଡତା ସୁନିଶ୍ଚିତ କରିବା ପାଇଁ ନିୟୋଜିତ ଅଧିକାରୀମାନଙ୍କୁ ଖୋଲାଖୋଲି ଭାବେ ଧମକ ଦିଅନ୍ତି, ସେତେବେଳେ ଏହା ପ୍ରଶାସନିକ ପଦାନୁକ୍ରମରେ ଏକ ଭୟଙ୍କର ବାର୍ତ୍ତା ପହଞ୍ଚାଇଥାଏ - ଯେ ସମ୍ବିଧାନ ପ୍ରତି ଆନୁଗତ୍ୟ ଅପେକ୍ଷା ଶାସକ ଦଳ ପ୍ରତି ଆନୁଗତ୍ୟକୁ ପ୍ରାଥମିକତା ଦିଆଯିବା ଉଚିତ । ମମତା ବାନାର୍ଜୀ ଦେଇଥିବା ମନ୍ତବ୍ୟକୁ ବିଜେପି ଭାରତୀୟ ଗଣତନ୍ତ୍ରର ମୂଳଦୁଆକୁ ନଷ୍ଟ କରିବାର ପ୍ରୟାସ ବୋଲି ଦାବି କରିଛି । ଏହି ପରିପ୍ରେକ୍ଷିରେ କମିଶନ ତୁରନ୍ତ ଏହି ମାମଲା ଉପରେ ଧ୍ୟାନ ଦେଇ ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନ ସୁନିଶ୍ଚିତ କରବାକୁ ସେମାନେ ଦାବି କରିଛନ୍ତି ।



# ଆମେ ଟ୍ରମ୍ପଙ୍କୁ ସମର୍ଥନ କରିବୁ

**ନୂଆଦିଲ୍ଲୀ,୧୦।୧୦:** ବର୍ତ୍ତମାନର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜକୁ ନୋବେଲ ପୁରସ୍କାର ପାଇଁ ଯୋଗ୍ୟ ବୋଲି କହି ଡେଙ୍ଗୁରା ପିଟୁଛନ୍ତି । ବିଶ୍ୱବ୍ୟାପୀ ଯୁଦ୍ଧ ବନ୍ଦ କରିବା ଏବଂ ଦୁଇ ଦେଶ ମଧ୍ୟରେ ଶାନ୍ତି ସ୍ଥାପନ କରୁଥିବା ନେଇ ସେ ନିଜକୁ ଶ୍ରେୟ ଦେବା ସହିତ କେବଳ ସେ ହିଁ ଏହା କରିବାକୁ ସକ୍ଷମ ବୋଲି କହିଆସୁଛନ୍ତି । ତାଙ୍କ କହିବା ମୁତାବକ, ଆମେରିକୀୟ ଇତିହାସରେ ଅନେକ ରାଷ୍ଟ୍ରପତି ଏହି ସମ୍ମାନ ପାଇଛନ୍ତି, କିନ୍ତୁ ସେ ସବୁଠାରୁ ଯୋଗ୍ୟ । ଏମଧ୍ୟରେ ନୋବେଲ ଶାନ୍ତି ପୁରସ୍କାର ଘୋଷଣା ହେବା ପୂର୍ବରୁ ରୁଷ ଟ୍ରମ୍ପଙ୍କୁ ସମର୍ଥନ କରିବ ବୋଲି ସ୍ପଷ୍ଟ କରିଛି । ରୁଷ୍ ନୋବେଲ ଶାନ୍ତି ପୁରସ୍କାର ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ସମର୍ଥନ କରିବ ବୋଲି ଘୋଷଣା କରିଛି । ରୁଷର ସରକାରୀ ଏଜେନ୍ସି ଟିଏଏସଏସ ଅନୁଯାୟୀ କ୍ରେମଲିନର ଶୀର୍ଷ ପରାମର୍ଶଦାତା ୟୁରି ଉଶାକୋଭ କହିଛନ୍ତି ଯେ, ମସ୍କୋ ଟ୍ରମ୍ପଙ୍କ ପ୍ରାର୍ଥୀତ୍ୱକୁ ସମର୍ଥନ କରେ । ୟୁକ୍ରେନ ଯୁଦ୍ଧ ସମାପ୍ତ କରିବା ପାଇଁ ଟ୍ରମ୍ପଙ୍କ ପଦକ୍ଷେପ ପ୍ରଶଂସନୀୟ ଏବଂ ଏହାକୁ ଶାନ୍ତି ପୁନଃସ୍ଥାପନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ଭାବରେ



ବିବେଚନା କରାଯାଇପାରିବ । ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୋବେଲ ଶାନ୍ତି ପୁରସ୍କାର ପ୍ରତି ଆକର୍ଷିତ ହେବା କିଛି ନୂଆ କଥା ନୁହେଁ । ତାଙ୍କ ପ୍ରଥମ କାର୍ଯ୍ୟକାଳରେ, ଆବ୍ରାହାମ ଚୁକ୍ତି(ଯାହା ଇସ୍ରାଏଲ ଏବଂ ଅନେକ ଆରବ ଦେଶ ମଧ୍ୟରେ ସମ୍ପର୍କ ସ୍ୱାଭାବିକ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା) ପାଇଁ ଏହି ପ୍ରତିଷ୍ଠିତ ପୁରସ୍କାର ନେଇ ମନୋନୀତ କରାଯାଇଥିଲା । ହେଲେ ତାଙ୍କୁ ଏହି ପୁରସ୍କାର ମିଳିନଥିଲା । ଏଥର ଟ୍ରମ୍ପ ଦାବି କରିଛନ୍ତି ଯେ, ତାଙ୍କ କାର୍ଯ୍ୟକାଳର ମାତ୍ର କିଛି ମାସ ମଧ୍ୟରେ, ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ସମେତ ୭ରୁ ୮ଟି ଅନ୍ତର୍ଜାତୀୟ ବିବାଦର ସମାଧାନରେ ତାଙ୍କର ଅବଦାନ ରହିଛି, ଯାହା ତାଙ୍କ ମତରେ ପରମାଣୁ ଯୁଦ୍ଧରେ ପରିଣତ ହୋଇଥାନ୍ତା । ନୋବେଲ କମିଟି ଭେଷଜ, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଏବଂ ସାହିତ୍ୟ ପାଇଁ ପୁରସ୍କାର ଘୋଷଣା କରି ନୋବେଲ ପୁରସ୍କାର ପ୍ରଦାନ ଆରମ୍ଭ କରିସାରିଛନ୍ତି । ଆଗକୁ ନୋବେଲ ଶାନ୍ତି ପୁରସ୍କାର ପାଇଁ ନାମ ଘୋଷଣା ହେବାର ଅଛି । ଏମଧ୍ୟରେ ଟ୍ରମ୍ପ ନିଜେ ଏହି ପୁରସ୍କାର ପାଇବାକୁ କେତେ ଯୋଗ୍ୟ, ତାହା ଜଣାଇବାରେ ଲାଗିପଡ଼ିଛନ୍ତି ।

## କାବୁଲ ଉପରେ ଏୟାରଷ୍ଟ୍ରାଇକ୍ କଲା ପାକିସ୍ତାନ

**କାବୁଲ,୧୦।୧୦:** କମ୍ପିଲା ଆଫଗାନିସ୍ତାନର ରାଜଧାନୀ କାବୁଲ । ଗୁରୁବାର ବିଳମ୍ବିତ ରାତିରେ ପାକିସ୍ତାନ, କାବୁଲ ଉପରେ ଏୟାରଷ୍ଟ୍ରାଇକ୍ କରିଥିବା ଜଣାଯାଇଛି । କାବୁଲରେ ଦୁଇଟି ଜୋରଦାର ବିସ୍ଫୋରଣ ହୋଇଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି । ଆଫଗାନିସ୍ତାନ ବିଦେଶ ମନ୍ତ୍ରୀ ଅମୀର ଖାନ୍ ମୁତ୍ତାକି ଗୋଟିଏ ସପ୍ତାହ ପାଇଁ ଭାରତ ଗସ୍ତରେ ଆସି ଦିଲ୍ଲୀ ପହଞ୍ଚିବା ପରେ ପାକିସ୍ତାନ ଏଭଳି କରିଛି । କୁହାଯାଉଛି ଯେ, ପାକିସ୍ତାନୀ ଲଢୁଆ ବିମାନଗୁଡ଼ିକ ଆଫଗାନିସ୍ତାନର ରାଜଧାନୀ ଭିତରେ ଥିବା ଟିଟିପି ଆଡ୍ଡାଗୁଡ଼ିକୁ



ଟାର୍ଗେଟ କରି ଏୟାରଷ୍ଟ୍ରାଇକ୍ କରିଥିଲା । ପାକିସ୍ତାନୀ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, କାବୁଲରେ ପାକିସ୍ତାନ ତାଲିବାନ ମୁଖ୍ୟ ନୁର ୱଲି ମେହସୁଦଙ୍କ କାର ଏବଂ ଅତିଥିଶାଳାକୁ ଟାର୍ଗେଟ କରିଛି ପାକିସ୍ତାନ । ମେହସୁଦ ଏକ ବିବୃତି ଜାରି କରି କହିଛନ୍ତି ଯେ, ସେ ସୁରକ୍ଷିତ ଅଛନ୍ତି ଏବଂ ଖବରରେ ଯାହା କୁହାଯାଉଛି ତାହା ପାକିସ୍ତାନୀ ଗୁଇନ୍ଦା ସଂସ୍ଥା ଦ୍ୱାରା ପ୍ରଚାରିତ । ବିସ୍ଫୋରଣ ପରେ ତାଲିବାନ ମୁଖପାତ୍ର ଜାବିଉଲ୍ଲାହ ମୁଜାହିଦ କହିଛନ୍ତି ଯେ, ଦୁଇଟି ବିସ୍ଫୋରଣ ହୋଇଥିବା ନେଇ ଶବ୍ଦ ଶୁଣାଯାଇଛି । କିନ୍ତୁ ଏପର୍ଯ୍ୟନ୍ତ କୌଣସି ମୃତାହତର ସୂଚନା ମିଳିନାହିଁ । ଚିନ୍ତା କରିବାର କୌଣସି ଆବଶ୍ୟକତା ନାହିଁ । ସବୁକିଛି ଠିକ୍ ଅଛି । ଘଟଣାର ତଦନ୍ତ ଚାଲିଛି ଏବଂ ଏପର୍ଯ୍ୟନ୍ତ କୌଣସି କ୍ଷତି ହୋଇଥିବା ରିପୋର୍ଟ ହୋଇନାହିଁ । କୁହାଯାଉଛି ଯେ, ବିସ୍ଫୋରଣ ଅବଦୁଲ ହକ୍ ସ୍କୋୟାର ନିକଟରେ ହୋଇଥିଲା, ଯେଉଁଠାରେ ଏକ ଲ୍ୟାଣ୍ଡ କ୍ରୁଜର ଗାଡ଼ିକୁ ଟାର୍ଗେଟ କରାଯାଇଥିବା ଜଣାପଡ଼ିଛି । ଘଟଣା ପରେ ଅବଦୁଲ ହକ୍ ସ୍କୋୟାର ବନ୍ଦ ହୋଇଯାଇଥିଲା, ଯାହା ଫଳରେ ସେହି ଅଞ୍ଚଳରେ ବ୍ୟାପକ ଟ୍ରାଫିକ୍ ଜାମ୍ ହୋଇଥିଲା ।

# ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କୁ ଝଟ୍କା

**ନୂଆଦିଲ୍ଲୀ,୧୦।୧୦:** ଆମ ଆଦମୀ ପାର୍ଟିକୁ ବଡ଼ ଝଟକା ଲାଗିଛି । ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନଙ୍କ ଜିଲ୍ଲା ସଙ୍ଗରୁର ପୌର ପରିଷଦରୁ ୮ ଜଣ କାଉନସିଲର ଦଳ ଛାଡିଛନ୍ତି । ଏଥିରେ ପୌର ପରିଷଦର ବରିଷ୍ଠ ଉପାଧ୍ୟକ୍ଷ ସାମିଲ ଅଛନ୍ତି । ପୌର ସଭାପତିଙ୍କ କାର୍ଯ୍ୟ ଏବଂ ମନୋଭବରେ ଅସନ୍ତୁଷ୍ଟ ହୋଇ ଦଳ ଛାଡିଥିବା କହିଛନ୍ତି । ପୌର ପରିଷଦ ସଭାପତି ଭୂପିନ୍ଦର ସିଂହ ନାହଲ କହିଛନ୍ତି, ୭ ଜଣ ଆମ ଆଦମୀ ପାର୍ଟି କାଉନସିଲର ଦଳ ସହିତ ଅଛନ୍ତି । ୫ ଜଣ ସ୍ୱାଧୀନ କାଉନସିଲର ଅଲଗା ରାସ୍ତା ଆପଣେଇଛନ୍ତି । ସେମାନେ ଖୁବଶୀଘ୍ର ଦଳକୁ



ଫେରିବେ । ସହରର ବିକାଶ କାର୍ଯ୍ୟ ଜୋରସୋରରେ ଚାଲିଛି । ଏବେ ସମସ୍ୟା ହେଉଛି ଯଦି କାଉନସିଲର ଦଳକୁ ନ ଫେରନ୍ତି ତେବେ ପୌର ପରିଷଦରୁ ସମର୍ଥନ ପ୍ରତ୍ୟାହାର ନ କରନ୍ତି ତେବେ ଅଧ୍ୟକ୍ଷଙ୍କୁ ପଦ ଛାଡିବାକୁ ପଡିବ । ଏହା ଅର୍ଥ ହେଉଛି ଆମ ଆଦମୀ ପାର୍ଟି ସଂଖ୍ୟାଲଘୁ ହୋଇଯିବ । ଏ ନେଇ ଅଧିକ ଚର୍ଚ୍ଚା ଏଥିପାଇଁ ହେଉଛି କି ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ୍ ଏହି ଜିଲ୍ଲାର । ଏହାଛଡା ହରପାଲ ସିଂହ ଚୀମା, ବରିନ୍ଦର କୁମାର ଗୋୟସ ଏବଂ ଅମନ ଅରୋଡା ବି ଏହି ଜିଲ୍ଲାବାସୀ । ଗତବର୍ଷ ପୌରପାଳିକା ନିର୍ବାଚନ ହୋଇଥିଲା । ଆମ୍ ଆଦମୀ ପାର୍ଟି ୨୯ ଆସନରୁ ମୋଟ ୭ଟି ଜିତିଥିଲା । ୫ ସ୍ୱାଧୀନ କାଉନସିଲରଙ୍କ ସହ ମିଶିବା ପରେ ଆସନ ସଂଖ୍ୟା ୧୨ ହୋଇଥିଲା । ଏହାପରେ ବିଧାୟକ ଅମନ ଅରୋରା ଏବଂ ମନିନ୍ଦର କୌର ଭରାଜଙ୍କ ଭୋଟ ସହ ଦୁଇ ସ୍ୱାଧୀନ ସମର୍ଥନରେ ଦଳକୁ ପୌର ପାଳିକା ଅଧ୍ୟକ୍ଷ କରିବାରେ ସହଯୋଗ ମିଳିଥିଲା । ପୌର ପାଳିକା ଚେୟାରମ୍ୟାନ ନିର୍ବାଚନରେ ସ୍ଥାନୀୟ ବିଧାୟକଙ୍କର ଭୋଟ ଦେବାର ଅଧିକାର ରହିଛି । ବର୍ତ୍ତମାନ ସଙ୍ଗରୁରରେ କଂଗ୍ରେସର ୯ ଓ ବିଜେପିର ୩ କାଉନସିଲର ଅଛନ୍ତି ।

## ପାକିସ୍ତାନକୁ ଆମେରିକା ଦେବନି ଏୟାର-ଟୁ-ଏୟାର ମିସାଇଲ

**ନୂଆଦିଲ୍ଲୀ,୧୦।୧୦:** ପାକିସ୍ତାନକୁ ବଡ଼ ଝଟକା ଦେଇଛି ଆମେରିକା । ଧରାପଡିଛି ପାକିସ୍ତାନର ମିଛ । ଆମେରିକା ପାକକୁ ଏୟାର-ଟୁ-ଏୟାର ମିସାଇଲ ଯୋଗାଣ କରିବ ବୋଲି ଦାବି କରୁଥିଲା ଶେହେବାଜ ସରକାର । ଏହାକୁ ଖଣ୍ଡନ କରିଛି ଟ୍ରମ୍ପ ପ୍ରଶାସନ । ଦାବିକୁ ମିଛ ବୋଲି କହିଛି ଆମେରିକା ଯୁଦ୍ଧ ବିଭାଗ । ଆମେରିକାର ଯୁଦ୍ଧ ବିଭାଗ ପାକିସ୍ତାନକୁ ନୂଆ AMRAAM କ୍ଷେପଣାସ୍ତ୍ର ପଠାଇବା ଗୁଜବକୁ ଖାରଜ କରିଛି । ଏହି ସଂଶୋଧନ କେବଳ FMS ଚୁକ୍ତିନାମା ଅନୁଯାୟୀ ସ୍ଥାୟିତ୍ୱ ଏବଂ ଅତିରିକ୍ତ ସାମଗ୍ରୀ ସହିତ ଜଡିତ ବୋଲି କହିଛି । ପାକିସ୍ତାନ ଦାବି କରିଥିଲା ଯେ, ଆମେରିକା ପ୍ରତିରକ୍ଷା ଚୁକ୍ତିରେ ନିୟମ ପରିବର୍ତ୍ତନ କରାଯାଇଛି । ପାକିସ୍ତାନକୁ ମିଶାଇଲ ପାଇଁ ଗ୍ରୀନ ସିଗନାଲ ମିଳିଛି । ଆମେରିକା ଯୁଦ୍ଧ ବିଭାଗ ଦାବିକୁ ଖଣ୍ଡନ କରି ଏହାକୁ ମିଥ୍ୟା ପାକିସ୍ତାନୀ ପ୍ରଚାର ବୋଲି କହିଛି । ପାକିସ୍ତାନ ପ୍ରଧାନମନ୍ତ୍ରୀ ଏବଂ ସେନା ମୁଖ୍ୟ ଟ୍ରମ୍ପଙ୍କ ସହ ସାକ୍ଷାତ ପରେ ପାକିସ୍ତାନ ଏହି ଗୁଜବ ପ୍ରଚାର କରିଥିଲା । ଆମେରିକା ସରକାର ଏହାକୁ ଖଣ୍ଡନ କରି ଏକ ବିବୃତ୍ତି ଜାରି କରିଛି । ଆମେରିକା ଦୂତାବାସ ଏହି ରିପୋର୍ଟଗୁଡ଼ିକୁ ମିଥ୍ୟା ବୋଲି କହି ଏକ ସରକାରୀ ବିବୃତ୍ତି ଜାରି କରିଛି । ସ୍ପଷ୍ଟ ଭାବରେ କହିଛି ଯେ



ଏହି ଚୁକ୍ତି ସଂଶୋଧନର କୌଣସି ଅଂଶ ପାକିସ୍ତାନକୁ ନୂତନ ଉନ୍ନତ ମଧ୍ୟମ-ଦୂରଗାମୀ ଏୟାର-ଟୁ-ଏୟାର ମିସାଇଲ ଯୋଗାଣ ସହିତ ଜଡିତ ନୁହେଁ । ଆମେରିକାର ଯୁଦ୍ଧ ବିଭାଗ ସେପ୍ଟେମ୍ବର ୩୦, ୨୦୨୫ ରେ ଏକ ତାଲିକା ପ୍ରକାଶ କରିଛି, ଯେଉଁଥିରେ ପାକିସ୍ତାନ ସମେତ ଅନେକ ଦେଶ ସହିତ ପ୍ରତିରକ୍ଷା ଚୁକ୍ତିନାମାରେ ପରିବର୍ତ୍ତନ ବିଷୟରେ ବିସ୍ତୃତ ଭାବରେ ଉଲ୍ଲେଖ କରାଯାଇଛି । ଏହି ପରିବର୍ତ୍ତନଗୁଡ଼ିକ ରକ୍ଷଣାବେକ୍ଷଣ ଏବଂ ସ୍ପେୟାର ପାର୍ଟସ ଯୋଗାଣ ସହିତ ଜଡିତ । ପୂର୍ବରୁ, ରିପୋର୍ଟଗୁଡ଼ିକ ଦାବି କରିଥିଲେ ଯେ ପାକିସ୍ତାନ ଆମେରିକାଠାରୁ ଏଆଇଏ-୧୨୦ ପାଇବାର ସମ୍ଭାବନା ଥିଲା । ଆମେରିକା ପ୍ରତିରକ୍ଷା ବିଭାଗ ଦ୍ୱାରା ସୂଚିତ ଏକ ଅସ୍ତ୍ର ଚୁକ୍ତିନାମାରେ ପାକିସ୍ତାନକୁ ଏହି କ୍ଷେପଣାସ୍ତ୍ରର ୩୫ ଜଣ କ୍ରେତାଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ କରାଯାଇଥିଲା । ଏହି ଦାବିଗୁଡ଼ିକୁ ଖଣ୍ଡନ କରିଛି ଆମେରିକା ଯୁଦ୍ଧ ବିଭାଗ । ଭାରତର ରାଫେଲକୁ ଟକ୍କର ଦେବାକୁ ପାକିସ୍ତାନ ଏହି ଯୋଜନା କରିଥିଲା । ପ୍ରତିରକ୍ଷା ବିଶ୍ଳେଷକମାନେ ଏହି କ୍ଷେପଣାସ୍ତ୍ରଗୁଡ଼ିକ ପାକିସ୍ତାନର ଏଫ-୧୬ର କାର୍ଯ୍ୟକ୍ଷମ ପରିସର ଏବଂ ସଠିକତାକୁ ବୃଦ୍ଧି କରିବା ସହ ପାକ ବାୟୁସେନାକୁ ବିପଦର ମୁକାବିଲା କରିବାକୁ ସକ୍ଷମ ହେବ ବୋଲି କହିଥିଲେ । କିନ୍ତୁ ଏହା ସମ୍ପୂର୍ଣ୍ଣ ମିଛ ।

# ଏଥର ହେବ ଅସମ୍ଭାଳ ଶୀତ

**ନୂଆଦିଲ୍ଲୀ,୧୦।୧୦:** ଅକ୍ଟୋବର ମାସ ଅଧା ହେଲାଣି କିନ୍ତୁ ଶୀତର ନାଁ ଗନ୍ଧ ନାହିଁ । ସେପଟେ ହିମାଳୟ ଶିଖର ଗୁଡ଼ିକ ବରଫରେ ଆଚ୍ଛାଦିତ ହୋଇଗଲାଣି । ଦିଲ୍ଲୀ ଓ ଗାଙ୍ଗେୟ ସମତଳ ଅଞ୍ଚଳର ଅଧିକାଂଶ ଅଞ୍ଚଳରେ ଲୋକମାନେ ବର୍ଷା ସହିତ ଥଣ୍ଡା ଅନୁଭବ କଲେଣି । ଶୀତ ପୂର୍ବରୁ ଶରତ ଋତୁରେ ବର୍ଷା ହେବା ଯୋଗୁ ଶୀତ ଆଗମନ ହୋଇଯାଇଛି କହିଲେ କିଛି ଭୁଲ୍ ହେବନି । ଜଳବାୟୁରେ ଅସନ୍ତୁଳନ ଯୋଗୁଁ ଆଗକୁ ଶୀତଋତୁ ଆର୍ଦ୍ର ଓ ଅଧିକ ଥଣ୍ଡା ହେବ ବୋଲି ପୂର୍ବାନୁମାନ କରିଛନ୍ତି ବିଶେଷଜ୍ଞ । ଆଇଏମଡି ସୂଚନା ମୁତାବକ, ଦିଲ୍ଲୀ ଓ ଏନ୍‌ସିଆର୍ ସମେତ ଉତ୍ତର ଭାରତରେ ଚଳିତ ବର୍ଷ ସାଧାରଣ ଶୀତଠାରୁ ଅଧିକ ଥଣ୍ଡା ହୋଇପାରେ । ଗତ କିଛି ଦିନ ହେବ ଜମ୍ମୁ-କାଶ୍ମୀର, ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡର ଉପର ଭାଗରେ ପ୍ରବଳ ତୁଷାରପାତ ହୋଇଛି, ଯାହା ଋତୁର ପ୍ରଥମ ତୁଷାରପାତ । ସେଠାରେ ପ୍ରାୟ ଶୀତ ଆରମ୍ଭ ହୋଇସାରିଲାଣି । ନିମ୍ନ ଓ ମଧ୍ୟ ହିମାଳୟରେ ପ୍ରବଳ ବର୍ଷା ହୋଇଛି, ଯେଉଁଥିପାଇଁ



ହିମାଚଳର ଅନେକ ଜିଲ୍ଲାରେ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେପଟେ ଗାଙ୍ଗେୟ ସମତଳ ଅଞ୍ଚଳରେ ମଧ୍ୟ ଥଣ୍ଡା ଅନୁଭୂତ ହୋଇଛି । ସୋମବାରଠାରୁ ଉତ୍ତର ଭାରତରେ କ୍ରମାଗତ ବର୍ଷା ହେଉଛି । ଦିଲ୍ଲୀ-ଏନ୍‌ସିଆରରେ ମଙ୍ଗଳବାର ସନ୍ଧ୍ୟାରେ ହଠାତ ପ୍ରବଳ ବର୍ଷା ହୋଇଥିଲା, ଯାହା ଅତି କମ୍ରେ ୧୫ଟି ବିମାନର ଚଳାଚଳରେ ବିଭ୍ରାଟ ଓ ପ୍ରବଳ ଟ୍ରାଫିକ୍ ଜାମ୍ ଦେଖିବାକୁ ମିଳିଥିଲା । ଆଇଏମଡି କହିଛି ଯେ ଲା-ନିନା ଅବସ୍ଥା ହେତୁ ଚଳିତ ବର୍ଷ ଭାରତରେ ହାରାହାରି ଶୀତଠାରୁ ଅଧିକ ଥଣ୍ଡା ହେବାର ସମ୍ଭାବନା ରହିଛି । ଆଇଏମଡି ତଥ୍ୟ ମୁତାବକ, ଚଳିତ ବର୍ଷ ଭାରତରେ ହାରାହାରି ଶୀତଠାରୁ ଅଧିକ ଥଣ୍ଡା ହେବାର ୭୧% ସମ୍ଭାବନା ରହିଛି । କେବଳ ଲା-ନିନା ଭାରତରେ ଶୀତର ଗମ୍ଭୀରତାକୁ ପ୍ରଭାବିତ କରେ ନାହିଁ । ହିଁ ମେରୁଅଞ୍ଚଳରୁ ଥଣ୍ଡା ପବନ ବହିବା, ପଶ୍ଚିମା ବିଶୃଙ୍ଖଳା ପରି ଅନ୍ୟାନ୍ୟ କାରଣ ମିଳିତ ଭାବରେ ଶୀତ କେତେ ଭୟଙ୍କର ହେବ ତାହା ସ୍ଥିର କରେ । ତେଣୁ ପ୍ରାରମ୍ଭିକ ଥଣ୍ଡା କେବଳ ଏକ ଝଲକ ଏବଂ ପ୍ରକୃତ ଶୀତ ହୁଏତ କିଛି ଅଧିକ ଅନୁଭୂତ ହୋଇପାରେ ।

## ଶାନ୍ତି ଚୁକ୍ତି ପରେ ବି ଗାଜା ଉପରେ ଆକ୍ରମଣ କଲା ଇସ୍ରାଏଲ, ୩୦ମୃତ

**ନୂଆଦିଲ୍ଲୀ,୧୦।୧୦:** ଇସ୍ରାଏଲ ଓ ହମାସ ମଧ୍ୟରେ ଦୀର୍ଘ ଦୁଇ ବର୍ଷ ଧରି ଚାଲିଥିବା ସଂଘର୍ଷ ଶେଷ କରିବା ପାଇଁ ଏକ ଐତିହାସିକ ଶାନ୍ତି ଚୁକ୍ତିର ପ୍ରଥମ ପର୍ଯ୍ୟାୟକୁ ନେଇ ସହମତି ପ୍ରକାଶ ପାଇଛି ବୋଲି ବୁଧବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଥିଲେ । ଏହି ଘୋଷଣା ପରେ ପରେ ଏବେ ଏକ ବଡ଼ ଖବର ସାମ୍ନାକୁ ଆସିଛି । ପାଲେଷ୍ଟାଇନ ସ୍ୱାସ୍ଥ୍ୟ ବିଭାଗ ଅନୁଯାୟୀ, ଇସ୍ରାଏଲ ଏବଂ ହମାସ ଯୁଦ୍ଧବିରତି ଚୁକ୍ତି ସ୍ୱାକ୍ଷର କରିବା ପରେ ଇସ୍ରାଏଲ ଗାଜା ଉପରେ ଆକ୍ରମଣ କରିଛି । ଏହି ଆକ୍ରମଣରେ ଗାଜାରେ ଅତି କମରେ ୩୦ଜଣଙ୍କର ମୃତ୍ୟୁ ହୋଇଛି । ସ୍ଥାନୀୟ ଅଲ୍-ଶିଫା ହସ୍ପିଟାଲର ନିର୍ଦ୍ଦେଶକ ଡାକ୍ତର ମହମ୍ମଦ ଆବୁ ସଲମିୟା କହିଛନ୍ତି ଯେ, ଆକ୍ରମଣରେ ଅତି କମରେ ୬ଜଣଙ୍କର ମୃତ୍ୟୁ ହୋଇଛି ଏବଂ ବୁଧବାର ସନ୍ଧ୍ୟାରୁ ମୋଟ ୩୦ଜଣ ପାଲେଷ୍ଟିନୀୟଙ୍କ ମୃତ୍ୟୁ ହୋଇଛି । ଉଲ୍ଲେଖଯୋଗ୍ୟ, ୨୦୨୩ ଅକ୍ଟୋବର ୭ରେ ହମାସର ଆକ୍ରମଣରେ ୧,୨୦୦ ଇସ୍ରାଏଲୀ ନାଗରିକ ନିହତ ହୋଇଥିଲେ ଓ ୨୫୦ରୁ ଅଧିକଙ୍କୁ ପଣବନ୍ଦୀ ଭାବେ ନିଆଯାଇଥିଲା । ଇସ୍ରାଏଲର ପ୍ରତିଆକ୍ରମଣରେ ଗାଜାରେ ୬୦,୦୦୦ରୁ ଅଧିକ ପାଲେଷ୍ଟାଇନ ନାଗରିକ ନିହତ ହୋଇଛନ୍ତି । ୨ବର୍ଷ ପରେ ବୁଧବାର କତର, ଇଜିପ୍ଟ ଓ ଆମେରିକାର ମଧ୍ୟସ୍ଥତା ପରେ ଶାନ୍ତି ଚୁକ୍ତି ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ଇସ୍ରାଏଲ ୬ ସପ୍ତାହ ପାଇଁ ଗାଜାରେ ସାମରିକ କାର୍ଯ୍ୟକଳାପ ବନ୍ଦ କରିବ ଓ ପାଲେଷ୍ଟାଇନ କଏଦୀଙ୍କୁ ମୁକ୍ତ କରିବ ବୋଲି କୁହାଯାଇଥିଲା । ଏହା ସହ ଗାଜାକୁ ମାନବୀୟ ସାହାଯ୍ୟ ମଧ୍ୟ ଯୋଗାଇ ଦିଆଯିବ ସ୍ପଷ୍ଟ କରାଯାଇଥିଲା । ହମାସ କହିଥିଲା ଯେ, ଏହି ଯୁଦ୍ଧବିରତି ପାଲେଷ୍ଟାଇନବାସୀଙ୍କ ଦୁଃଖ ହ୍ରାସ କରିବ, କିନ୍ତୁ ଇସ୍ରାଏଲର ଏହି ଅଂଚଳ ଉପରେ ଅଧିକାରର ଅନ୍ତ ହେବା ଆବଶ୍ୟକ । ତେବେ ଶାନ୍ତି ଚୁକ୍ତି ହେବା ପରେ ପରେ ୩୦ଜଣଙ୍କ ଜୀବନ ଯିବା ଖବର ଏବେ ଚର୍ଚ୍ଚାରେ ରହିଛି ।

# ୪ବର୍ଷ ପରେ କାବୁଲରେ ଦୂତାବାସ ଖୋଲିବ ଭାରତ

**ନୂଆଦିଲ୍ଲୀ,୧୦।୧୦:** ଆଫଗାନିସ୍ତାନ ବିଦେଶ ମନ୍ତ୍ରୀ ଅମୀର ଖାନ୍ ମୁତ୍ତାକି ଗୋଟିଏ ସପ୍ତାହ ପାଇଁ ଭାରତ ଗସ୍ତରେ ଆସି ଦିଲ୍ଲୀ ପହଞ୍ଚିଛନ୍ତି । ଜାତିସଂଘ ସୁରକ୍ଷା ପରିଷଦ ତାଙ୍କ ଉପରେ ଲାଗିଥିବା ଯାତ୍ରା କଟକଣା କୋହଳ କରିବାପରେ ସେ ଏହି ଯାତ୍ରା କରିଛନ୍ତି । ତେବେ ୨୦୨୧ରେ ତାଲିବାନ୍ ଆଫଗାନିସ୍ତାନରେ କ୍ଷମତାକୁ ଫେରିବାପରେ ଏହା କୌଣସି ତାଲିବାନ୍ ମନ୍ତ୍ରୀଙ୍କ ପ୍ରଥମ ଭାରତ ଗସ୍ତ । ଭାରତ ଗସ୍ତ ଅବସରରେ ଆଫଗାନ ମନ୍ତ୍ରୀ ଆଜି ଭାରତର ବିଦେଶ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିଥିଲେ । ଏହି ବୈଠକ ସମୟରେ ଏସ. ଜୟଶଙ୍କର ଏକ ବଡ଼ ଘୋଷଣା କରିଛନ୍ତି । କାବୁଲରେ ଥିବା ବୈଷୟିକ ମିଶନକୁ ଏବେ ଭାରତୀୟ ଦୂତାବାସର ମାନ୍ୟତା ଦିଆଯିବ ବୋଲି



କହିଛନ୍ତି ଜୟଶଙ୍କର । ୨୦୨୧ ମସିହାରେ ଯେତେବେଳେ ତାଲିବାନ ଆଫଗାନିସ୍ତାନରେ କ୍ଷମତାକୁ ଫେରିଲା, ସେତେବେଳେ ନୂଆଦିଲ୍ଲୀ ପରିସ୍ଥିତିକୁ ଦେଖି କାବୁଲରେ ଥିବା ଏହାର ଦୂତାବାସ ବନ୍ଦ କରିଥିଲା । ଏକ ବର୍ଷ ପରେ ବାଣିଜ୍ୟ, ଚିକିତ୍ସା ସହାୟତା ଏବଂ ମାନବିକ ସହାୟତାକୁ ସୁଗମ କରିବା ପାଇଁ ଏକ ଛୋଟ ମିଶନ ଖୋଲିଥିଲା ଭାରତ । ବର୍ତ୍ତମାନ, ଏହି ବୈଷୟିକ ମିଶନକୁ ଭାରତୀୟ ଦୂତାବାସର ମାନ୍ୟତା ଦିଆଯାଇଛି । ତାଲିବାନ ବୈଦେଶିକ ମନ୍ତ୍ରୀ ଏବଂ ତାଙ୍କ ପ୍ରତିନିଧିମଣ୍ଡଳକୁ ଭାରତକୁ ସ୍ୱାଗତ କରି ବୈଦେଶିକ ମନ୍ତ୍ରୀ ଜୟଶଙ୍କର ସେମାନଙ୍କ ଗସ୍ତକୁ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଆହୁରି ଉନ୍ନତ କରିବା ଏବଂ ସ୍ଥାୟୀ ବନ୍ଧୁତାକୁ ପୁନଃନିର୍ମାଣ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି କହିଛନ୍ତି । ତାଙ୍କ କହିବା ମୁତାବକ, ଏକ ନିକଟତମ ପଡ଼ୋଶୀ ଏବଂ ଆଫଗାନ ଲୋକଙ୍କ ଶୁଭେଚ୍ଛୁ ଭାବରେ ଭାରତ, ଆଫଗାନିସ୍ତାନର ବିକାଶ ଏବଂ ପ୍ରଗତିରେ ଗଭୀର ଆଗ୍ରହୀ । ଭାରତ ସ୍ୱାସ୍ଥ୍ୟସେବାଠାରୁ ଆରମ୍ଭ କରି ଭୂମିକମ୍ପ ଭଳି ବିପର୍ଯ୍ୟୟ ସହାୟତା କିମ୍ବା ଆଫଗାନ ଲୋକଙ୍କୁ ଖାଦ୍ୟ ସହାୟତା ପ୍ରଦାନ କରିବା ପର୍ଯ୍ୟନ୍ତ ପ୍ରତ୍ୟେକ ପ୍ରକାରରେ ସହାୟତା ପ୍ରଦାନ କରି ଆସିଛି ।

## ଜାମ୍ମୁ କାଶ୍ମୀରକୁ ରାଜ୍ୟ ମାନ୍ୟତା ନେଇ କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

**ନୂଆଦିଲ୍ଲୀ,୧୦।୧୦:** ଜାମ୍ମୁ କାଶ୍ମୀରକୁ କାହିଁକି ଦିଆଯିବନି ପୂର୍ଣ୍ଣ ରାଜ୍ୟ ମାନ୍ୟତା ? ଆବେଦନ ହୋଇଥିବା ମାମଲାର ଶୁଣାଣି କରି କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି ସୁପ୍ରିମକୋର୍ଟ । ୪ ସପ୍ତାହରେ ଜବାବ ତଲବ କରିବାକୁ ନୋଟିସ ଜାରି କରିଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ । କେନ୍ଦ୍ର ଶାସିତ ଅଞ୍ଚଳକୁ ରାଜ୍ୟ ମାନ୍ୟତା ଦାବି କରୁଥିବା ଅନେକ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ କେନ୍ଦ୍ରକୁ ନୋଟିସ କରିଛନ୍ତି । ପ୍ରଧାନ ବିଚାରପତି ବି.ଆର ଗଭଇ ଏବଂ ମୁଖ୍ୟ ବିଚାରପତି ବିନୋଦ ଚନ୍ଦ୍ରନଙ୍କୁ ନେଇ ଗଠିତ ଖଣ୍ଡପୀଠ ଆବେଦନର ଶୁଣାଣି କରି ୪ ସପ୍ତାହରେ ଜବାବ ଦେବାକୁ ନୋଟିସ ଜାରି କରିଛନ୍ତି । ଆବେଦନକାରୀଙ୍କ ମଧ୍ୟରେ ଜହୁଲ ଅହମ୍ମଦ ଭଟ୍ଟ ଏବଂ ରାଜନୈତିକ-ସାମାଜିକ କର୍ମୀ ଅହମ୍ମଦ ମଲିକ ସାମିଲ ଅଛନ୍ତି । ଆବେଦନଗୁଡିକରେ ଦାବି କରାଯାଇଛି ଯେ, ଜାମ୍ମୁ କାଶ୍ମୀରକୁ ଶୀଘ୍ର ରାଜ୍ୟ ମାନ୍ୟତା ପ୍ରଦାନ କରାଯାଉ । ଆବେଦନକାରୀଙ୍କ ଓକିଲ ଡିସେମ୍ବର ୨୦୨୩ରେ ଧାରା ୩୭୦ ରଦ୍ଦକୁ ସମର୍ଥନ କରିଥିବା କୋର୍ଟଙ୍କ ନିଷ୍ପତ୍ତି ଉପରେ ଚର୍ଚ୍ଚା କରିଥିଲେ । ଅନ୍ୟପଟେ କେନ୍ଦ୍ର ସରକାରଙ୍କ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟା କହିଛନ୍ତି, 'ଜାମ୍ମୁ କାଶ୍ମୀରକୁ ରାଜ୍ୟ ମାନ୍ୟତା ସମ୍ପର୍କରେ ଆଲୋଚନା ଚାଲିଛି । ଏଥିପାଇଁ ସମୟ ଲାଗିବ । ଏହା ଏକ ଅନନ୍ୟ ପ୍ରସଙ୍ଗ ଏବଂ ବିସ୍ତୃତ ଆଲୋଚନା ଚାଲିଛି । ଅନେକ ଦିଗ ଉପରେ ବିଚାର କରିବାକୁ ପଡିବ । ତାହା ପରେ ହିଁ ନିଷ୍ପତ୍ତି ନିଆଯିବ ।'କହି ରଖୁଛି କି, ୨୦୨୩ ଡିସେମ୍ବର ୧୧ରେ ସୁପ୍ରିମକୋର୍ଟ ତାଙ୍କ ନିଷ୍ପତ୍ତିରେ ଏକମତରେ ଧାରା ୩୭୦କୁ ଜାରି ରଖିବାକୁ ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟରେ ସେପ୍ଟେମ୍ବର ୨୦୨୪ ସୁଦ୍ଧା ନିର୍ବାଚନ ହେବା ଦରକାର ଏବଂ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଦେବାକୁ କହିଥିଲେ । ସମୟସୀମା ସରିଛି । ନିର୍ବାଚନ ହୋଇସାରିଛି । ତେବେ ରାଜ୍ୟ ମାନ୍ୟତା କାହିଁକି ଦିଆଯାଇନାହିଁ ବୋଲି କେନ୍ଦ୍ରକୁ ପ୍ରଶ୍ନ କରିଛନ୍ତି ସୁପ୍ରିମକୋର୍ଟ ।



# ପୋଲିସ ଏସଆଇ ନିଯୁକ୍ତି କେଳେଙ୍କାରୀ ପଛରେ ବିଜେପିର କେନ୍ଦ୍ରୀୟ ନେତା ସଂପୃକ୍ତ : କଂଗ୍ରେସ

**ଭୁବନେଶ୍ୱର,୧୦।୧୦ (ନି.ପ୍ର):** ପୋଲିସ ଏସଆଇ ନିଯୁକ୍ତି କେଳେଙ୍କାରି ପଛରେ ବିଜେପି ଦଳର ରାଜ୍ୟ ନେତୃତ୍ୱ ସମେତ କେନ୍ଦ୍ରୀୟ ବଡ଼ ନେତା ସଂପୃକ୍ତ ଥିବା ସନ୍ଦେହ କରୁଛି କଂଗ୍ରେସ। ଏହି ଅବସରରେ କଂଗ୍ରେସ ଭବନ ରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ପିସିସିର ବରିଷ୍ଠ ମୁଖପାତ୍ର ଦେବାଶିଷ ନାୟକ ଅଭିଯୋଗ କରି କହିଛନ୍ତି କି ପୂର୍ବ ସରକାର ସମୟରେ ଚାକିରି ବିକ୍ରି ହେଉଥିଲା ବୋଲି ବିଜେପି ନେତୃ ବୃନ୍ଦ ଅଭିଯୋଗ କରୁଥିଲେ। ଓଡ଼ିଶାର ଶିକ୍ଷିତ ଯୁବକ – ଯୁବତୀଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଥିଲା ସେତେବେଳେ ବିଜେପି । କିନ୍ତୁ ସରକାର ଆସିବା ପରେ ନିଜେ ଚାକିରି ବିକ୍ରିରେ ସାମିଲ ହୋଇଗଲେ। ସେ ସମୟରେ ଚାକିରି ବିକ୍ରି କରିବା ଅଭିଯୋଗ ଯାହା ନାମରେ ଥିଲା ସେହି ଶଙ୍କର ପୃଷ୍ଟି ବର୍ତ୍ତମାନ ସରକାରରେ ବି ଚାକିରି ବିକ୍ରି କରୁଛି। ସେତେବେଳେ ବିଜେପି ଯଦି ଜାଣିଥିଲା ଶଙ୍କର ପୃଷ୍ଟି ଏତେ ବଡ ଅପରାଧୀ ତେବେ ଏ ବ୍ୟକ୍ତିଙ୍କୁ କିଏ କାମ ଦେଲା ? ବିଜେପି ଦଳରେ କେମିତି ସାମିଲ ହେଲେ। ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟ ବିଜେପି ନେତାଙ୍କ ସହ ଶଙ୍କର ପୃଷ୍ଟିଙ୍କ ଫଟୋ କେମିତି ଘୁରି ବୁଲୁଛି ? ଶଙ୍କର



ପୃଷ୍ଟି ସହ ସେମାନଙ୍କ ସଂପର୍କ କଣ ବୋଲି ଶ୍ରୀ ନାୟକ ପ୍ରଶ୍ନ କରିଛନ୍ତି।

ରାଜ୍ୟରେ ବହୁ ଚର୍ଚ୍ଚିତ ପୋଲିସ ଏସଆଇ ନିଯୁକ୍ତି ପରୀକ୍ଷାର ମହାଦୁର୍ନୀତିର ଚେର ପଞ୍ଚସପ୍ଟ ମାଲିକ ଶଙ୍କର ପୃଷ୍ଟି ଓ ଆଜି ପର୍ଯ୍ୟନ୍ତ ଗିରଫ ହୋଇଥିବା ମଧ୍ୟସ୍ଥି ଓ ପରୀକ୍ଷାର୍ଥୀଙ୍କ ଭିତରେ ସୀମିତ ନ ରହି ଏହାର ଚେର ବିଜେପି ଦଳର କେନ୍ଦ୍ରୀୟ ନେତୃବର୍ଗ ପର୍ଯ୍ୟନ୍ତ ରହିଛି। ଯେଉଁ ମାନେ କି ଓଡ଼ିଶା ଦାୟୀତ୍ୱରେ ରହିଛନ୍ତି ସେମାନଙ୍କ ପର୍ଯ୍ୟନ୍ତ ଦୁର୍ନୀତିର ଚେର ଲମ୍ବିଛି ବୋଲି ଅନ୍ୟତମ ବରିଷ୍ଠ ମୁଖପାତ୍ର ଶ୍ରୀ ରଜନୀ କୁମାର ମହାନ୍ତି ଅଭିଯୋଗ ଆଣିଛନ୍ତି।

# ପୋଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷାରେ କେଳେଙ୍କାରୀ ନେଇ ବିଜେଡିର ବିକ୍ଷୋଭ

**ବ୍ରହ୍ମପୁର,୧୦।୧୦(ନି.ପ୍ର):** ବିଜୁ ଜନତା ଦଳ ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ବିଜୁ ଯୁବ-ଛାତ୍ର ଜନତା ଦଳର ମିଳିତ ଆନୁକୂଲ୍ୟରେ ଗଞ୍ଜାମ ଜିଲ୍ଲାର ବିଜୁ ଯୁବ-ଛାତ୍ର ନେତା ଓ କର୍ମୀ ମାନଙ୍କ ପକ୍ଷରୁ ଆଜି ରାଜ୍ୟ ପୋଲିସ ଏସ.ଆଇ ଚାକିରୀ ବିକ୍ରି, ଦୁର୍ନୀତି ଏବଂ କଳେଙ୍କାରୀ ବିରୁଦ୍ଧରେ ଏକ ବିକ୍ଷୋଭ ପ୍ରଦର୍ଶନ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲା ସଭାପତି ବିକ୍ରମ କୁମାର ପଣ୍ଡାଙ୍କ ନେତୃତ୍ୱରେ ସମସ୍ତ ବିଜୁ ଜନତା ଦଳ ନେତୃତ୍ୱଙ୍କ ଦ୍ୱାରା ଏକ ବିଶାଳ ଗଣ ଆନ୍ଦୋଳନ ପଦଯାତ୍ରା ମାଧ୍ୟମରେ ବ୍ରହ୍ମପୁର ରାମଲିଙ୍ଗ ପାର୍କ ଠାରୁ ଆରମ୍ଭ ହୋଇ ପ୍ରମୁଖ ଅଞ୍ଚଳ ଗୁଡ଼ିକ ବିକ୍ଷୋଭ ପ୍ରଦର୍ଶନ କରି ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଠାରେ ପହଁଚି ମୁଖ୍ୟମନ୍ତ୍ରୀଙ୍କ କୂଶପୁତ୍ତଳିକା ଦାହ କରିବା ସହ ସରକାର ବିରୋଧୀ ନାରା ଦିଆଯାଇଥିଲା। ଏହାସହ ଏସଆଇ ପରୀକ୍ଷା ଓ ନିଯୁକ୍ତି ଜାଲିଆତିକୁ ନେଇ ବିଜେପି ସରକାରଙ୍କ ଉପରେ ଗର୍ଜନ କରିଥିଲେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ରାଜ୍ୟ ସଭାପତିଙ୍କ ସହ ଗଞ୍ଜାମ ଜିଲ୍ଲା ସ୍ଥାନୀୟ ନେତୃବୃନ୍ଦ ପ୍ରମୁଖ।



ସେହିପରି ଛାତ୍ରଛାତ୍ରୀଙ୍କ ପାଇଁ ରାଜ୍ୟ ସରକାରଙ୍କ ବିରୋଧରେ ଗର୍ଜିଲେ ରାଜ୍ୟ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ, ସେ କହିଛନ୍ତି ଯେ, ସିବିଆଇ ତଦନ୍ତ ପାଇଁ ଏତେ ଭୟ କାହିଁକି, ଟଙ୍କା ଦିଅ, ଚାକିରି ନିଅ କହି ୨୦୦ କୋଟି ଟଙ୍କା ରୋଜଗାରରେ ମୁଖ୍ୟମନ୍ତ୍ରୀଙ୍କ ଅଫିସ ସଂପୃକ୍ତ ରହିଥିବା ବେଳେ, ଘଟଣାରେ ରହିଛି ବିଜେପି ନେତା ଓ ମନ୍ତ୍ରୀଙ୍କ ସମ୍ପୃକ୍ତି, ଯୋଜନା ବଦ୍ଧ ଭାବେ ରଚାଯାଇଥିଲା ଷଡ଼ଯନ୍ତ୍ର ବୋଲି ଅଭିଯୋଗ କରିଛନ୍ତି। ବିଜେପି ଶାସନରେ ମହିଳା ଓ ଶିଶୁଙ୍କ ବିରୋଧରେ ଅପରାଧ ଅହେତୁକ ବୃଦ୍ଧି ପାଇ ଓଡିଶା ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ନିନ୍ଦିତ ଓ ଲଜ୍ଜିତ ହୋଇଥିବା ବେଳେ, ଏବେ ସରକାରୀ ଚାକିରି ବିକ୍ରି ଭଳି ସାଙ୍ଘାତିକ ଅଭିଯୋଗ ସାମ୍ନାକୁ ଆସିଛି। ଗତ ପନ୍ଦର ମାସରେ ୧୬ଟି ନିଯୁକ୍ତି ପରୀକ୍ଷା ଶେଷ ମୁହୂର୍ତ୍ତରେ ବାତିଲ ହୋଇଛି, ଯାହା ପାଇଁ ନିଯୁକ୍ତି ଆଶାୟୀ ମାନେ ହତାଶ ହୋଇଛନ୍ତି। ପୋଲିସ ଏସଆଇ ପଦବୀ ପାଇଁ ଚଳିତ ବର୍ଷ ମାର୍ଚ୍ଚ ୮ ଓ ୯ରେ ହେବାକୁ ଥିବା ଲିଖିତ ପରୀକ୍ଷାକୁ ଶେଷ ମୁହୂର୍ତ୍ତରେ ବାତିଲ କରାଯାଇଥିଲା। ଏହାକୁ ଅକ୍ଟୋବର ୭ ଓ ୮ରେ କରିବା ପାଇଁ ସ୍ଥିର କରାଯାଇଥିଲା, ଯାହାକୁ ୩୦ ସେପ୍ଟେମ୍ବର ଦିନ ଆଉ ଥରେ ବାତିଲ କରାଯାଇଛି। ଏହି ନିଯୁକ୍ତି ପ୍ରକ୍ରିୟାରେ ଜାଲିଆତିରେ ସମ୍ପୃକ୍ତ ଥିବା ୧୧୪ ଜଣ ପରୀକ୍ଷାର୍ଥୀ ଓ ୩ଜଣ ଦଲାଲଙ୍କୁ ଶ୍ରୀକାକୁଲମ ପୋଲିସ ଦ୍ୱାରା ଗିରଫ କରାଯାଇଛି। ନିଯୁକ୍ତି ପାଇଁ ପରୀକ୍ଷା ପରିଚାଳନା ପାଇଁ ଦାୟିତ୍ୱରେ ଥିବା ସଂସ୍ଥା ଦ୍ୱାରା ସେମାନଙ୍କୁ ସତନ୍ତ୍ର ତାଲିମ ମାଧ୍ୟମରେ ଜାଲିଆତି ହୋଇଥିବା ଅଭିଯୋଗ ହୋଇଛି। ଗିରଫ ପରୀକ୍ଷାର୍ଥୀ ମାନେ ମୋଟା ଅଙ୍କର ଲାଞ୍ଚ ଦେଇ ଏହି ଚାକିରି ହାତେଇବା ପାଇଁ ଉଦ୍ୟମ କରୁଥିଲେ ବୋଲି କୁହାଯାଉଛି। ପ୍ରାୟ ୨୦୦ କୋଟି ଟଙ୍କାର ଏହି ଜାଲିଆତି ହୋଇଥିବା କୁହାଯାଉଛି। କିନ୍ତୁ, ଏଠାରେ ପ୍ରଶ୍ନ ଉଠୁଛି ଯେ, ଲାଞ୍ଚ ଦେବା ଅଭିଯୋଗରେ ପରୀକ୍ଷାର୍ଥୀ ମାନେ ଯଦି ଗିରଫ ହେଲେ, ତାହେଲେ ଲାଞ୍ଚ ଗ୍ରହଣ କରିଥିବା ବ୍ୟକ୍ତିମାନେ ଗିରଫ ହେଉ ନାହାନ୍ତି କାହିଁକି ବୋଲି ଜିଲ୍ଲା ସଭାପତି ବିକ୍ରମ କୁମାର ପଣ୍ଡା ପ୍ରଶ୍ନ କରିଛନ୍ତି।

ଅନ୍ୟ ମାନଙ୍କ ମଧ୍ୟରେ ଏହି ବିକ୍ଷୋଭ ପ୍ରଦର୍ଶନ କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ତଥା ଉପ ସଭାପତି ଚନ୍ଦ୍ର ଶେଖର ସାହୁ, ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ଜୋନ୍ ସଭାପତି ଜ୍ୟୋତି ରଞ୍ଜନ ସାହୁ, ନଚିକେତା ସ୍ୱାଇଁ, ଯୁବ ସଭାପତି ଭବାନୀ କାନ୍ତ ସାହୁ, ଛାତ୍ର ସଭାପତି ପ୍ରଶାନ୍ତ ସାହୁ, ମହାନଗର ସଭାପତି ଅଜିତ ପଣ୍ଡା, ଛାତ୍ର ସଭାପତି ଶୋଭନ ନାୟକଙ୍କ ସମେତ ଜିଲ୍ଲା ସ୍ତରର ସମସ୍ତ ନିର୍ବାଚନ ମଣ୍ଡଳୀର ହଜାର ହଜାର ସଂଖ୍ୟାରେ ବିଜୁ ଯୁବ ଛାତ୍ର ନେତ୍ର ଓ କର୍ମୀ ମାନେ ଏଥିରେ ସାମିଲ ହୋଇଥିଲେ।

# ଛେଳିକୁ ଗିଳିଦେଲା ଅଜଗର

**ବଡ଼ଚଣା ୧୦।୧୦ (ନି:ପ୍ର)** ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ବୈରୀ ଡାଲିଯୋଡ଼ା ରେଞ୍ଜ ଅଧୀନ ନେଳିଆ। ପଞ୍ଚାୟତ ବିଦ୍ୟାଧରପୁର ର ପୂର୍ବ ପାଶ୍ୱର୍ରେ ଥିବା ରାଉତା ହୁଡା ମେଗା ପାଣି ଟାଙ୍କି ନିକଟ ମାଳ ରେ ଆଜି ଅପରାହ୍ନରେ ଗୋଟି ଏ ଛେଳିକୁ ଅଜଗର ଗିଳି



ଦେଇ ଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ ନେଳିଆ। ଗ୍ରାମର ଟିମା ମଲ୍ଲିକ ଛେଳି ଚରାଉଥିବା ବେଳେ ମାଳ ଭିତରୁ ଏକ ବିରାଟକାୟ ଅଜଗର ସାପ ଛେଳିଟିକୁ ବୁଦା ଭିତରକୁ ଟାଣି ଟାଣି ନେଇଯାଇଥିଲା ଚାହୁଁ ଚାହୁଁ ଛେଳି ଟିକୁ ଅଜଗର ଗିଳି ଦେଉ ଥିବା ବେଳେ ସ୍ଥାନୀୟ ଲୋକେ ଦେଖି ଭୟରେ ଚହଳ ପକାଇ ଥିଲେ , ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକେ ବୈରୀ ବନ ବିଭାଗକୁ ଜଣାଇବା ପରେ ଫରେଷ୍ଟର ସସ୍ମିତା ସ୍ୱାଇଁ ଘଟଣା ସ୍ଥଳରେ ସଦଳବଳ ପହଞ୍ଚିଥିଲେ ସେତେବେଳକୁ ସାପଟି ଛେଳିକୁ ନେଇ ମାଳ ଭିତରକୁ ଚାଲି ଯାଇଥିଲା ଘଞ୍ଚ ଜଙ୍ଗଲ ହୋଇଥିବାରୁ ବନ କର୍ମଚାରୀ ସାପଟିକୁ ଆଉ ନପାଇ ଫେରି ଥିଲେ ତେବେ ସ୍ଥାନୀୟ ଲୋକେ ଏତେବଡ ଅଜଗର କୁ ପୂର୍ବରୁ ଅଞ୍ଚଳ ରେ କେବେ ଦେଖିନଥିଲେ, ସାପଟିକୁ ଦେଖି ଲୋକମାନେ ଭୟଭୀତ ଅବସ୍ଥାରେ ଅଛନ୍ତି ଏହି ସ୍ଥାନରେ ଛୋଟ ପିଲାମାନେ ଖେଳା ଖେଳି କରନ୍ତି ତେଣୁ ସାପଟିକୁ ଧରି ଜଙ୍ଗଲ ମଧ୍ୟରେ ଛାଡ଼ିବା ପାଇଁ ଦାବି ଜଣାଇଛନ୍ତି। ତେବେ ସ୍ଥାନୀୟ ନେଳିଆ। ସରପଞ୍ଚ ଜୟନ୍ତୀ ସ୍ୱାଇଁ ମାଳ ସଫା କରି ସାପ ଟିକୁ ବାହାର କରିବା ପାଇଁ ସମସ୍ତ ବ୍ୟବସ୍ଥା କରିବା ନିମନ୍ତେ ବଇରୀ ବନ ବିଭାଗ ଅଧିକାରୀ ଙ୍କ ସହ ଆଲୋଚନା କରିଥିବା ସୂଚନା ଦେଇଛନ୍ତି।

# ସ୍ୱାସ୍ଥ୍ୟକେନ୍ଦ୍ର ପାଲଟିଛି ପାର୍କିଂ ସ୍ଥଳ



**ଖଣ୍ଡପଡ଼ା, ୧୦/୧୦ (ନିପ୍ର):** ଖଣ୍ଡପଡ଼ା ସହରାଞ୍ଚଳରେ ଥିବା ପୁରାତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିତ୍ୟକ୍ତ ଅବସ୍ଥାରେ ପଡିରହିଥିବା ବେଳେ ପୁନରୁଦ୍ଧାର ନିମନ୍ତେ ୨ ମାସ ତଳେ ଜିଲ୍ଲା ପ୍ରଶାସନ ଅଣ୍ଟା ଭିଡିଥିଲା। ଏହାର ମରାମତି ନିମନ୍ତେ ୩୦ ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ରାଶି ମଧ୍ୟ ମଞ୍ଜୁର ହୋଇଥିଲା। ମାତ୍ର ଇତି ମଧ୍ୟରେ ଦୀର୍ଘଦିନ ବିତିଥିଲେ ମଧ୍ୟ ଏ ଦିଗରେ କାମ ଆଗେଇନାହିଁ। ଅନ୍ୟପକ୍ଷରେ ସହରାଞ୍ଚଳର ଦୀର୍ଘବର୍ଷର ଏହି ପୁରାତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବେ ପୂର୍ବବତ ପରିତ୍ୟକ୍ତ ଅବସ୍ଥାରେ ରହିଛି। ସ୍ୱାସ୍ଥ୍ୟକେନ୍ଦ୍ର ପରିସର ଏବେ ପାର୍କିଂ ସ୍ଥଳ ପାଲଟିଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଅଞ୍ଚଳର କିଛି ପ୍ରଭାବଶାଳି ବ୍ୟକ୍ତି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ନିଜର ଯାନବାହନ ସହିତ ଡାଲା ଅଟୋ, ନିର୍ମାଣ କାମରେ ବ୍ୟବହୃତ ମେସିନ, ଟ୍ରାକ୍ଟର ଆଦି ପାର୍କିଂ କରୁଥିବା ଦେଖିବାକୁ ମିଳିଛି। ଫଳରେ ଜିଲ୍ଲାର ଶତାଧିକ ଭିନ୍ନକ୍ଷମ ଏବଂ ଦିବ୍ୟାଙ୍ଗଙ୍କ ମନରେ ଯେଉଁ ଆଶା ସଂଚାର ହୋଇଥିଲା ତାହା ଏବେ ପାଣିରେ ପଡିବାକୁ ଯାଉଥିବା ଜଣାପଡିଛି। ରାଜ୍ୟ ସରକାରଙ୍କ ଦ୍ୱାରା ମଞ୍ଜୁର ଅର୍ଥରେ ପୂର୍ତ୍ତବିଭାଗ ଦ୍ୱାରା ମରାମତି ଏବଂ ନବୀକରଣ କାର୍ଯ୍ୟ କରାଇବାକୁ ନୟାଗଡ ଜିଲ୍ଲା ପ୍ରଶାସନକୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଦ୍ୱାରା ଚିଠି ଲେଖାଯାଇଥିଲା। ମାତ୍ର ପଦ୍ମ ଘୁଞ୍ଚି ଘୁଞ୍ଚି ଯିବା ନ୍ୟାୟରେ ଏବେ ଏହି ପ୍ରକଳ୍ପ ଅନିଶ୍ଚିତତା ଦେଇ ଗତି କରୁଥିବା ଜଣାପଡିଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ସହରାଞ୍ଚଳ ବାସୀ ଦାବି କରିଛନ୍ତି।

# କେନ୍ଦ୍ରାପଡା କଲେଜରେ ଦୀନବନ୍ଧୁ ସାହୁଙ୍କ ଜୟନ୍ତୀ ସମାରୋହ



**କେନ୍ଦ୍ରାପଡ଼ା,୧୦।୧୦ (ନି.ପ୍ର) :** କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ସ୍ୱର୍ଗତ ଦୀନବନ୍ଧୁ ସାହୁଙ୍କ ୧୧୬ତମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅବସରପ୍ରାପ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ତଥା ପୂର୍ବତନ ଓଡିଶା ଲୋକସେବା ଆୟୋଗର ଅଧ୍ୟକ୍ଷ ଡ. ସତ୍ୟଜିତ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଦୀନବନ୍ଧୁ ସାହୁ ସ୍ମାରକୀ ବକ୍ତୃତା ପ୍ରଦାନ କରିଥିଲେ। ଏହି ପ୍ରସଙ୍ଗରେ ସେ ଉଲ୍ଲେଖ କରିଥିଲେ ଯେ କେନ୍ଦ୍ରାପଡା ଏକ କୃଷି ଭିତ୍ତିକ ଅଞ୍ଚଳ। ବିଗତ ୬୦ବର୍ଷ ଭିତରେ କିଛି ରାସ୍ତା ଘାଟ, ଗାଡିଘୋଡା, ଘରବାଡି ବଢିଛି। କିନ୍ତୁ ଆମର ବିଶେଷ ଆତ୍ମିକ ପରିବର୍ତ୍ତନ ହୋଇନାହିଁ। ଆମ ଗାଁର ପିଲା ମୋତେ ହୋମଗାର୍ଡ ହେବା ପାଇଁ ସୁପାରିଶ କରିବା ପାଇଁ କହୁଛନ୍ତି। କିନ୍ତୁ କେନ୍ଦ୍ରାପଡାର ପ୍ରାକ୍ତନ ଜନନେତା ତଥା ଓଡିଶାର ପ୍ରାକ୍ତନ ମନ୍ତ୍ରୀ ଓ ଅଧିବକ୍ତା ସ୍ୱାଧୀନତା ପୂର୍ବରୁ ପାଟନାରୁ ଅର୍ଥନୀତିରେ ଏମ.ଏ. ଏବଂ ପରେ ଆଇନ ପାଠ ସାରି ଆଡଭୋକେଟ ଜେନେରାଲ ଓ ମନ୍ତ୍ରୀ ଥାଇ ଏଠାରେ ମହାବିଦ୍ୟାଳୟ ସ୍ଥାପନା ଠାରୁ ଗ୍ରାମୀଣ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଯେଉଁ ପରିକଳ୍ପନା କରିଥିଲେ ତାହା ଏବେ ଅଧୁରା ରହିଛି। ବରଂ ସତୁରୀ ଦଶକରେ ଆମର ସ୍ଥିତି ଯାହା ଥିଲା ସେଥିରେ ବିଶେଷ କିଛି ସୁଧାର ଆସିନାହିଁ ବୋଲି ମୁଖ୍ୟଅତିଥି ଡ. ମହାନ୍ତି କହିଥିଲେ। ଏହି ଅବସରରେ କଲେଜ ପକ୍ଷରୁ ମୁଖ୍ୟଅତିଥି ଡ. ମହାନ୍ତିଙ୍କୁ ଶାଲ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ୟାପଟେନ ସୀମା ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ଅଧ୍ୟକ୍ଷ ପ୍ରଫେସର ଜେନା ସ୍ୱାଗତ ଭାଷଣ, ଆବାହକ ପ୍ରାଧ୍ୟାପକ ବିଶ୍ୱରଞ୍ଜନ ପୁହାଣ ଅତିଥି ପରିଚୟ ଓ ଅଧ୍ୟାପକ ରଞ୍ଜିତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଇଫ୍‌କୋ ସହଯୋଗୀ କୋର୍ଡେଟ ର ପ୍ରତିଷ୍ଠା ଦିବସ

**ପାରାଦୀପ, ୧୦।୧୦ (ନି.ପ୍ର):** ଇଫକୋର ସହଯୋଗୀ କୃଷି ସମ୍ପର୍କିତ ସଚେତନତା ଧର୍ମୀ ଅନୁଷ୍ଠାନ କୋଅପରେଟିଭ ରୁରାଲ ଡେଭଲପମେଣ୍ଟ ଟ୍ରଷ୍ଟ (କୋର୍ଡେଟ) ର ୪୮ତମ ପ୍ରତିଷ୍ଠା ଦିବସ ଓ କୃଷି ସମ୍ପର୍କିତ ଆଲୋଚନାଚକ୍ର ଗତ ଗୁରୁବାର ଦିନ ଇଫକୋ ପାରାଦୀପ ପରିସରରେ ଉତ୍ସାହର ସହ ଅନୁଷ୍ଠିତ ହୋଇଯାଇଛି। ଇଫକୋ ଓ କୋର୍ଡେଟ ର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଇଫକୋ ପାରାଦୀପ ୟୁନିଟ ମୁଖ୍ୟ ପି.କେ.ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହାକୁ ଉଦଘାଟନ କରିଥିଲେ। ନିଜ ବକ୍ତବ୍ୟରେ ଶ୍ରୀ ମହାପାତ୍ର ନାନୋ ସାରର ଭୂମିକା ଓ କୃଷିରେ ଆଶାଜନକ ଉତ୍ପାଦନ ଉପରେ ଗୁରୁତ୍ୱାରୋପ କରିଥିଲେ। ନାନୋ ସାର କିପରି ମୃତ୍ତିକା ର ଉର୍ବରତା ବୃଦ୍ଧି କରେ ଏବଂ ଉତ୍ପାଦକତାରେ ଉନ୍ନତି ଆଣେ ଏବଂ ଚାଷୀ ମାନଙ୍କୁ ଆର୍ଥିକ ଓ ପରିବେଶଗତ ଭାବରେ ଲାଭ ପହଞ୍ଚାଇଥାଏ ସେ ସମ୍ପର୍କରେ ଶ୍ରୀ ମହାପାତ୍ର ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଓୟୁଏଟିର ପ୍ରଫେସର ଡ଼ଃ.ଆର.କେ.ନାୟକ, କଟକ ସିଆରଆରଆଇ ବରିଷ୍ଠ ମୃତ୍ତିକା ବିଜ୍ଞାନୀ



ଡ଼ଃ.ସଂଗୀତା ମହାନ୍ତି, କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ ର କୃଷି ଅଧିକାରୀ ପ୍ରଦୋଷ କୁମାର ବେହେରା, କୁଜଙ୍ଗ ବ୍ଲକ କୃଷି ଅଧିକାରୀ ସୀତାରତ୍ନମାଳି ଦାସ, ଇଫକୋ ଅଧିକାରୀ ସନ୍ଧ୍ୟାରାଣୀ ବେହେରା ପ୍ରମୁଖ ଯୋଗଦେଇ କୃଷି ଉତ୍ପାଦନ ବୃଦ୍ଧି ପାଇଁ ରସାୟନିକ ସାର ପରିବର୍ତ୍ତେ ପରିବେଶ ଉପଯୋଗୀ ଇଫକୋ ର ନାନୋ ସାର ପ୍ରୟୋଗ ଉପରେ ଗୁରୁତ୍ୱାରୋପ କରିଥିଲେ।

ଏହି ଅବସରରେ କୋର୍ଡେଟ ର ଅଧ୍ୟକ୍ଷ କୁଳମଣି ମାଝି ସମସ୍ତଙ୍କୁ ସ୍ୱାଗତ କରି ଚାଷୀ ସମ୍ପ୍ରଦାୟର କଲ୍ୟାଣ ପାଇଁ କୋର୍ଡେଟ ର ନିରନ୍ତର ପ୍ରୟାସ ଓ ଯାତ୍ରା ବିଷୟରେ ବିବରଣୀ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଇଫକୋର ଜୟନ୍ତ ଜେନା ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାନୋର ମହାପ୍ରବନ୍ଧକ ଏସ.ପି.ରଥ, ପରିବହନ ଯୁଗ୍ମ ମହାପ୍ରବନ୍ଧକ ବି.କେ.ମିଶ୍ର, ସୁରକ୍ଷା ମୁଖ୍ୟ ପରିଚାଳକ ରାକେଶ ପାଣ୍ଡେ, ଇଫକୋ ଲୋକସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା ଏବଂ ଇଫକୋ ଅଫିସର୍ସ ସଂଘର ସଭାପତି ସୁଶାନ୍ତ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ୨୫୦ ରୁ ଉର୍ଦ୍ଧ ପ୍ରଗତିଶୀଳ କୃଷକ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିବା ବେଳେ ଉପସ୍ଥିତ ଚାଷୀଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ପ୍ରତ୍ୟେକଙ୍କୁ ୫୦୦ ଏମଏଲ ନାନୋ ସାର ବୋତଲ ପ୍ରଦାନ କରାଯାଇଥିଲା। ତେବେ କୃଷିରେ ନବସୃଜନ ଉପରେ ଗୁରୁତ୍ୱ ଏବଂ ଓଡ଼ିଶାରେ ଚାଷୀ ମାନଙ୍କୁ ସଶକ୍ତ କରିବା ଓ ସ୍ଥାୟୀ କୃଷି ପଦ୍ଧତିକୁ ପ୍ରୋତ୍ସାହିତ କରିବା ପ୍ରତି ଇଫକୋ ଓ କୋର୍ଡେଟ ର ପ୍ରତିବଦ୍ଧତାକୁ ପୁନଃର୍ନିର୍ଦ୍ଦିଷ୍ଟ କରିଛି।

# କେନାଲରେ ବୁଡି ଯୁବକ ମୃତ

**ବଡ଼ଚଣା,୧୦।୧୦,(ନି.ପ୍ର) :** ବୈରୀ ଥାନା ନିକଟ ହାଇ ଲେବୁଲ କେନାଲରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସୂଚନା ମୁତାବକ ବୈରୀ ଥାନା ଅଧିନ ଇଛନାଗର ପାଟଣା ର ରଣା ହେମ୍ବ୍ରମ ଙ୍କ ପୁଅ କନ୍ଦା ହେମ୍ବ୍ରମ ଗତ କାଲି ହାଇ ଲେବୁଲ୍ କେନାଲ ରେ ବୁଡି ଯିବା ଫଳରେ ତାଙ୍କର ମୃତ୍ୟୁ ହୋଇଛି। ଗତ କାଲି ରାତ୍ରିରେ ମୁଳିଝରର ସଅଁର ପାରି ତୁଠ କେନାଲ ରେ ଗାଧୋଉ ଥିବା ବେଳେ କେନାଲ ପାଣିରେ ବୁଡି ଯାଇ ଥିଲେ। ଖବର ପାଇ ପରିବାର ଲୋକେ ଘଟଣା ସ୍ଥଳରେ ପହଞ୍ଚି ଥିବାବେଳେ ମୃତଦେହ କୁ ଚିହ୍ନଟ କରିଥିଲେ, ସ୍ଥାନୀୟ ଲୋକେ ଦେଖି ବୈ ରି ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହ କୁ ଜବତ କରିବା ସହିତ ସବ ବ୍ୟବଚ୍ଛେଦ ଲାଗି ପଠାଇ ଥିବା ଥିଲେ, ମୃତ ଯୁବକଙ୍କ ସ୍ତ୍ରୀ ଓ ଏକମାତ୍ର ଶିଶୁ ପୁତ୍ର ଥିବା ବେଳେ ପରି ବାରରେ ଦୁଃଖ ର ଛାୟା ଖେଳିଯାଇଛି।

# ଧର୍ମପରାୟଣା ମହିଳାଙ୍କ ବିୟୋଗ

**ଖଣ୍ଡପଡ଼ା, ୧୦/୧୦ (ନିପ୍ର):** ଖଣ୍ଡପଡ଼ା ସହରାଞ୍ଚଳ ୧୧ ନଂ ୱାର୍ଡ ବଢେଇସାହି ବାସିନ୍ଦା ଅପର୍ଣ୍ଣା ମହାରଣା (୭୫)ଙ୍କ ମୃତ୍ୟୁ ହୋଇଥିବା ନେଇ ସୂଚନା ମିଳିଛି। ଆଜି ଭୋରରୁ ପୁରୀରେ କାର୍ତ୍ତିକ ବ୍ରତ ନିମନ୍ତେ ରହୁଥିବା ବୃଦ୍ଧାଙ୍କର ହଠାତ ସ୍ୱାସ୍ଥ୍ୟବସ୍ଥା ବିଗିଡିଯାଇଥିଲା। ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ପୁରୀ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଖଣ୍ଡପଡ଼ା ସହରାଞ୍ଚଳରେ ରହୁଥିବା ପରିବାର ଲୋକେ ପୁରୀ ପହଞ୍ଚିଥିବା ବେଳେ ଅପରାହ୍ନରେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ସୂଚନା ମିଳିଛି। ଜଣେ ପରୋପକାରୀ ଓ ଧର୍ମପ୍ରାଣା ମହିଳା ଭାବେ ସ୍ଥାନୀୟ ଅଞ୍ଚଳରେ ସେ ପରିଚିତ ଥିଲେ। ମୃତ୍ୟୁ ଖବରପାଇ ସହରାଞ୍ଚଳ ଅଧୀନ ବଢେଇ ସାହି ଓ ଗଡଭିତର ସାହି ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଶ୍ରୀନଗରରେ ସିଆରପିଏଫରେ କାର୍ଯ୍ୟରତ ଥିବା ବଡପୁଅ ଗୋପାଳ ମହାରଣା ପହଞ୍ଚି ନପାରିବାରୁ ସାନପୁଅ ହରିଶଙ୍କର ମହାରଣା ମୁଖାଗ୍ନି ଦେଇଥିବା ପରିବାରବର୍ଗଙ୍କ ସୂତ୍ରରୁ ସୂଚନା ମିଳିଛି।

# ପୋଷଣ ମାସ ପାଳିତ

**ଡେଲାଙ୍ଗ,୧୦।୧୦ (ନି.ପ୍ର):** ଡେଲାଙ୍ଗ ବ୍ଲକରେ ପ୍ରକଳ୍ପ ସ୍ତରୀୟ ରାଷ୍ଟ୍ରିୟ ପୋଷଣ ମାସ ପାଳନ ହୋଇଯାଇଛି। ଏହି ଅବସରରେ ଡେଲାଙ୍ଗ ବ୍ଲକରେ ଶିଶୁ ବିକାଶ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ପୋଷଣ ମାସ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ ମୁଖ୍ୟ ଅତିଥୀଭାବେ ଯୋଗ ଦେଇ ପିଲା ମାନଙ୍କ ଉତମ ପୋଷଣ ଓ ସୁସ୍ଥ ଜୀବନ ପାଇଁ ପୃଷ୍ଟିକର ଖାଦ୍ୟର ଆବଶ୍ୟକତା ସମ୍ପର୍କରେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାସା ନିସଙ୍କ,ସିଡିପିଓ ଜାପାନୀ ମିତ୍ର ,ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବ୍ରତ ବାରିକ , ଡାକ୍ତର ତପନ ଦାଶ ପ୍ରମୁଖ ଯୋଗ ଦେଇ



ପୋଷଣ ମାସ ପାଳନର ଉପକାରିତା ଓ ତାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ପ୍ରତି ଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥୀମାନଙ୍କ ଦ୍ୱାରା ଯୋଗ୍ୟତା ପ୍ରମାଣ ପତ୍ର ପ୍ରଦାନ କରାଯାଇଛି।

# ମା' ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ

**ବୁଗୁଡ଼ା, ୧୦/୧୦ (ନି.ପ୍ର):** ବୁଗୁଡ଼ା ଅଞ୍ଚଳରେ ଚଳିତ ବର୍ଷ ମା' ଗଜଲକ୍ଷ୍ମୀଙ୍କ ପୂଜା ଉତ୍ସବ କୁମାର ପୂର୍ଣ୍ଣିମା ଦିନରୁ ଅନୁଷ୍ଠିତ ହୋଇଆସୁଥିଲା ବେଳେ ଦୈନିକ ସନ୍ଧ୍ୟାରେ ପୂଜା ମଣ୍ଡପ ଗୁଡିକ ନିକଟରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଥିବା ବେଳେ ନାନା ପ୍ରକାର ସ୍ୱାଦିଷ୍ଟ ଖାଦ୍ୟ ପଦାର୍ଥ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯାଉଥିଲା। ତେବେ ଆଜି ପଞ୍ଚମ ଦିନରେ କେବଳ ଗ୍ରାମାଞ୍ଚଳ ନୁହେଁ ସହରାଞ୍ଚଳରେ ମଧ୍ୟ ବିଭିନ୍ନ ପୂଜା କମିଟି ପକ୍ଷରୁ ଜାକଜମକରେ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏ ପରିପ୍ରେକ୍ଷୀରେ ବୁଗୁଡା ସହରର ହାଇସ୍କୁଲ ଛକ ଓ ବଡଦାଣ୍ଡ ସାହି ପୂଜା କମିଟି ପକ୍ଷରୁ ଆୟୋଜିତ ଗଜଲକ୍ଷ୍ମୀ ମେଢ ଗୁଡିକର ବିସର୍ଜନ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବାଦ୍ୟ ବାଜଣା ଓ ନାନା ବେଶ ପଟୁଆର ସହ ବାଣ ଫୁଟାଇ ମା'ଙ୍କୁ ଶୋଭାଯାତ୍ରାରେ ବିଦାୟ ଦେଇ ପୁଷ୍କରିଣୀରେ ବିସର୍ଜନ କରାଯାଇଥିଲା ।

# ବିଦ୍ୟାଳୟରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ

**କୁଚିଣ୍ଡା,୧୦।୧୦ (ନି.ପ୍ର.):** ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ସମ୍ବଲପୁର ଜିଲ୍ଲା କୁଚିଣ୍ଡା ସ୍ଥିତ ଅରୁଣୋଦୟ ମାନସିକ ଭିନ୍ନକ୍ଷମ ବିଦ୍ୟାଳୟରେ ପାଳିତ ହୋଇଯାଇଛି। କୁଚିଣ୍ଡା ତାଲୁକ ସ୍ତରୀୟ ଆଇନ ସେବା କମିଟି ପକ୍ଷରୁ ଏହି ଦିବସକୁ ବିଦ୍ୟାଳୟ ରେ ଆୟୋଜିତ କରାଯାଇଥିଲା। ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଦୌରା ଜଜ ପ୍ରଭାକର ଗାଣ୍ଡିଆ। ପୌରାହିତ୍ୟ ରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ବକ୍ତା ଭାବରେ ଡାକ୍ତର ଶରତ ଚନ୍ଦ୍ର ଗୌଣ୍ଡିଆ, ସମ୍ମାନିତ ଅତିଥି ଭାବେ ଦେୱାନି ଜଜ୍ ପଲ୍ଲବୀ ରାଣୀ ସାହୁ, ଏସ ଡି ଜେ ଏମ ଅବିନାଶ ଚିନାରା ,ତାଲୁକ ସ୍ତରୀୟ ଆଇନ ସେବା କମିଟିର ସଦସ୍ୟ କରୁଣାକର କିସାନ, ଉପସ୍ଥିତ ରହିଥିବା ବେଳେ ସଭାକୁ ରୋପ ଅନୁଷ୍ଠାନ ନିର୍ଦ୍ଦେଶକ ପ୍ରଦୀପ କୁମାର ପରିଚାଳନା କରିଥଲେ। ମୁଖ୍ୟ ଅତିଥି ଓ ଅନ୍ୟ ଅତିଥିଗଣ ମାନସିକ ଶିଶୁ ଙ୍କ ସେବା, ଯତ୍ନ, ସୁରକ୍ଷା ଓ ଆଇନଗତ ବିଭିନ୍ନ ଦିଗ ଉପରେ ଗୁରୁତ୍ୱ ଦେଇ ଥିଲେ। କୁଚିଣ୍ଡା ବରିଷ୍ଠ ନାଗରିକ ପରିଷଦ, ମାନ୍ୟତା ସମାଜ ସେବୀ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ୧୫ ଜଣ ଶିଶୁଙ୍କ ସମେତ ଶିଶୁଙ୍କ ପିତା ମାତା, ଅନ୍ୟାନ୍ୟ ବ୍ୟକ୍ତିବିଶେଷ ଏବଂ ରୋପ କର୍ମକର୍ତାଗଣ ଉପସ୍ଥିତ ଥିଲେ। ଏହି ଅବସରରେ ଜାତୀୟ ପାରା ବ୍ୟାଡମିଣ୍ଟନ ଚାମ୍ପିୟନସିପ ଟ୍ରଫି ଖେଳି ରୌପ୍ୟ ଓ ବ୍ରୋଞ୍ଜ୍ ପଦକ ହାସଲ କରିଥିବା ସୋମ୍ୟକାନ୍ତ ମହକୁଲଙ୍କୁ ଏକ ଟ୍ରଫି ଅତିଥି ଗଣ ପ୍ରଦାନ କରି ସମ୍ମାନିତ କରିଥିଲେ। ଡ଼ା ଶରତ ଚନ୍ଦ୍ର ଗୌଣ୍ଡିଆ। ସ୍କୁଲକୁ ଏକ ନିମ୍ଯୁଲାଇଜର ଓ ପାଠ୍ୟ ଉପକରଣ ପ୍ରଦାନ କରିଥିଲେ। ମାନ୍ୟତା ଗ୍ରୁପ ର ସହଯୋଗରେ ୨୦ ଟି କଦଳୀ ଚରା ମୁଖ୍ୟ ଅତିଥି ଓ ଅନ୍ୟାନ୍ୟ ଅତିଥି ଗଣ ଙ୍କ ଦ୍ୱାରା ରୋପଣ କରାଯାଇଥିଲା।

# ସମ୍ ରେ ଏନ୍ଏସ୍ଏସ୍ ଶାଖା ପକ୍ଷରୁ ସ୍ୱତନ୍ତ୍ର ଶିବିର

**ଭୁବନେଶ୍ୱର,୧୦।୧୦ (ନି.ପ୍ର) :** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସମ ନର୍ସିଂ କଲେଜ (ଏସ୍ଏନ୍ସି)ର ଏନ୍ଏସ୍ଏସ୍ ଶାଖା ପକ୍ଷରୁ ସେପ୍ଟେମ୍ବର ୨୧ ରୁ ୨୭ ତାରିଖ ପର୍ଯ୍ୟନ୍ତ ଏକ ସପ୍ତାହ ବ୍ୟାପୀ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଛତାବର ଗ୍ରାମରେ ଏକ ସ୍ୱତନ୍ତ୍ର ଶିବିରର ଆୟୋଜନ କରାଯାଇଥିଲା। ଏହି ଶିବିରର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସୋଆ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଜନ ଦାସ, ଏନ୍ଏସ୍ଏସ୍ ଶାଖାର କାର୍ଯ୍ୟକ୍ରମ ସଂଯୋଜକ ଡକ୍ଟର କମଳ ଲୋଚନ ମହନ୍ତ, କାର୍ଯ୍ୟକ୍ରମ ଅଧିକାରୀ ସୁଶ୍ରୀ ଇତିଶ୍ରୀ ପ୍ରଧାନ, ସୁଶ୍ରୀ ସୁଜ୍ୟୋତ୍ସ୍ନା ଜେନା ଏବଂ ଡକ୍ଟର ଭୀମସେନ ଭୋଲ ପ୍ରମୁଖ ଯୋଗ ଦେଇଥିଲେ । ଉଦ୍‌ଘାଟନୀ କାର୍ଯ୍ୟକ୍ରମ ପରେ ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀମାନେ ଛତାବର ଗ୍ରାମର ଘର ଘର ବୁଲି ସଫେଇ ସମ୍ପର୍କିତ ସଚେତନତା ବାର୍ତ୍ତା ଜଣାଇଥିଲେ। ଏହା ଛଡ଼ା ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀମାନେ ଛତାବର ସ୍ଥିତ ସାଇ ସରସ୍ୱତୀ ମନ୍ଦିରରେ ଗ୍ରାମର ମହିଳାମାନଙ୍କ ମଧ୍ୟରେ ପରିମଳ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ ଛାତ୍ରଛାତ୍ରୀମାନଙ୍କ ପାଇଁ ହାତ ପରିଷ୍କାର କାର୍ଯ୍ୟକ୍ରମ କରିଥିଲେ। ଛତାବର ଗ୍ରାମର ରାସ୍ତାକୁ ସଫା କରିବା ସହ ଏକ ସଫେଇ ଅଭିଯାନ ମଧ୍ୟ ଆୟୋଜନ କରାଯାଇଥିଲା। ଏହି ଶିବିରରେ ନିଶାଦ୍ରବ୍ୟର ଅପ ବ୍ୟବହାରକୁ ନେଇ ଏକ ସଚେତନତା ରାଲି ଆୟୋଜନ କରାଯିବା ସହ ଗ୍ରାମବାସୀଙ୍କୁ ସ୍ୱାସ୍ଥ୍ୟ ଏବଂ ସମାଜ ଉପରେ ଅବୈଧ ଔଷଧର କୁପ୍ରଭାବ ବିଷୟରେ ଅବଗତ କରାଯାଇଥିଲା।

# ପେପର ପ୍ଲେଟ୍ ଇଣ୍ଡଷ୍ଟ୍ରିରେ ଅଗ୍ନିକାଣ୍ଡ



**ବୁଗୁଡା,୧୦/୧୦ (ନି.ପ୍ର):** ବୁଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ହରିଶରଣପୁର ଶାସନରେ ଥିବା ବାଲୁଙ୍କେଶ୍ୱର ପେପର ପ୍ଲେଟ ଇଣ୍ଡଷ୍ଟ୍ରିରେ ଅଗ୍ନିକାଣ୍ଡ ଘଟି କ୍ଷୟକ୍ଷତି ହୋଇଥିବା ଜଣାଯାଇଛି। ଆଜି ପୂର୍ବାହ୍ନରେ ଉକ୍ତ ପେପର ପ୍ଲେଟ୍ ଇଣ୍ଡଷ୍ଟ୍ରିରେ ବିଦ୍ୟୁତ୍ ସର୍ଟ ସର୍କିଟ୍ ଯୋଗୁଁ ଅଗ୍ନିକାଣ୍ଡ ଘଟି ସେଠାରେ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ପୋଡିଜଳି ଛାରଖାର ହୋଇଯାଇଛି। ଖବର ପାଇ ବୁଗୁଡ଼ା ଦମକଳବାହିନୀ ଘଟଣା ସ୍ଥଳରେ ପହଞ୍ଚିବା ବେଳକୁ ନିଆଁ ଲିଭି ଯାଇଥିବାରୁ ସେମାନେ ଫେରି ଆସିଥିବା ଜଣାଯାଇଛି।

# ତାଲୁକ ଲିଗାଲ କମିଟି ପକ୍ଷରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ

**କୋଦଳା,୧୦/୧୦ (ନି.ପ୍ର):** କୋଦଳା ତାଲୁକ ଲିଗାଲ କମିଟି ପକ୍ଷରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ରେ ଜନସାଧାରଣ ଙ୍କୁ ସଚେତନ କରିବା ଉଦ୍ଦେଶ୍ୟ ନେଇ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ତାଲୁକ ଲିଗାଲ କମିଟି ଚେୟାରମେନ ତଥା ଅତିରିକ୍ତ ଜିଲ୍ଲା ଦୌରା ଜଜ ବିଶ୍ୱ ରଞ୍ଜନ ବେହେରାଙ୍କ ସଭାପତିତ୍ୱ ରେ ଆୟୋଜିତ କାର୍ଯ୍ୟକ୍ରମ ରେ ଯେଏମଏଫସି ଶୋଭନ କୁମାର ପଣ୍ଡା , ଅବସରପ୍ରାପ୍ତ ଭଦ୍ରକ ସିଡ଼ିଏମଓ ଡଃ ରମେଶ ଚନ୍ଦ୍ର ମହାନ୍ତି,କୋଦଳା ମେଡିକାଲ ସୁପରିଟେଣ୍ଡେଣ୍ଟ ଆଦିତ୍ୟ ପ୍ରସାଦ ସାହୁ,ବୟହ ଏପିପି ସୁବାଷ ଚନ୍ଦ୍ର ସାହୁ, ଏଏସଯେ ଏପିପି ନୀଳାଞ୍ଚଳ ପୋଲେଇ, ଯେଏମଏଫସି ଏପିପି ସୁବ୍ରମନ୍ୟୁ ଦାଶ, ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ କୁମାର ମିଶ୍ର ପ୍ରମୁଖ ମଞ୍ଚାସିନ ରହି ମାନସିକ ରୋଗ କଣ, ମାନସିକ



ରୋଗୀ ର ଲକ୍ଷଣ,କେଉଁ କାରଣ ଯୋଗୁ ମାନସିକ ରୋଗ ର ସୃଷ୍ଟି, ମାନସିକ ରୋଗର ପ୍ରକାର ଭେଦ, ଓ ଏହାର କିପରି ନିରାକରଣ କରାଯାଇ ପାରିବ ତାହାକୁ ନେଇ କିପରି ଜନ ସାଧାରଣ ଙ୍କୁ ସଚେତନ କରାଇବେ ସେହି ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମାନସିକ ରୋଗ ଏମିତି ଏକ ରୋଗ ଯେଉଁଥିରେ ଜୀବନ ବି ଚାଲିଯାଇଥାଏ, ଏହି ରୋଗ ହେଉଛି ଏକ ସ୍ୱାସ୍ଥ୍ୟ ଅବସ୍ଥା ଯାହାକି ଆମ୍ଭର ଚିନ୍ତାଧାରା, ଭାବନା, କିମ୍ବା ଆଚରଣ ରେ ପରିବର୍ତ୍ତନ ସହିତ ଜଡିତ ହୋଇଥାଏ ଯାହା ଦୈନନ୍ଦିନ କାର୍ଯ୍ୟ ସହିତ ମୁକାବିଲା କରିବାରେ ବାଧା ସୃଷ୍ଟିକରେ।

ଅନ୍ୟମାନଙ୍କ ମଧ୍ୟରେ କୋଦଳା ବାର ସମ୍ପାଦକ ଗୋପାଳ କୃଷ୍ଣ ସାହୁ, ବରିଷ୍ଠ ଆଇନ ଯିବି ଭଗବାନ ହୋତା ସମେତ ବହୁ ଆଇନ ଯିବି ଉପସ୍ଥିତ ଥିବାବେଳେ, ଏଏନଏମ, ଆଶା, ପି ହେଚ ଓ, ସି ହେଚ ଓ ମେଡିକାଲ କର୍ମକର୍ତ୍ତା, ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେଡିର ରାଜ୍ୟ ସମ୍ପାଦକ ହେଲେ ସନ୍ତୋଷ ପଟ୍ଟନାୟକ

**ପାରାଦୀପ, ୧୦।୧୦ (ନି.ପ୍ର):** ପାରାଦୀପ ଅଞ୍ଚଳର ବିଶିଷ୍ଟ ଶ୍ରମିକ ତଥା ରାଜନେତା ସନ୍ତୋଷ କୁମାର ପଟ୍ଟନାୟକଙ୍କୁ ପୁନର୍ବାର ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ଭାବେ ବିଜେଡି ସଭାପତି ନବୀନ ପଟ୍ଟନାୟକ ନିଯୁକ୍ତି ଦେଇଛନ୍ତି। ସନ୍ତୋଷ ଅନେକ ଜନହିତକର କାର୍ଯ୍ୟ



କରି ଚର୍ଚ୍ଚାରେ ଥିଲାବେଳେ ଜୀବନବିନ୍ଦୁ କାର୍ଯ୍ୟକ୍ରମ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ନବୀନ ପଟ୍ଟନାୟକ ଙ୍କ ଗୁଡ଼ ବୁକ ରେ ସ୍ଥାନ ପାଇ ଥିଲେ। ସନ୍ତୋଷ ଙ୍କ ଲୋକ ପ୍ରିୟତା ଓ ସାଙ୍ଗଠନିକ ଦକ୍ଷତାକୁ ବଜାଇ ରଖି ସନ୍ତୋଷ ରଚିଛନ୍ତି ନୂତନ ଇତିହାସ ସନ୍ତୋଷ ପୁନର୍ବାର ନିଯୁକ୍ତି ପାଇବା ପରେ ଶୁଭେଚ୍ଛୁ, ଆତ୍ମୀୟ ଓ ଦଳୀୟ କର୍ମୀ ମାନେ ଖୁସିରେ ମସଗୁଲ ଥିଲାବେଳେ ସନ୍ତୋଷ ନବୀନ ପଟ୍ଟନାୟକ ଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ଉତ୍ତୋରତ୍ତର କାମନା କରିଛନ୍ତି । ସେ କହିଛନ୍ତି ଯେ, ତାଙ୍କ ଉପରେ ଦଳର ସୁପ୍ରିମୋ ଆସ୍ଥା ପ୍ରକଟ କରି ଯେଉଁ ଦାୟିତ୍ୱ ଦେଇଛନ୍ତି ତାହା ସୁଚାରୁ ରୂପେ ପାଳନ କରିବେ ଏବଂ ଦଳକୁ ଆହୁରି କ୍ରିୟାଶୀଳ ଓ ଶକ୍ତିଶାଳୀ କରିବା ପାଇଁ କାର୍ଯ୍ୟ କରିବେ ବୋଲି ହସି ହସି କହିଛନ୍ତି । ଏହି ଖବର ପ୍ରଚାରିତ ହେବା ପରେ ବିଜେଡି ନେତା ଓ କର୍ମୀ ,ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତା ଓ ସମାଜସେବୀ ମାନେ ସନ୍ତୋଷ ଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

### ସମ୍ବଲପୁରରେ ସ୍ଥାପନା ହେବାକୁ ଥିବା ସିବିଜି ପ୍ଲାଣ୍ଟର ଅଗ୍ରଗତି ନେଇ କେନ୍ଦ୍ରମନ୍ତ୍ରୀଙ୍କ ଆଲୋଚନା

# ସମ୍ବଲପୁରରେ ବର୍ଜ୍ୟବସ୍ତୁ ପରିଚାଳନାକୁ ସୁଦୃଢ଼ ଲକ୍ଷ୍ୟ - ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର,୯।୧୦(ନି.ପ୍ର.): ସମ୍ବଲପୁରରେ ଅଏଲ ଇଣ୍ଡିଆ ସହଯୋଗରେ ନିର୍ମାଣ ହେବାକୁ ଥିବା କମ୍ପ୍ରେସଡ୍ ବାୟୋ-ଗ୍ୟାସ୍ (ସିବିଜି) ପ୍ଲାଣ୍ଟ୍ ପ୍ରକଳ୍ପର ଅଗ୍ରଗତି ନେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଟେଲିଫୋନ ଯୋଗେ ଅଏଲ ଇଣ୍ଡିଆ ଲିମିଟେଡର ସିଏମଡି, ସମ୍ବଲପୁର ଜିଲ୍ଲାପାଳ ଏବଂ ସମ୍ବଲପୁର ମହାନଗର ନିଗମର କମିଶନରଙ୍କ ସହ ନୂଆଦିଲ୍ଲୀରୁ ଟେଲିଫୋନ ଯୋଗେ ଆଲୋଚନା କରିଛନ୍ତି ।

ସମ୍ବଲପୁର ସହରର ବର୍ଜ୍ୟବସ୍ତୁ ପରିଚାଳନାକୁ ସୁଦୃଢ଼ କରିବା ଏବଂ ସ୍ୱଚ୍ଛ ଉର୍ଜା ଉତ୍ପାଦନ ଲକ୍ଷ୍ୟରେ



ସହଯୋଗରେ ଏହି ପ୍ଲାଣ୍ଟ ସ୍ଥାପନା ହେବ । ଏହି ପ୍ଲାଣ୍ଟ୍ ଦୈନିକ ୨୦୦ ଟନ୍ ଜୈବିକ ବର୍ଜ୍ୟବସ୍ତୁକୁ ପ୍ରକ୍ରିୟାକରଣ କରି ପ୍ରାୟ ୯ ଟନ୍ କମ୍ପ୍ରେସଡ୍ ବାୟୋ-ଗ୍ୟାସ୍ ଉତ୍ପାଦନ କରିବ । ଏହା ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବର୍ଜ୍ୟବସ୍ତୁରୁ ସମ୍ପଦ' ଆହ୍ୱାନର ଏକ ସଫଳ ରୂପାୟନ । ଏହି ପଦକ୍ଷେପ କେବଳ ପରିବେଶକୁ ସ୍ୱଚ୍ଛ ରଖିବ ନାହିଁ ବରଂ ଓଡ଼ିଶା ସମେତ ଦେଶର ଉର୍ଜା ଆବଶ୍ୟକତାକୁ ପୂରଣ କରିବ ଏବଂ ସ୍ଥାନୀୟ ଅର୍ଥନୀତିକୁ ମଜଭୂତ କରିବା ସହ ନୂଆ ରୋଜଗାର ସୃଷ୍ଟି ହେବ । ପ୍ରକଳ୍ପ କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା ଉପରେ ଆଲୋଚନାରେ ଗୁରୁତ୍ୱ ଦିଆଯାଇଛି ।

# ୨୦୨୯ ସୁଦ୍ଧା ବାର୍ଷିକ ୫୦୦ କୋଟି ଅଣ୍ଡା ଉତ୍ପାଦନ ଲକ୍ଷ୍ୟ

ଭୁବନେଶ୍ୱର: ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଲୋକସେବା ଭବନ କନଭେନସନ ସେଣ୍ଟରଠାରେ ଆୟୋଜିତ ହୋଇଛି ରାଜ୍ୟସ୍ତରୀୟ "ବିଶ୍ୱ ଅଣ୍ଡା ଦିବସ" ପାଳନ କାର୍ଯ୍ୟକ୍ରମ । ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି, ଅଣ୍ଡା ହେଉଛି ଶ୍ରେଷ୍ଠ ପ୍ରାକୃତିକ ପୋଷଣ ତଥା ଉତ୍ତମ ସ୍ୱାସ୍ଥ୍ୟର ଶକ୍ତିଶାଳୀ ଆଧାର । ଦୈନିକ ଆହାରରେ ଏହାକୁ ଅନ୍ତର୍ଭୁକ୍ତ କରିବା ପାଇଁ ଆମକୁ ସଚେତନତା ସୃଷ୍ଟି କରିବା ପାଇଁ ପଡିବ । ସବୁଠାରୁ କମ ମୂଲ୍ୟରେ ମିଳୁଥିବା ଏହି ପ୍ରାଣୀଜ ଖାଦ୍ୟ ହେଉଛି ଶିଶୁଙ୍କ ଉତ୍ତମ ସ୍ୱାସ୍ଥ୍ୟର ଆଧାର ଓ ଗ୍ରାମୀଣ ଅର୍ଥନୀତିର ଉତ୍ସ ।

ଏବେ ଦୈନିକ ପ୍ରାୟ ୧ କୋଟି ୧୭ ଲକ୍ଷ ଏବଂ ବାର୍ଷିକ ୩୭୨ କୋଟି ଅଣ୍ଡା ଉତ୍ପାଦନ ହେଉଛି । ୨୦୨୯ ସୁଦ୍ଧା ବାର୍ଷିକ ୫୦୦ କୋଟି ଅଣ୍ଡା ଉତ୍ପାଦନ ଲକ୍ଷ୍ୟ ରହିଛି । ଆମ ରାଜ୍ୟରେ ବାର୍ଷିକ ଅଣ୍ଡାର ମୁଣ୍ଡପିଛା ଉପଲବ୍ଧତା ୮୦ଟି ଥିବା ବେଳେ ସୁସ୍ଥ ଶରୀର ପାଇଁ ବାର୍ଷିକ ୧୮୨ଟି ଅଣ୍ଡାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ । ତେଣୁ ଅଣ୍ଡା ଉତ୍ପାଦନରେ ଆତ୍ମନିର୍ଭର ହେବା ପାଇଁ ପ୍ରତ୍ୟେକ ବ୍ଲକ୍ ଓ ଜିଲ୍ଲାରେ ଯୁବ ଉଦ୍ୟୋଗୀମାନେ ଆଗେଇ ଆସିବାକୁ ମନ୍ତ୍ରୀ ଆହ୍ୱାନ କରିଥିଲେ । ଡବଲ ଇଞ୍ଜିନ ସରକାରଙ୍କ ଲୋକାଭିମୁଖୀ ଯୋଜନା ଆଧାରରେ ଲେୟର ଫାର୍ମ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ୧ କୋଟି ଟଙ୍କା ପର୍ଯ୍ୟନ୍ତ ସହାୟତା ପ୍ରଦାନ କରାଯାଉଛି । ୧,୦୦୦ ରୁ ୪,୦୦୦ ଲେୟର୍ ବାର୍ଡ଼ର ଫାର୍ମ ପ୍ରତିଷ୍ଠା ପାଇଁ ୧୯ ଲକ୍ଷ ୭୪ ହଜାର ଟଙ୍କା ପର୍ଯ୍ୟନ୍ତ ସହାୟତା ମିଳୁଛି । ଘର ଅଗଣାରେ କୁକୁଡ଼ା ପାଳନ ପାଇଁ ୪୦ ହଜାର ହିତାକାରୀଙ୍କୁ ଶତ ପ୍ରତିଶତ ସହାୟତା ସହିତ ବତକ ପାଳନ ପାଇଁ ସର୍ବାଧିକ ୨ଲକ୍ଷ ୬୪ ହଜାର ଟଙ୍କାର ସହାୟତା ପାଇଁ ବ୍ୟବସ୍ଥା ରହିଛି ।

# ୩ ଜଣଙ୍କୁ ବନ୍ୟପ୍ରାଣୀ ସଂରକ୍ଷଣ ସମ୍ମାନ



ବ୍ରହ୍ମପୁର,୯।୧୦(ଅଭିଜିତ କର, ବ୍ରହ୍ମପୁର ପ୍ରତିନିଧି): ସ୍ଥାନୀୟ ବ୍ରହ୍ମପୁର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକଙ୍କ କାର୍ଯ୍ୟାଳୟରେ ଗୁରୁବାର ଜିଲ୍ଲା ସ୍ତରୀୟ ୭୧ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସନି ଖୋଖର ଯୋଗ ଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବେ ଡିସିଏଫ୍ ଆଦିତ୍ୟ ନାରାୟଣ ସେଠୀ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀଙ୍କ ପ୍ରତିନିଧି କେଦାରନାଥ ମହାନ୍ତି ପ୍ରମୁଖ ଯୋଗଦାନ କରିଥିଲେ । ବ୍ରହ୍ମପୁର ବନଖଣ୍ଡ ଏସିଏଫ ସସ୍ମିତା ବିଶ୍ୱାଳ କାର୍ଯ୍ୟକ୍ରମକୁ ସଭାପତିତ୍ୱ କରିଥିବା ବେଳେ, ଏହି ଅବସରରେ ବନ୍ୟପ୍ରାଣୀଙ୍କ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବ୍ରହ୍ମପୁରରୁ ଉପଖଣ୍ଡର ସ୍ନେକ ହେଲ୍ପ ଲାଇନ ସଂଯୋଜକ ସ୍ୱାଧିନ କୁମାର ସାହୁ, ଛତ୍ରପୁରରୁ ଗବେଷକ ଡ. ଆଶିଷ ଦାସ ଓ ଭଞ୍ଜନଗରରୁ ଅବସରପ୍ରାପ୍ତ ବନ ଅଧିକାରୀ ଅନୁପମ ବାନାର୍ଜୀଙ୍କୁ ଉପଖଣ୍ଡ ସ୍ତରୀୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ସମ୍ମାନ ପ୍ରଦାନ କରାଯାଇଛି । ସେହିପରି ବନ୍ୟପ୍ରାଣୀ ସପ୍ତାହ ଅବସରରେ ସ୍କୁଲ ବିଦ୍ୟାର୍ଥୀଙ୍କୁ ନେଇ ଚିତ୍ରାଙ୍କନ, ବକ୍ତୃତା ପ୍ରତିଯୋଗିତା ହୋଇଥିବା ବେଳେ, କୃତି ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଦିଗପହଣ୍ଡି ଗୋଷ୍ଠୀ ଶିକ୍ଷାଧିକାରୀ ଶଙ୍କର ନାରାୟଣ ବେଜ ମଞ୍ଚ ପରିଚାଳନା କରିଥିବା ବେଳେ, ଏସିଏଫ ମାଣିକେଶ୍ୱରୀ ହଂସଦା, ଏସିଏଫ ଦିବ୍ୟ ବେହେରା, ଏସିଏଫ ମନୋଜ ପାତ୍ର, ଦିଗପହଣ୍ଡି ବନାଞ୍ଚଳ ଅଧିକାରୀ ଦିବ୍ୟ ରଞ୍ଜନ ସାହୁ, ବନପାଳ ସୋମନାଥ ମଲ୍ଲିକ, ଦିଗାମ୍ବର ହୋତା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

### ବେଆଇନ୍ ପରିଚାଳିତ ଦୋକାନ ଉପରେ ଚଢ଼ଉ

## ଲକ୍ଷାଧିକ ଟଙ୍କାର ଔଷଧ ଜବତ

ଭୁବନେଶ୍ୱର୧୦।୧୦-(ନି.ପ୍ର.): ରାଜଧାନୀ ଭୁବନେଶ୍ୱରରେ ବେଆଇନ ଭାବେ ପରିଚାଳିତ ଏକ ମେଡିସିନ ଦୋକାନରେ ଆଜି ଚଢ଼ଉ କରାଯାଇଛି । କଳିଙ୍ଗନଗର କେ-୩ ପାଇକରାପୁରରେ ଥିବା ଗେଟ୍ଆଲାଇଭ ହେଲଥକେୟର ଉପରେ ଏହି ଚଢ଼ଉ ହୋଇଛି । ଗେଟ୍ଆଲାଇଭ ହେଲଥକେୟର ନାମରେ ଅଭିଯୋଗ ହେଲା ପରେ ଡ୍ରଗ କଣ୍ଟ୍ରୋଲ ପକ୍ଷରୁ ଏହି ଚଢ଼ଉ କରାଯାଇଛି । ଏହି ଚଢ଼ଉ ସମୟରେ ଲକ୍ଷାଧିକ ଟଙ୍କାର ମେଡିସିନ ଜବତ କରାଯାଇଛି । ଗେଟ୍ଆଲାଇଭ ହେଲଥକେୟର ନାମରେ ଲାଇସେନ୍ସ ଥିବାବେଳେ ମେଡିସିନ୍ ଷ୍ଟୋରର ଲାଇସେନ୍ସ ନଥିବା ଜଣାପଡିଛି । ୧୦ରୁ ଅଧିକ ଜବତ ମେଡିସିନକୁ ଟେଷ୍ଟ ପାଇଁ ଲାବ୍‌କୁ ପଠାଯାଇଛି ।

# ସବୁଜ ଉଦଜାନ କେନ୍ଦ୍ର ଭାବେ ପାରାଦୀପ ବନ୍ଦରକୁ ମାନ୍ୟତା

ପାରାଦୀପ,୧୦।୧୦-(ନି.ପ୍ର.): ଭାରତ ସରକାରଙ୍କ ଜାତୀୟ ସବୁଜ ଉଦଜାନ ଅଭିଯାନ ଅନ୍ତର୍ଗତ ପାରାଦୀପ ବନ୍ଦର ପ୍ରାଧିକରଣ କୁ ଆନୁଷ୍ଠାନିକ ଭାବେ ଏକ ସବୁଜ ଉଦଜାନ କେନ୍ଦ୍ର ବା ହବ ର ମାନ୍ୟତା ମିଳିଛି ଏବଂ ଏହା ଭାରତର ସ୍ୱଚ୍ଛ ଶକ୍ତି ଓ ଅଙ୍ଗାରକଣା (କାର୍ବନ) ହୀନ ପ୍ରୟାସର ଅଗ୍ରଭାଗରେ ସ୍ଥାନିତ କରାଯାଇଛି କ୍ଷ ନୂତନ ଏବଂ ନବୀକରଣୀୟ ଶକ୍ତି ମନ୍ତ୍ରଣାଳୟ ନିର୍ଦ୍ଦେଶାବଳୀ ଆଧାରରେ ପାରାଦୀପ ବନ୍ଦରକୁ ଏହି ସ୍ୱୀକୃତି ମିଳିଛି, ଯାହା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାରୁ ପ୍ରୋତ୍ସାହନ,ଲାଭାନ୍ୱିତ ଓ ପ୍ରକଳ୍ପ ଗୁଡିକୁ ସକ୍ଷମ କରିବ । ସବୁଜ ଉଦଜାନ ହବ ହାଇଡ୍ରୋଜେନ ଉତ୍ପାଦନ, ସଂରକ୍ଷଣ, ପରିବହନ ଏବଂ ବ୍ୟବହାରର ଶେଷ ପ୍ରୟୋଗ ପାଇଁ ସମନ୍ୱିତ କେନ୍ଦ୍ର ଭାବେ କାର୍ଯ୍ୟ କରିବ । ପାରାଦୀପ ବନ୍ଦର ସ୍ଥାନର ପ୍ରସ୍ତୁତିଓ ବିଦ୍ୟମାନ ଭିତ୍ତିଭୂମି ବୃହତ ପରିମାଣର ଉଦଜାନ ଉତ୍ପାଦନ ଓ ରପ୍ତାନିକୁ ପ୍ରୋତ୍ସାହିତ କରିବ । ଏହି ପଦକ୍ଷେପ ଭାରତକୁ ସବୁଜ ଉଦଜାନ ଉତ୍ପାଦନ, ବ୍ୟବହାର ଓ ରପ୍ତାନି ପାଇଁ ପାରାଦୀପ ବନ୍ଦରକୁ ବିଶ୍ୱର ଏକ ନମ୍ବର ହବ କରିବାକୁ ଜାତୀୟ ସବୁଜ ଉଦଜାନ ମିଶନ ଲକ୍ଷ୍ୟ ରଖିଛି । ଏଥିଯୋଗୁଁ ପାରାଦୀପ ବନ୍ଦର



ର ସ୍ଥାୟୀ ଅଭିବୃଦ୍ଧି, ସ୍ୱଚ୍ଛ ଶକ୍ତି ଗ୍ରହଣ ଓ ଭାରତର ଆର୍ଥିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

ଏହି ମାନ୍ୟତା ପାଇବା ପରେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ କହିଛନ୍ତି ଯେ 'ଏକ ସବୁଜ ହାଇଡ୍ରୋଜେନ ହବ ର ମାନ୍ୟତା ପାଇବା ପରେ ଆମେ ଗର୍ବିତ କ୍ଷ ଦେଶର ସ୍ୱଚ୍ଛ ଶକ୍ତି ପରିବର୍ତ୍ତନକୁ ସମର୍ଥନ କରିବା ଏବଂ ଭାରତର ଅଣଅଙ୍ଗାରକାମ୍ଳ ଯାତ୍ରାରେ ସାମିଲ ପାଇଁ ପାରାଦୀପ ବନ୍ଦର ଏହାର ଭିତ୍ତିଭୂମି ଓ ରଣନୈତିକ ସ୍ଥାନକୁ ବ୍ୟବହାର କରିବ ।

# ଉପର ପଡ଼ିଆରେ ବାଲିଯାତ୍ରା ନେଇ ପ୍ରସ୍ତୁତି

କଟକ : ଆସନ୍ତା ନଭେମ୍ବର ୫ ତାରିଖ ଠାରୁ ୧୨ ତାରିଖ ପର୍ଯ୍ୟନ୍ତ ହେବାକୁ ଯାଉଛି ଐତିହାସିକ ବାଲିଯାତ୍ରା । ଉପର ପଡିଆରେ ମଧ୍ୟ ଆୟୋଜିତ ହେବ ଐତିହାସିକ ବାଲିଯାତ୍ରା । ଉପର ପଡ଼ିଆରେ ବାଲିଯାତ୍ରା ଆୟୋଜନ ନେଇ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ଆରମ୍ଭ ହୋଇଛି । ହାଇକୋର୍ଟଙ୍କ ରାୟ ପରେ ସ୍ପଷ୍ଟ କରିଛନ୍ତି କଟକ ଅତିରିକ୍ତ ଜିଲ୍ଲାପାଳ । ଉପର ପଡ଼ିଆରେ ଐତିହ୍ୟ ସଂପର୍କିତ ଷ୍ଟଲ୍ ଖୋଲାଯିବ । ଉପର ପଡ଼ିଆରେ ଷ୍ଟଲ୍ ସହ ପାର୍କିଂ ବ୍ୟବସ୍ଥା ମଧ୍ୟ ରହିବ । ଏନେଇ ପ୍ରକ୍ରିୟା ଆରମ୍ଭ ହୋଇଛି, ଦୋକାନୀଙ୍କୁ ଅବଗତ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି । ସୂଚନା ଅନୁଯାୟୀ ତଳ ପଡିଆ ସହ ଉପରପଡିଆରେ ମଧ ବାଲିଯାତ୍ରା ହେବ । ଉଭୟ ପଡିଆରେ ଗାଇଡ଼ଲାଇନ ଭିତ୍ତିରେ ହେବ ବାଲିଯାତ୍ରା । ଓଡିଶା ହାଇକୋର୍ଟ ଏନେଇ ଦେଲେ ଅନୁମତି ।ହାଇକୋର୍ଟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଦିଆଯାଇଛି ସତ୍ୟପାଠ । ଲୋକଙ୍କ ଭାବାବେଗ ଓ ପରମ୍ପରାକୁ ଦେଖି ଗ୍ରହଣ କଲେ ହାଇକୋର୍ଟ । ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ବାଲିଯାତ୍ରାରେ ଲକ୍ଷାଧିକ ଜନ ସମାଗମ ହେବାର ଆଶା କରାଯାଇଛି । ଏ ବର୍ଷ ପ୍ରାୟ ୭୦ ଲକ୍ଷ ଲୋକଙ୍କ ସମାଗମ ଆକଳନ କରାଯାଉଛି । ବାଲିଯାତ୍ରା ପ୍ରତି ନିଆରା ଆକର୍ଷଣ ଯୋଗୁଁ ପ୍ରତିଦିନ ସଂଧାରେ ପ୍ରାୟ ୭-୮ ଲକ୍ଷ ଜନସମାଗମର ସମ୍ଭାବନା ରହିଛି । ଏ

# ନୂଆ ବିଜ୍ଞପ୍ତିରେ ଚାଲାଣ ଜରିମାନାରେ ୫୦ପ୍ରତିଶତ ହେଲା କୋହଳ

ଭୁବନେଶ୍ୱର: ଗାଡ଼ିଚାଳକଙ୍କ ପାଇଁ ଆସିଲା ନିୟମାବଳୀ । ଏଣିକି ଗାଡ଼ି ଚାଲାଣ ଜରିମାନାରେ ୫୦ପ୍ରତିଶତ କୋହଳ କରାଯାଇଛି । ଏନେଇ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି । ପୂର୍ବରୁ କ୍ୟାବିନେଟ୍ ବୈଠକରେ ନିଷ୍ପତି ହୋଇଥିଲା । ଜୁଲାଇ ୩୧, ୨୦୨୫ ସୁଦ୍ଧା ଫାଇନ୍ କଟିଥିଲେ ରିହାତି ମିଳିବ ବୋଲି ବିଜ୍ଞପ୍ତି ଜାରି କରାଯାଇଛି ।

ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଦ୍ୱାରା ଜାରି ହୋଇଥିବା ବିଜ୍ଞପ୍ତିରେ କୁହାଯାଇଛି ଯେ, ଆବଶ୍ୟକତା ଠାରୁ ଅଧିକ ଏବଂ ବିନା ବେ ?ଧ ଲାଇସେନ୍ସରେ ଲା ?ଇସେନ୍ସ କଟିଥିଲେ ୫,୦୦୦ ଟଙ୍କା ବଦଳରେ ୨,୫୦୦ ଟଙ୍କା ପେ ?ଠ କରିବେ । ସେହିପରି ବୈଧ ଲାଇସେନ୍ସ ବିନା ଗାଡି ଚଲାଇ ୫,୦୦୦ ଟଙ୍କାର ଚାଲାଣ କଟିଥିଲେ ୨,୫୦୦ ଟଙ୍କା ଦେବାକୁ ପଡିବ । କେ ?ଣସି ପରିସ୍ଥିତିରେ



ଚାଲାଣ କଟିଥିବା ଲୋକଙ୍କୁ ଜରିମାନାର ୫୦ ପ୍ରତିଶତ ପୈଠ କରିବାକୁ ହେବ । ଚଳିତ ବର୍ଷ ଜୁଲାଇ ୩୧ ତାରିଖ ପୂର୍ବରୁ ଯଦି କେ ?ଣସି ବ୍ୟକ୍ତିଙ୍କର ଚାଲାଣ କଟିଛି, ଏଥି ପାଇଁ ମୋଟ୍ ପରିମାଣର ୫୦ ପ୍ରତିଶତ ଜରିମାନା ଦେବାକୁ ପଡିବ । ଡ୍ରାଇଭର ଅଥବା ପାସେଞ୍ଜର ବିନା ସିଟ୍ ?

ବେଲ୍ଟରେ ଯାତ୍ରା ସମୟରେ ଚାଲାଣ କଟିଥିଲେ ୧,୦୦୦ ଟଙ୍କା ବଦଳରେ ୫୦୦ ଟଙ୍କା, ବାଇକ୍ ?ରେ ଆବଶ୍ୟକତା ଠାରୁ ଅଧିକ ଯାଉଥିବା ଅଭିଯୋଗରେ କଟିଥିବା ଚାଲାଣର ୧,୦୦୦ ଟଙ୍କା ବଦଳରେ ୫୦୦ ଟଙ୍କା ଦେବାକୁ କୁହାଯାଇଛି । ସେହିପରି ବିନା ହେଲ୍‌ମେଟ୍ ପିନ୍ଧି ଗାଡି ଚଲାଉଥିବା ନେଇ ୧,୦୦୦ ଟଙ୍କା ଚାଲାଣ କଟିଥିଲେ ୫୦୦ ଟଙ୍କା ଦେବାକୁ ପଡିବ ବୋଲି କୁହାଯାଇଛି । ପରିବହନ ବିଭାଗର ବିଜ୍ଞପ୍ତିରେ କୁହାଯାଇଛି ଯେ, ଜରୁରୀକାଳୀନ କାମରେ ଥିବା ଗାଡିକୁ ଯିବାକୁ ଦିଆ ନଯିବା କାରଣରୁ ୧୦,୦୦୦ ଟଙ୍କା ଜରିମାନା ହୋଇଥିଲେ, ୫୦୦୦ ଟଙ୍କା ପେ ?ଠ କରିବାକୁ ପଡିବ । ସେହିପରି ବିନା ବୀମାରେ ପରିବହନ ବିଭାଗ ହାତରେ ଧରାପଡିବା କାରଣରୁ ୨୦୦୦ ଟଙ୍କା ଜରିମାନା ଲାଗିଥିଲେ ୧୦୦୦ ଟଙ୍କା ଦେବାକୁ ହେବ ।

# ସ୍ୱଚ୍ଛତା ହିଁ ସେବା ଅଭିଯାନକୁ ସଫଳତାର ସହିତ ସଂପୂର୍ଣ୍ଣ କଲା ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ

ନୂଆଦିଲ୍ଲୀ,୧୦।୧୦(ପିଆଇବି): ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ସେପ୍ଟେମ୍ବର ୧୭ ରୁ ଅକ୍ଟୋବର ୨, ୨୦୨୫ ପର୍ଯ୍ୟନ୍ତ ସ୍ୱଚ୍ଛତା ହିଁ ସେବା (ଏସଏଚ୍‌ଏସ) ୨୦୨୫ ଅଭିଯାନକୁ ସଫଳତାର ସହିତ ସମାପ୍ତ କରିଛି । ମନ୍ତ୍ରଣାଳୟ ବିଭିନ୍ନ ବିଷୟବସ୍ତୁ ଅଧୀନରେ ୨,୭୬୬ଟି କାର୍ଯ୍ୟକ୍ରମ ଆୟୋଜନ କରିଥିଲା, ଯେଉଁଥିରେ ସ୍ୱଚ୍ଛତା ଟାର୍ଗେଟ ୟୁନିଟ୍ (ସିଟିୟୁ) ସଫା କରିବା, ସ୍ୱଚ୍ଛତା ଅଭିଯାନ, ଦ୍ୱାର-ଦ୍ୱାର କାର୍ଯ୍ୟକଳାପ, ସଚେତନତା ଅଭିଯାନ, ଚିତ୍ରକଳା ପ୍ରତିଯୋଗିତା, ସ୍ୱଚ୍ଛତା ରାଲି ଏବଂ କବିତା ପାଠ, ପଥପ୍ରାନ୍ତ ନାଟକ ଏବଂ ସ୍ଲୋଗାନ ଲେଖା ଭଳି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ ଥିଲା, ଯେଉଁଥିରେ ୫୯,୧୨୨ ଜଣ ଅଂଶଗ୍ରହଣ କରିଥିଲେ ।

ସ୍ୱଚ୍ଛତା ହିଁ ସେବା ୨୦୨୫ ଅଭିଯାନ ଅଧୀନରେ ସଫା କରାଯାଇଥିବା ସ୍ଥାନଗୁଡ଼ିକର ମୋଟ ସଂଖ୍ୟା ୧,୫୪୮ ଥିଲା, ରୂପାନ୍ତରଣ କରାଯାଇଥିବା ସିଟିୟୁ ଗୁଡ଼ିକର ମୋଟ ସଂଖ୍ୟା ୮୨୪ ଥିଲା, ଏବଂ ସ୍ୱଚ୍ଛତାର ଗୁରୁତ୍ୱକୁ ପ୍ରୋତ୍ସାହିତ କରିବା ପାଇଁ କ୍ଲିନ୍ ଗ୍ରୀନ୍ ଉତ୍ସବ ଏବଂ ସଫାଇ ମିତ୍ର ସୁରକ୍ଷା ଶିବିର ଅଧୀନରେ ଆୟୋଜିତ କାର୍ଯ୍ୟକ୍ରମଗୁଡ଼ିକର ମୋଟ ସଂଖ୍ୟା ଯଥାକ୍ରମେ ୧୯୮, ୪୯ ଏବଂ ୧୦୭ ଥିଲା ।

ମନ୍ତ୍ରଣାଳୟ ୨୫ ସେପ୍ଟେମ୍ବରରେ 'ଏକ ଦିନ ଏକ ଘଣ୍ଟା ଏକ ସାଥ' ଏବଂ ୨ ଅକ୍ଟୋବରରେ 'ସ୍ୱଚ୍ଛ ଭାରତ ଦିବସ' ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ




କରିଥିଲା, ଯେଉଁଠାରେ ଅଧିକାରୀ ଏବଂ କର୍ମଚାରୀମାନେ ସ୍ୱଚ୍ଛତା ଉପରେ ସଚେତନତା ପ୍ରସାର କରିବା ପାଇଁ ରାସ୍ତା ସଫା କରିବା ପାଇଁ ଝାଡୁ ଧରି ଆଗକୁ ଆସିଥିଲେ ।

ସୂଚନା ଏବଂ ପ୍ରସାରଣ ସଚିବ ଶ୍ରୀ ସଞ୍ଜୟ ଜାଜୁ ସମସ୍ତ ଗଣମାଧ୍ୟମ ୟୁନିଟର ମୁଖ୍ୟ ଏବଂ ସେମାନଙ୍କର ନୋଡାଲ ଅଧିକାରୀଙ୍କ ସହିତ ପ୍ରସ୍ତୁତି ଏବଂ କାର୍ଯ୍ୟାନ୍ୱୟନ ପର୍ଯ୍ୟାୟର ଅଗ୍ରଗତି ସମୀକ୍ଷା କରିଥିଲେ ଏବଂ ଅଭିଯାନ କାର୍ଯ୍ୟକ୍ରମଗୁଡ଼ିକର ସଠିକ୍ କାର୍ଯ୍ୟାନ୍ୱୟନ ପାଇଁ ନିର୍ଦ୍ଦେଶ ଜାରି କରିଥିଲେ । ଏମଆଇବିର ସଚିବ ଶ୍ରୀଯୁକ୍ତ ସଞ୍ଜୟ ଜାଜୁ ଦିଲ୍ଲୀର ଶାସ୍ତ୍ରୀ ଭବନରେ 'ଗୋଟିଏ ଦିନ, ଗୋଟିଏ ଘଣ୍ଟା, ଏକାଠି' ଅନ୍ତର୍ଗତ ଶ୍ରମଦାନର ନେତୃତ୍ୱ ନେଇଥିଲେ ।

ସୂଚନା ଏବଂ ପ୍ରସାରଣ ସଚିବ ଶ୍ରୀ ସଂଜୟ ଜାଜୁ, ନୂଆଦିଲ୍ଲୀର ଶାସ୍ତ୍ରୀ ଭବନରେ ମୁଖ୍ୟ ସଚିବାଳୟରେ 'ଗୋଟିଏ ଦିନ, ଗୋଟିଏ ଘଣ୍ଟା, ଏକାଠି' ପଦକ୍ଷେପ ଅଧୀନରେ ଏକ ଶ୍ରମଦାନ କାର୍ଯ୍ୟକଳାପର ନେତୃତ୍ୱ ନେଇଥିଲେ ଏବଂ ସ୍ୱଚ୍ଛତା ହିଁ ସେବା ଅଭିଯାନରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାକୁ ମନ୍ତ୍ରଣାଳୟର ଗଣମାଧ୍ୟମ ୟୁନିଟର ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ଉତ୍ସାହିତ କରିଥିଲେ । ବିଭିନ୍ନ ଗଣମାଧ୍ୟମ ୟୁନିଟ୍ ଏବଂ ସମ୍ପୃକ୍ତ ସଂଗଠନଗୁଡ଼ିକ ମଧ୍ୟ ଦେଶବ୍ୟାପୀ ସ୍ୱଚ୍ଛତା ଏବଂ ସଚେତନତା କାର୍ଯ୍ୟକଳାପର ଏକ ଶୃଙ୍ଖଳା ଆୟୋଜନ କରିଥିଲେ । ଆଇଆଇଏମସି ଅମରାବତୀ ଏକ ସ୍ୱଚ୍ଛତା ରାଲି ଆୟୋଜନ କରିଥିଲା, ଯେତେବେଳେ ଡିପିଡି ଅଧିକାରୀମାନେ ନୂଆଦିଲ୍ଲୀରେ ଏକ ସ୍ୱଚ୍ଛତା ଅଭିଯାନ କରିଥିଲେ । ଦୂରଦର୍ଶନ କେନ୍ଦ୍ର ମୁମ୍ବାଇ ଦାଦରରେ ଏକ ପ୍ରମୁଖ ବେଳାଭୂମି ସଫେଇ ଅଭିଯାନ ଆୟୋଜନ କରିଥିଲା, ଏବଂ ଅଲ୍ ଇଣ୍ଡିଆ ରେଡିଓ ଆମେଥି, ଅଲ୍ ଇଣ୍ଡିଆ ରେଡିଓ ଇମ୍ଫାଲ, ଏନଏଫଡିସି ମୁମ୍ବାଇ ଏବଂ ଅନ୍ୟାନ୍ୟ ଗଣମାଧ୍ୟମ ୟୁନିଟ୍ ଦ୍ୱାରା ସମାନ ପଦକ୍ଷେପ ନିଆଯାଇଥିଲା । ଓ ଆଇଆଇଏମସି କୋଟ୍ଟାୟମ ଏହାର କ୍ୟାମ୍ପସର ପ୍ରବେଶ ଦ୍ୱାରରେ ଜୈବିକ ଫୁଲର ଏକ ଚମତ୍କାର ରଙ୍ଗୋଲି ସୃଷ୍ଟି କରି ସ୍ୱଚ୍ଛତା ହିଁ ସେବା ପାଳନ କରିଥିଲା, ଯାହା ସ୍ୱଚ୍ଛତା, ସଂସ୍କୃତି ଏବଂ ସ୍ଥାୟୀତ୍ୱ ପ୍ରତି ଏକ ଶ୍ରଦ୍ଧାଞ୍ଜଳି ଥିଲା ।

ସ୍ୱଚ୍ଛତା ହିଁ ସେବା - ଜୈବିକ ଫୁଲର ଏକ ଚମତ୍କାର ରଙ୍ଗୋଲି ଉତ୍ସବ ଆଇଆଇଏମସି କୋଟ୍ଟାୟମ କ୍ୟାମ୍ପସର ପ୍ରବେଶ ପଥରେ ପାଳନ କରାଯାଇଥିଲା, ଯାହା ସ୍ୱଚ୍ଛତା, ସଂସ୍କୃତି ଏବଂ ସ୍ଥାୟୀତ୍ୱ ପ୍ରତି ଏକ ଶ୍ରଦ୍ଧାଞ୍ଜଳି ଥିଲା । ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ମଧ୍ୟରେ ସିବିଏଫସି ଦିଲ୍ଲୀ ଦ୍ୱାରା ଏକ ସ୍ୱଚ୍ଛତା ଅଭିଯାନ, ଭାରତୀୟ ପ୍ରେସ୍ ପରିଷଦ ଦ୍ୱାରା ଏକ ସ୍ୱଚ୍ଛତା ରାଲି, ଆଇଆଇଏମସି ଦିଲ୍ଲୀ ଦ୍ୱାରା ଏକ ଘରକୁ ଘର ସଚେତନତା ଅଭିଯାନ, ଦୂରଦର୍ଶନ କେନ୍ଦ୍ର ପାଟନା ଦ୍ୱାରା ଏକ ପଥପ୍ରାନ୍ତ ନାଟକ, ଅଲ୍ ଇଣ୍ଡିଆ ରେଡିଓ ଅହମ୍ମଦାବାଦ ଦ୍ୱାରା ଏକ ସ୍ୱଚ୍ଛତା ଉତ୍ସବ ଏବଂ ଦୂରଦର୍ଶନ କେନ୍ଦ୍ର ଦିଲ୍ଲୀ ଦ୍ୱାରା ଆୟୋଜିତ ଏକ ସ୍ୱାସ୍ଥ୍ୟ ଶିବିର ଅନ୍ତର୍ଭୁକ୍ତ ଥିଲା । ମନ୍ତ୍ରଣାଳୟ ମଧ୍ୟ ପ୍ରିଣ୍ଟ, ଡିଜିଟାଲ୍ ଏବଂ ସୋସିଆଲ ମିଡିଆ ପ୍ଲାଟଫର୍ମ ମାଧ୍ୟମରେ ଏହି କାର୍ଯ୍ୟକଳାପଗୁଡ଼ିକର ବ୍ୟାପକ ପ୍ରଚାର ସୁନିଶ୍ଚିତ କରିଥିଲା, ଯାହା ଦ୍ୱାରା ଜନସଚେତନତା ଏବଂ ଅଭିଯାନରେ ଅଂଶଗ୍ରହଣ ବୃଦ୍ଧି କରିଥିଲା ।

### ଟାଇମ୍ସ ବିଶ୍ୱ ବିଶ୍ୱବିଦ୍ୟାଳୟ ର୍‍ୟାଙ୍କିଙ୍ଗ ୨୦୨୬

# ବିଶ୍ୱରେ ୫୦୧ କୋହର୍ଟରେ କିଟ୍

## ଭାରତର ୫ମ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ୧୦।୧୦: ପ୍ରତିବର୍ଷ ପରି ଚଳିତବର୍ଷ ମଧ ଟାଇମ୍ସ ହାଇଅର ଏଜୁକେସନ୍ ବିଶ୍ୱ ବିଶ୍ୱବିଦ୍ୟାଳୟ ର୍‍ୟାଙ୍କିଙ୍ଗ ପ୍ରକାଶ ପାଇଛି । ଚଳିତବର୍ଷ କିଟ୍ ବିଶ୍ୱବିଦ୍ୟାଳୟ ଏହି ର୍‍ୟାଙ୍କିଂରେ ବିଶ୍ୱ ତଥା ସର୍ବଭାରତୀୟସ୍ତରରେ ତାର ସ୍ଥାନରେ ଉନ୍ନତି ଆଣିଛି । ଗୁରୁବାର ଟାଇମ୍ସ ହାଇଅର ଏଜୁକେସନ୍ ବିଶ୍ୱ ବିଶ୍ୱବିଦ୍ୟାଳୟ ର୍‍ୟାଙ୍କିଙ୍ଗ- ୨୦୨୬ ପ୍ରକାଶିତ ହୋଇଥିବା ବେଳେ ଏଥିରେ କିଟ୍ ଅତ୍ୟଧିକ ଭଲ ପ୍ରଦର୍ଶନ କରିଛି । ବିଶ୍ୱର ୨୧୯୧ ବିଶ୍ୱବିଦ୍ୟାଳୟ ମଧ୍ୟରେ କିଟ୍ ୫୦୧ କୋହର୍ଟ ମଧ୍ୟ ରହିଛି । ସେହିପରି କିଟ୍ ବିଶ୍ୱବିଦ୍ୟାଳୟ ଦେଶର ୧୨୮ଟି ଅନୁଷ୍ଠାନ ମଧ୍ୟରେ ଶ୍ରେଷ୍ଠ ୫ମ ବିଶ୍ୱବିଦ୍ୟାଳୟ ହୋଇଥିବା ବେଳେ ଓଡ଼ିଶାରେ ପ୍ରଥମ ସ୍ଥାନରେ ରହିବାର ଗୌରବ ଅର୍ଜନ କରିଛି । ଭାରତରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସେସ୍ (ଆଇଆଇଏସ୍) ଏହି ର୍‍ୟାଙ୍କରେ ପ୍ରଥମ ସ୍ଥାନରେ ରହିଥିବା ବେଳେ କିଟ୍ ୫ମ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ହେବାର ଗୌରବ ଅର୍ଜନ କରିଛି । ଚଳିତବର୍ଷ ଟାଇମ୍ସ ହାଇଅର ଏଜୁକେସନ୍ ବିଶ୍ୱ ବିଶ୍ୱବିଦ୍ୟାଳୟ ର୍‍ୟାଙ୍କିଂର ଆକାଡେମିକ୍ ଏକ୍ସେଲେନ୍ସରେ କିଟ୍ ସମଗ୍ର ବିଶ୍ୱରେ ୨୫୯ତମ ସ୍ଥାନରେ ରହିଛି । ଟାଇମ୍ସ ହାଇଅର ଏଜୁକେସନ୍ ୫ଟି ମାନଦଣ୍ଡକୁ ନେଇ ର୍‍ୟାଙ୍କିଂ ପ୍ରଦାନ କରିଥାନ୍ତି । କିଟ୍ ବିଶ୍ୱବିଦ୍ୟାଳୟ ଇଣ୍ଡଷ୍ଟ୍ରି ଇଣ୍ଟିଗ୍ରେସନ୍, ଇଣ୍ଟରନ୍ୟାସନାଲ ଆଉଟ୍‌ଲୁକ୍ ଓ ସୋସିଆଲ୍ କମିଟ୍‌ମେଣ୍ଟ (ଏସ୍‌ଡିଜି) ମାନଦଣ୍ଡରେ ଭାରତରେ ଶ୍ରେଷ୍ଠ ପ୍ରଦର୍ଶନ କରିଛି ।

ଚଳିତବର୍ଷ ମଧ ଦେଶର ପୂର୍ବାଞ୍ଚଳ ଓ ଓଡ଼ିଶା ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ କିଟ୍ ପ୍ରଥମ ସ୍ଥାନରେ ରହିପାରିଛି । କିଟ୍ ଖୁବ୍ କମ୍ ଦିନର ଏକ ବିଶ୍ୱବିଦ୍ୟାଳୟ ହୋଇଥିବା ବେଳେ ବିଶ୍ୱର ଲବ୍ଧ ପ୍ରତିଷ୍ଠିତ ଓ ପୁରାତନ ବିଶ୍ୱବିଦ୍ୟାଳୟଗୁଡ଼ିକ ସହ ସମକକ୍ଷ ହୋଇ ଏତେ ଉନ୍ନତ ପ୍ରଦର୍ଶନ କରିଥିବାରୁ ବହୁଶିକ୍ଷାବିତ୍ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ସାଧୁବାଦ ଜଣାଇଛନ୍ତି ।

ବିଶ୍ୱବିଶ୍ୱବିଦ୍ୟାଳୟ ର୍‍ୟାଙ୍କିଂ ୨୦୨୬ରେ କିଟ୍‌ର ଏହି ପ୍ରଦର୍ଶନକୁ ପ୍ରଶଂସା କରାଯାଇଛି । ଟାଇମ୍ସ ପକ୍ଷରୁ କୁହାଯାଇଛି, କିଟ୍‌ର ଏହି ପ୍ରଦର୍ଶନ ଦଶନ୍ଧି ଧରି ସ୍ଥାନୀୟ ଉତ୍କର୍ଷତାରୁ ବିଶ୍ୱସ୍ତରୀୟ ସ୍ୱୀକୃତିକୁ ପ୍ରତଫଳିତ କରୁଛି । ଓଡ଼ିଶା ଭଳି ଏକ ଛୋଟ ରାଜ୍ୟରେ କିଟ୍ ପ୍ରତିଷ୍ଠା ହୋଇଥିଲେ ମଧ ବିଶ୍ୱରେ ତାର ପରିଚୟ ପ୍ରତିଫଳିତ ହେବା ସହ ସ୍ୱୀକୃତି ଲାଭ କରିପାରିଛି । କିଟ୍ ଓଡ଼ିଶାର ଏକ ସାମାଜିକ ଅନ୍ତର୍ଭୁକ୍ତି



ବିଶ୍ୱବିଦ୍ୟାଳୟ ନବସର୍ଜନା, କରୁଣା ଏବଂ ଗୁଣାତ୍ମକ ଶିକ୍ଷା ମାଧ୍ୟମରେ ବିଶ୍ୱର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟମାନଙ୍କ ସହିତ ପ୍ରତିଯୋଗିତା କରିପାରେ ବୋଲି ଏହି ର୍‍ୟାଙ୍କିଂରୁ ସ୍ପଷ୍ଟ ହୋଇଛି ।କିଟ୍‌ର ଏହି ସଫଳତାରେ ଖୁସି ବ୍ୟକ୍ତ କରି ଶ୍ରୀ ସାମନ୍ତ କହିଛନ୍ତି, ପ୍ରତ୍ୟେକ ରାଜ୍ୟ ବିଶ୍ୱ ବିଶ୍ୱବିଦ୍ୟାଳୟ ର୍‍ୟାଙ୍କିଂରେ ବିଶ୍ୱର ଶ୍ରେଷ୍ଠ ୫ଶହଟି ବିଶ୍ୱବିଦ୍ୟାଳୟ ମଧ୍ୟରେ ରହିବାକୁ ଆଶା ରଖିଥାନ୍ତି । କିଟ୍ ମାତ୍ର ୨୮ ବର୍ଷର ଅନୁଷ୍ଠାନ ଓ ୨୨ ବର୍ଷର ବିଶ୍ୱବିଦ୍ୟାଳୟ ହୋଇଥିବା ବେଳେ ଏହା ବିଶ୍ୱର ବହୁଲବ୍ଧ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ମଧ୍ୟରେ ୫୦୧କୋହର୍ଟ ମଧ୍ୟ ସ୍ଥାନ ପାଇବାର ଗୌରବ ଅର୍ଜନ କରିଛି । ଏହା ଠାକୁରଙ୍କ ଆଶୀର୍ବାଦ ଓ ଓଡ଼ିଶାବାସୀଙ୍କ ଶୁଭେଚ୍ଛା ପାଇଁ ସମ୍ଭବ ହୋଇପାରିଛି ବୋଲି ସେ କହିଛନ୍ତି । ଏହା ଓଡ଼ିଶା ତଥା ଭାରତ ପାଇଁ ଗର୍ବ ଓ ଗୌରବର ବିଷୟ । ଏହି ସଫଳତା ପାଇଁ କିଟ୍ ବିଶ୍ୱବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ପ୍ରତିଷ୍ଠାତା ଶ୍ରୀ ସାମନ୍ତଙ୍କ ନିରନ୍ତର ପ୍ରଚେଷ୍ଟା ଓ ଦୂରଦୃଷ୍ଟିକୁ ସାଧୁବାଦ ଜଣାଇଛନ୍ତି ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, Email : odishamanthan@gmail.com

● Editor : Sarat Raut

ସଂପାଦକ: ଶରତ ରାଉତ